



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର, ୦୧ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 01 JUNE 2022
Vol.No. 33 ■ No. 143 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧
ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ସୌରିନ୍ଦ୍ରୀ ସାହୁଙ୍କର ରଫ୍ଖାତାର ଚିତ୍ର
ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ଚାଷୀଙ୍କ ଆକାଉଣ୍ଟକୁ ଗଲା ଟଙ୍କା

ନୂଆଦିଲ୍ଲୀ, ୩୧/୦୫ : ହିମାଚଳପ୍ରଦେଶ ସିମଲାରେ ପହଞ୍ଚିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସିମଲାରେ ଆୟୋଜିତ ଗରିବ କଲ୍ୟାଣ ସମ୍ମିଳନୀରେ ସାମିଲ ହୋଇଛନ୍ତି । ଏହି ଅବସରରେ ୯ ମନ୍ତ୍ରାଳୟ ଦ୍ୱାରା ଦେଶବ୍ୟାପୀ କାର୍ଯ୍ୟକାରୀ ହେଉଥିବା ୧୬ଟି କେନ୍ଦ୍ରୀୟ ଯୋଜନାର ହିତାଧିକାରୀଙ୍କ ସହ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ । ଏଥି ସହ ପିଏମ୍ କିଶାନ ସମ୍ମାନ ନିଧିର ଏକାଦଶ କିସ୍ତି ପ୍ରଦାନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏକାଦଶ କିସ୍ତି ଟଙ୍କା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯାଇଛି । ଏହି କିସ୍ତି ବାବଦ ମୋଟ୍ ୨୧ ହଜାର କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯିବ । ପିଏମ୍ କିଶାନ



ସମ୍ମାନ ନିଧି ଯୋଜନାରେ କେନ୍ଦ୍ର ସରକାର ଚାଷୀଙ୍କୁ ବର୍ଷକୁ ୬ ହଜାର ଟଙ୍କା ପ୍ରଦାନ କରାଯାଇଛି । ବର୍ଷକୁ ତିନିଟି କିସ୍ତିରେ ଏହି ଟଙ୍କା ଚାଷୀଙ୍କ ବ୍ୟାଙ୍କ ଖାତାକୁ ପଠାଯାଉଛି । ଦେଶର ୧୧ କୋଟି ୭୮ ଲକ୍ଷ ଚାଷୀଙ୍କ ଖାତାକୁ ବର୍ତ୍ତମାନ ସୁଦ୍ଧା ୮୨ ହଜାର କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇ ସାରିଲାଣି । ଏହି ଅବସରରେ ମାହାଙ୍ଗା ବରାହିପୁରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏଥିରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଛନ୍ତି ।

## ବିଜେପିରେ ଯୋଗ ଦେବେ ହାର୍ଦ୍ଦିକ

ଅହମ୍ମଦାବାଦ, ୩୧/୦୫ (ନି.ପ୍ର): ନିକଟରେ କଂଗ୍ରେସରୁ ଇସ୍ତଫା ଦେଇଥିବା ହାର୍ଦ୍ଦିକ ପଟେଲ ଏବେ 'ପଦ୍ମ' ଧରିବେ। ଆସନ୍ତା ଜୁନ୍ ୨ ତାରଖରେ ସେ ବିଧିବଦ୍ଧ ଭାବେ ବିଜେପିରେ ଯୋଗଦେବେ। ଏନେଇ ସେ ଖୋଦ୍ ଘୋଷଣା କରିଛନ୍ତି। ହାର୍ଦ୍ଦିକ ପଟେଲ ପୂର୍ବରୁ ହିଁ କଂଗ୍ରେସରୁ ଇସ୍ତଫା ଦେଇସାରିଛନ୍ତି। ଏବେ ସେ ଗୁଜରାଟ ବିଧାନସଭା ନିର୍ବାଚନ ୨୦୨୨ ପୂର୍ବରୁ ବିଜେପିର କାନି ଧରିବାକୁ ଯାଉଛନ୍ତି। କଂଗ୍ରେସ ଛାଡିବା ପରେ ସେ ଆମ ଆଦମୀ ପାର୍ଟିରେ ସାମିଲ ହେବା ନେଇ ଚର୍ଚ୍ଚା ହେଉଥିଲା। କିନ୍ତୁ ଏସବୁ ଚର୍ଚ୍ଚା ଉପରେ ଏବେ ହାର୍ଦ୍ଦିକ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ପ୍ରାପ୍ତ



ସୂଚନା ଅନୁସାରେ, ଏପ୍ରିଲ୍ ମାସରେ ଅହମ୍ମଦାବାଦ ଗସ୍ତରେ ଆସିଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ପଟେଲ୍ ଭେଟିଥିଲେ। ତେଣୁ, ସେ 'ବିଜେପି'ରେ ଯୋଗ ଦେଇ ପାରନ୍ତି ବୋଲି ପୂର୍ବରୁ ଖବର ମିଳିଥିଲା। ଦଳରୁ ଅସନ୍ତୋଷ ହୋଇ ଗୁଜରାଟ କଂଗ୍ରେସର ପୂର୍ବତନ କାର୍ଯ୍ୟନିର୍ବାହୀ ସଭାପତି ହାର୍ଦ୍ଦିକ ପଟେଲ୍ ମେ' ୧୮ ତାରିଖରେ ଟ୍ୱିଟ୍ କରି କଂଗ୍ରେସର ସମସ୍ତ ପଦରୁ ଇସ୍ତଫା ଦେବା କଥା କହିଥିଲେ। ସେ ଟ୍ୱିଟ୍ କରି ଲେଖିଥିଲେ, ' ଆଜି ମୁଁ ଦୃଢ଼ ଆତ୍ମବିଶ୍ୱସର ସହିତ ଗୁଜରାଟ କଂଗ୍ରେସ କମିଟିର କାର୍ଯ୍ୟନିର୍ବାହୀ ସଭାପତି ଏବଂ କଂଗ୍ରେସ ପାର୍ଟିର ମୌଳିକ ସଦସ୍ୟ ପଦରୁ ଇସ୍ତଫା ଦେଉଛି। ମୋ ସିଦ୍ଧାନ୍ତକୁ ମୋର ସମସ୍ତ ସହଯୋଗୀ ଓ ଗୁଜରାଟବାସୀ ଗ୍ରହଣ କରିବେ ବୋଲି ମୁଁ ଆଶା କରୁଛି। ମୋର ମନେହୁଏ, ଏଭଳି ପଦକ୍ଷେପ ଗ୍ରହଣ କରିଥିବାରୁ ଭବିଷ୍ୟତରେ ମୁଁ ଗୁଜରାଟ ପାଇଁ ପ୍ରକୃତରେ କାର୍ଯ୍ୟ କରିପାରିବ।' କଂଗ୍ରେସ ଛାଡିବା ପରେ ହାର୍ଦ୍ଦିକ ପଟେଲ ଦଳକୁ ଟାର୍ଗେଟ ମଧ କରିଥିଲେ। ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଥିଲେ।

## ସିଦ୍ଧୁ ମୁସେୱାଲାଙ୍କ ହତ୍ୟାକାଣ୍ଡରେ ପ୍ରଥମ ଗିରଫଦାରୀ

ଅମୃତସର, ୩୧/୦୫ (ନି.ପ୍ର): କଣ୍ଠଶିଳ୍ପୀରୁ ରାଜନେତା ପାଲଟିଥିବା ସିଦ୍ଧୁ ମୁସେୱାଲାଙ୍କ ହତ୍ୟା ଘଟଣାରେ ପଞ୍ଜାବ ପୁଲିସ୍ ଆଜି ପ୍ରଥମ ଗିରଫଦାରୀ କରିଛି। ସୋମବାର ସନ୍ଧ୍ୟାରେ ଉତ୍ତରାଖଣ୍ଡରୁ ଧରା ପଡ଼ିଥିବା ୬ ଜଣଙ୍କ ମଧ୍ୟରେ ଥିବା ମନପ୍ରୀତ ସିଂହଙ୍କୁ ଆଜି ପୁଲିସ୍ ବିଧିବଦ୍ଧ ଭାବେ ଗିରଫ କରିଛି। ମନପ୍ରୀତ ହେଉଛନ୍ତି ଜଣେ ଡ୍ରଗ ଡିଲର। ତାଙ୍କୁ ପଞ୍ଜାବ ପୁଲିସ୍ ଗିରଫ କରିବା ପରେ କୋର୍ଟରେ ହାଜର କରିଥିଲେ। ଏହାପରେ କୋର୍ଟଙ୍କୁ ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ ପୁଲିସ୍ କଚ ଅନୁମତି ଦେଇଛନ୍ତି। ଏହି ରିମାଣ୍ଡ ସମୟରେ ପୁଲିସ୍ ମନପ୍ରୀତଙ୍କ ଠାରୁ ହତ୍ୟାକାଣ୍ଡର ସୂରାକ ହାସଲ କରିବାକୁ ଚେଷ୍ଟା କରିବ। ପୂର୍ବରୁ ମଧ୍ୟରେ ସେ ବେଆଇନ ଅସ୍ତ୍ରଶସ୍ତ୍ର, ହତ୍ୟା ଉଦ୍ୟମ, ଦଙ୍ଗା ଓ ବେଆଇନ ଭାବେ ଲୋକଙ୍କୁ ଏକାଠି କରିବା ଭଳି ଅପରାଧରେ ▶▶ପୃଷ୍ଠା ୭

## ରାଜ୍ୟସଭା ପାଇଁ ପ୍ରାର୍ଥିପତ୍ର ଦାଖଲ କଲେ ୪ ବିଜେଡି ପ୍ରାର୍ଥୀ

ଭୁବନେଶ୍ୱର, ୩୧/୦୫ (ନି.ପ୍ର): ରାଜ୍ୟସଭା ପାଇଁ ଆଜି ନାମାଙ୍କନ ଦାଖଲ କରୁଛନ୍ତି ୪ ବିଜେଡି ପ୍ରାର୍ଥୀ । ସୁଲତା ଦେଓ, ମାନସ ମଙ୍ଗରାଜ, ସସ୍ମିତ ପାତ୍ର ଓ ନିରଞ୍ଜନ ବିଶି ଭରୁଛନ୍ତି ନାମାଙ୍କନ । ଦଳର ବରିଷ୍ଠ ବିଧାୟକଙ୍କ ଉପସ୍ଥିତିରେ ବିଧାନସଭା ସଚିବାଳୟ ପରିସରରେ ନାମାଙ୍କନ ଦାଖଲ ହେଉଛି । ସଂଖ୍ୟା ଦୃଷ୍ଟିରୁ ଶାସକ ଦଳର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ । ଆସନ୍ତା ଜୁନ୍ ୧୦ରେ ରାଜ୍ୟର ତିନିଟି ରାଜ୍ୟସଭା ସଭ୍ୟ ପଦବୀ ପାଇଁ ନିର୍ବାଚନ ହେବ । ସେହିପରି ଜୁନ୍ ୧୩ ତାରିଖରେ ଗୋଟିଏ ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ହେବ । ଏଥିପାଇଁ



ଜୁନ୍ ୨ ତାରିଖ ନାମାଙ୍କନ ଦାଖଲର ଶେଷ ଦିନ ରହିଛି । ପୂର୍ଣ୍ଣକାଳୀନ କାର୍ଯ୍ୟକାଳ ଥିବା ତିନି ଆସନ ପାଇଁ ମାନସ ମଙ୍ଗରାଜ, ସସ୍ମିତ ପାତ୍ର ଓ ସୁଲତା ଦେଓ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି । ସେହିପରି ସୁବାସ ସିଂଙ୍କ ଇସ୍ତଫା ପରେ ଖାଲି ପଡିଥିବା ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ନିରଞ୍ଜନ ବିଶି ।

## ଓଡ଼ିଶାର ୨ ସହିଦ ଯବାନଙ୍କୁ ମିଳିଲା ଶୌର୍ଯ୍ୟଚକ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୩୧/୦୫(ନି.ପ୍ର): ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆଜି ଓଡ଼ିଶାର ୨ ସହିଦ ଯବାନଙ୍କୁ ମରଣୋତର ଶୌର୍ଯ୍ୟଚକ୍ର ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସହିଦ କମାଣ୍ଡୋ ଦେବାଶିଷ ସେଠୀ ଓ ସୁଧୀର ଟୁଡୁଙ୍କ ସଂପର୍କୀୟଙ୍କୁ ରାଷ୍ଟ୍ରପତି ଏହି ସମ୍ମାନ ପ୍ରଦାନ କରିଛନ୍ତି। ଦେବାଶିଷଙ୍କ ବାପା-ମା' ଓ ସୁଧୀରଙ୍କ ମା'ଙ୍କୁ ରାଷ୍ଟ୍ରପତି ଏହି ସମ୍ମାନ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ବାଘଡା ପଂଚାୟତ ସାନଭଦୁଆ ଗ୍ରାମର ଏସଓଜି କମାଣ୍ଡୋ ସୁଧୀର ଟୁଡୁ କନ୍ଧମାଳ ସୀମାନ୍ତ ସିର୍କି ଜଙ୍ଗଲରେ ମାଓବାଦୀଙ୍କ ସହିତ ଗୁଳି ବିନିମୟରେ ୨୦୨୦ ସେପ୍ଟେମ୍ବର ମାସ ୯ ତାରିଖରେ ସହିଦ ହୋଇଥିଲେ। ତାଙ୍କର ଅପୂର୍ବ ବୀରତ୍ୱ ପ୍ରଦର୍ଶନ ପାଇଁ ଭାରତ ସରକାରଙ୍କ ପକ୍ଷରୁ ୨୦୨୧ ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ଅବସରରେ ମରଣୋତର 'ଶୌର୍ଯ୍ୟଚକ୍ର ' ଘୋଷଣା କରାଯାଇଥିଲା। ସହିଦ ସୁଧିରଙ୍କ ମା' ଜଉନା ଟୁଡୁଙ୍କୁ ଏହି ଶୌର୍ଯ୍ୟଚକ ପ୍ରଦାନ କରାଯାଇଛି। ସେହିପରି ସହିଦ ଦେବାଶିଷ ସେଠୀ ଏସଓଜି କମାଣ୍ଡର ଥିଲା ବେଳେସମାନ ମାଓବାଦୀ ବିରୋଧୀ ଅପରେସନ୍ ବେଳେ ସହିଦ ହୋଇଥିଲେ।

## ବ୍ରଜରାଜନଗର ଉପ ନିର୍ବାଚନ : ଅପରାହ୍ନ ୫ଟା ସୁଦ୍ଧା ୬୯% ମତଦାନ, ଜୁନ୍ ୩ରେ ଗଣତି

ବ୍ରଜରାଜନଗର/ଭୁବନେଶ୍ୱର, ୩୧/୦୫ (ନି.ପ୍ର): ବ୍ରଜରାଜନଗର ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ଶେଷ ହୋଇଛି। ଇଭିଏମ୍ ରେ ସିଲ୍ ହୋଇଛି ୧୧ ପ୍ରାର୍ଥୀଙ୍କ ଭାଗ୍ୟ। ମଙ୍ଗଳବାର ସକାଳ ୭ ଟଶରୁ ମୋଟ ୨୭୯ ଟି ବୁଥ୍ ରେ ଭୋଟ୍ ଗ୍ରହଣ କରାଯାଇଥିବା ବେଳେ ସନ୍ଧ୍ୟା ୫ ଟା ସୁଦ୍ଧା ୬୯% ପ୍ରତିଶତ ମତଦାନ ହୋଇଛି। ଭୋଟ୍ ଗ୍ରହଣ ପରେ ଇଭିଏମ୍ ଗୁଡିକୁ ଷ୍ଟ୍ରଙ୍ଗ୍ ରୁମ୍ ରେ ରଖାଯାଇଛି। ଆସନ୍ତା ଜୁନ୍ ୩ ତାରିଖରେ ଭୋଟ୍ ଗଣତି ପରେ ଫଳାଫଳ ପ୍ରକାଶ ପାଇବ। ବ୍ରଜରାଜନଗର ଭୋଟ ଗ୍ରହଣ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ କହିଛନ୍ତି ଯେ ଶୃଙ୍ଖଳାର ସହ ଭୋଟ ହୋଇଛି।



ବିଶେଷ କିଛି କେଉଁଠି ଅସୁବିଧା ହୋଇନି। ଅପରାହ୍ନ ୫ଟା ସୁଦ୍ଧା ୬୯ ପ୍ରତିଶତ ମତଦାନ ରେକର୍ଡ ହୋଇଛି। ପୋଲିଂ ପାର୍ଟି ଫେରିଲା ପରେ କେତେ ପ୍ରତିଶତ ମତଦାନ ହୋଇଛି ସ୍ପଷ୍ଟ ହେବ। ସେ କହିଛନ୍ତି ଯେ କିଛି ବୁଥରେ ଭୋଟରଙ୍କ ଧାଡ଼ି ଲମ୍ବିଥିବାରୁ ସେଠାରେ ମତଦାନ ଜାରି ରହିଛି । ତେବେ ସନ୍ଧ୍ୟା ୫ଟା ସୁଦ୍ଧା ୬୯ ପ୍ରତିଶତ ମତଦାନ ହୋଇଥିବା ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ । ୩ଟାରୁ ୪ଟା ମଧ୍ୟରେ ଝଡ଼ବର୍ଷା ପାଇଁ ଭୋଟଦାନ ବାଧାପ୍ରାପ୍ତ ହୋଇଥିଲା । ସକାଳୁ ୩ଟି ଇଭିଏମ୍ ରେ ତ୍ରୁଟି ଦେଖାଯାଇଥିଲା । ପରେ ଏକ ବୁଥରେ ସମସ୍ୟା ଦେଖାଦେଇଥିଲା । ▶▶ପୃଷ୍ଠା ୭

## ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଦ୍ୱାରା ପ୍ରଭାବିତ ୨୦ ହଜାରରୁ ଅଧିକ ପରିବାର

ଭୁବନେଶ୍ୱର, ୩୧/୦୫ (ନି.ପ୍ର): ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ପ୍ରଚଳନ ପରଠାରୁ ନମ୍ବର ପ୍ଲେଟ କାମ ଦ୍ୱାରା ରୋଜଗାର କରୁଥିବା ରାଜ୍ୟର ହଜାର ହଜାର ନମ୍ବର ପ୍ଲେଟ ଆର୍ଟିଷ୍ଟମାନେ ବେକାର ହୋଇଯାଇଛନ୍ତି। ଅଦ୍ୟାବଧି ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କ ଜୀବନ ଜୀବିକାର ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଅନ୍ୟପଟେ କିଛି ପୁରୁଣା ଗାଡ଼ିର ନମ୍ବର ପ୍ଲେଟ ଲେଖି ଚଳୁଥିବା ଏହି ଶ୍ରମିକମାନେ ନୂଆ ପରିବହନ ନୀତି ବ୍ୟବହାର ଫଳରେ ସେମାନଙ୍କ ହାତରୁ ରୋଜଗାରକୁ ଛଡ଼ାଇ ନିଆଯାଇଛି। ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ନାମରେ ଏମାନଙ୍କ ରୋଜଗାର ଛଡ଼େଇ ନେଇଥିବାରୁ ସଂଗଠନ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ସରକାର ଝିଂଟିକା ମାରି ବଣି ପୋଷିବା ନିତିରେ ରାଜ୍ୟର ୨୦ ହଜାରରୁ ଉର୍ଦ୍ଧ୍ୱ ପରିବାର ନିଜର ଜବୀନ ଜୀବିକା ହରାଇ ବସିଛନ୍ତି ବୋଲି ଅଲ୍ ଓଡ଼ିଶା ନମ୍ବର ପ୍ଲେଟ ଆର୍ଟିଷ୍ଟ ୱାର୍କର ଆସୋସିଏସନ ପକ୍ଷରୁ ଉତ୍କଳ ସାମ୍ବାଦିକ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦୃଢ ନିନ୍ଦା କରାଯାଇଛି। ଗାଡ଼ିରେ ଲାଗୁଥିବା ହାଇ ସିକ୍ୟୁରିଟି ନମ୍ବର ପ୍ଲେଟର କୌଣସି ସ୍ୱଚ୍ଛତା ନାହିଁ। ନମ୍ବର ପ୍ଲେଟରେ ଦିଆଯାଇଥିବ ବାରକୋଡ୍ ଏବଂ ଚିପ୍‌କୁ ଲିଭେଇଲେ ଲଭିଯାଉଛି। ଏହା କେବଳ ହାଇ ସିକ୍ୟୁରିଟି ନାମରେ ଜନ ସାଧାରଣଙ୍କୁ ଭୂଆଁ ବୁଲାଇ ଲୁଟ୍ କରାଯାଉଛି ବୋଲି ଆସୋସିଏସନ ପକ୍ଷରୁ କୁହାଯାଇଛି। ପ୍ରକୃତ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ କାର୍ଯ୍ୟକାରୀ କରାଯାଇ ନମ୍ବର ପ୍ଲେଟ ପ୍ରଚଳନ କରିବା ପାଇଁ ଆସୋସିଏସନ ପକ୍ଷରୁ ଦାବି କରାଯାଇଛି। ନମ୍ବର ପ୍ଲେଟକୁ ଠିକାକାରଦଙ୍କ ମାଧ୍ୟମରେ ନ କରାଇ ରାଜ୍ୟର ସମସ୍ତ ନମ୍ବର ପ୍ଲେଟ ଆର୍ଟିଷ୍ଟମାନେ ଏହି କାମ କିପରି ପାଇବେ ଏବଂ ସେମାନଙ୍କ ପରିବାର କିପରି ଚଳିବେ ତାହାର ବନ୍ଦୋବସ୍ତ କରିବା ପାଇଁ ସରକାର ଓ ପରିବହନ ବିଭାଗ ନିକଟରେ ଦାବି କରାଯାଇଛି। ଯଦି ସରକାର ଓ ପରିବହନ ▶▶ପୃଷ୍ଠା ୭

## କାଳବୈଶାଖୀ ପାଇଁ ୨୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି


ଭୁବନେଶ୍ୱର, ୩୧/୦୫ (ନି.ପ୍ର): ସାରା ରାଜ୍ୟରେ ଗ୍ରୀଷ୍ମ ଲହରୀ ଜାରି ରହିଛି। ଏହାସହ ଉପକୂଳ ଓଡିଶା ଓ ପାଶ୍ୱବର୍ତୀ ଜିଲ୍ଲାଗୁଡିକରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ତେବେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଘଡଘଡି , ବଜ୍ରପାତ ସହ କାଳବୈଶାଖୀଜନିତ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଂଜାମ, ଗଜପତି, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଂଜ, ଅନୁଗୁଳ, ଢ଼େଙ୍କାନାଳ, କନ୍ଧମାଳ, ବୌଦ୍ଧ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ୨୩ ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଜୁନ୍ ୧ ରୁ ୨ ତାରିଖ ମଧ୍ୟରେ ମାଲକାନଗିରି , କୋରାପୁଟ , ରାୟଗଡ଼ା, ନବରଙ୍ଗପୁର , ଗଜପତି, ଗଂଜାମ, କେନ୍ଦୁଝର, ମୟୂରଭଂଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ▶▶ପୃଷ୍ଠା ୭

## ଏଥର ଜୁନ୍‌ରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା

ଭୁବନେଶ୍ୱର, ୩୧/୦୫ (ନି.ପ୍ର): ଚଳିତ ବର୍ଷ ଜୁନ୍ ମାସରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ । ଚଳିତ ମୌସୁମୀ ଋତୁରେ ରାଜ୍ୟରେ ମିଶ୍ରିତ ବର୍ଷା ହେବାର ସମ୍ଭାବନା ମଧ ରହିଛି। କେଉଁଠି ସ୍ୱାଭାବିକଠାରୁ ଅଧିକ ତ ଆଉ କେଉଁଠି ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ସୂଚନା ଦେଇଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର। ସେ କହିଛନ୍ତି ଯେ ଏବେ ମୌସୁମୀ କେରଳ ସଂପୂର୍ଣ୍ଣ ଭାବେ ଛୁଇଁ ସାରିଲାଣି। ମୌସୁମୀ କର୍ଣ୍ଣାଟକ, ଆସାମ, ମେଘାଳୟରେ ପ୍ରବେଶ କରୁଛି। ସାଧାରଣତଃ ଜୁନ୍ ୧୨ରୁ ୧୫ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁଥାଏ। ଏବର୍ଷ ମଧ୍ୟ ସେହି ସମାନ ସମୟରେ ଓଡିଶାକୁ ମୌସୁମୀ ଆସିପାରେ। ଚଳିତ ମୌସୁମୀ ଋତୁରେ ଓଡ଼ିଶାରେ ମିଶ୍ରିତ ବର୍ଷା ଆକଳନ କରାଯାଇଛି। କିଛି ଅଂଚଳରେ ଅଧିକ, କିଛି ସ୍ଥାନରେ କମ୍ ବର୍ଷିବ । କେନ୍ଦ୍ର ଓଡ଼ିଶା ଓ ଉତର ଓଡ଼ିଶାର କିଛି ଅଂଚଳରେ କମ୍ ବର୍ଷିପାରେ ବୋଲି କହିଛନ୍ତି ଆଇଏମଡି ଡିଜି ।

## ମାହାଙ୍ଗାରୁ ପ୍ରଧାନମନ୍ତ୍ରୀଙ୍କ 'ଗରିବ କଲ୍ୟାଣ ସମ୍ମେଳନ'ରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

ମାହାଙ୍ଗା/ଭୁବନେଶ୍ୱର, ୩୧/୦୫ (ନି.ପ୍ର): ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ହିମାଚଳ ପ୍ରଦେଶର ସିମଲା ଠାରେ 'ଗରିବ କଲ୍ୟାଣ ସମ୍ମେଳନ'ରେ ପିଏମ୍ 'କିଷାନ ସମ୍ମାନ ନିଧି'ର ୧୧ତମ କିସ୍ତି ଚାଷୀଙ୍କୁ ହସ୍ତାନ୍ତର କରିଛନ୍ତି। ଭାରତବର୍ଷର ୧୦ କୋଟିରୁ ଅଧିକ କୃଷକ ମାନଙ୍କୁ ୨୧,୦୦୦ କୋଟିରୁ ଅଧିକ ଟଙ୍କା ଦିଆଯାଇଥିବା ବେଳେ ଓଡ଼ିଶାର ୩୨.୯୮ ଲକ୍ଷ ପଞ୍ଜିକୃତ ଚାଷୀ ଭାଇ ଭଉଣୀ ବ୍ୟାଙ୍କ ଖାତାରେ ୭୦୩.୪୬ କୋଟି ଟଙ୍କା ପାଇ ଲାଭବାନ ହୋଇଛନ୍ତି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କଟକ ଜିଲ୍ଲା ମାହାଙ୍ଗା ବରାହିପୁର ଠାରେ ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦିଙ୍କ ସୁଶାସନର ୮ ବର୍ଷ ପୂର୍ତି ଉପଲକ୍ଷେ ଆୟୋଜିତ 'ଗରିବ କଲ୍ୟାଣ ସମ୍ମେଳନ'ରେ ଶ୍ରୀ ପ୍ରଧାନ ସାମିଲ ହେବା ଅବସରରେ ଏହା କହିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣକୁ ଗରିବ କଲ୍ୟାଣର ହିତାଧିକାରୀଙ୍କ ସହ ଦେଖିଥିଲେ । ପରେ ୬ ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେମାନେ ହେଲେ ରୁକମଣୀ ନାୟକ, ଉଧବ ଚରଣ ପାଢ଼ି, ଭରତ ଜେନା, ଅପର୍ଣ୍ଣା ସେଠୀ, କମଳ ଲୋଚନ ମଲ୍ଲ ଓ ମନୋଜ କୁମାର ନନ୍ଦ। ପ୍ରଧାନମନ୍ତ୍ରୀଙ୍କ 'ଗରିବ କଲ୍ୟାଣ ସମ୍ମେଳନ'ରେ ଯୋଗ ଦେଇଥିବା ହଜାର ହଜାର ସମବେତ ଜନତାଙ୍କୁ ସାଧୁବାଦ ଜଣାଇଥିଲେ କେନ୍ଦ୍ରମନ୍ତ୍ରୀ। ସେ କହିଛନ୍ତି ଯେ ଆଜି ଆମେ ସମସ୍ତେ ମୋଦି ସରକାରଙ୍କ ୮ ବର୍ଷ ସେବା, ସୁଶାସନ ଓ ଗରିବ କଲ୍ୟାଣ ପର୍ବର ସାକ୍ଷୀ ହୋଇଛେ। ଗୁଜୁରାଟର ମୁଖ୍ୟମନ୍ତ୍ରୀ ହେବା ଠାରୁ ପ୍ରଧାନମନ୍ତ୍ରୀ ହେବା ପର୍ଯ୍ୟନ୍ତ ଦୀର୍ଘ ୨୦ ବର୍ଷ ଯାତ୍ରାରେ କୃଷିର ବିକାଶ ଓ କୃଷକଙ୍କ କଲ୍ୟାଣ ପାଇଁ ସର୍ବଦା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଦ୍ଧପରିକର। ମୋଦି ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ପରେ ଶପଥ କରି କହିଥିଲେ 'ମୋ ସରକାର ଗରିବ, କୃଷକ, ମହିଳା ଦଳିତ, ବଂଚିତ, ଜନଜାତିଙ୍କ ପାଇଁ ସମର୍ପିତ ରହିବ'। ଆଜି ଦେଶର ୧୧.୯୨ କୋଟି ଚାଷୀ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ତିନି ମାସରେ ୨ ହଜାର ଟଙ୍କା ହିସାବରେ ବାର୍ଷିକ ୬ ହଜାର ଟଙ୍କା ରାଶି ପାଉଛନ୍ତି । ସେହିପରି ଆବାସ ଯୋଜନାରେ ପକ୍କା ଘର, କିଷାନ ସମ୍ମାନ ନିଧିରେ ଚାଷୀଙ୍କୁ ଟଙ୍କା, ସ୍ୱଚ୍ଛ ଭାରତ ମିଶନରେ ଶୌଚାଳୟ, ଉଜ୍ଜ୍ୱଳାରେ ଗ୍ୟାସ, କରୋନା ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଖାଦ୍ୟାନ୍ନ ଟଙ୍କା ପ୍ରଧାନମନ୍ତ୍ରୀଙ୍କ ▶▶ପୃଷ୍ଠା ୭

## ଆଜିଠାରୁ କଂଗ୍ରେସର ଦୁଇଦିନିଆ ନବସଂକଳ୍ପ ଶିବିର

ଭୁବନେଶ୍ୱର, ୩୧/୦୫ (ନି.ପ୍ର): ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଉଦୟପୁର ଠାରେ ଅନୁଷ୍ଠିତ ହୋଇଥିବା ନବଂସକଳ୍ପ ଶିବିରର ନିଷ୍ପତି ଅନୁଯାୟୀ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆସନ୍ତାକାଲି ଜୁନ୍ ୧ ଓ ୨ ତାରିଖ ଦୁଇଦିନ ବ୍ୟାପି ନବ ସଂକଳ୍ପ ଶିବିର ଆୟୋଜିତ ହେବ। ଭୁବନେଶ୍ୱର ୟୁନିଟ-୪ ସ୍ଥିତ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରସ୍ ସଭା ଗୃହରେ ପୂର୍ବାହ୍ନରେ ପ୍ରଦେଶ କଂଗ୍ରେସ କମିଟି ନବ ନିଯୁକ୍ତ ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ଶିବିର ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର, ଅଖିଳ ଭାରତ କଂଗ୍ରେସ କମିଟି ସଂପାଦକ ଜି.ରୁଦ୍ର ରାଜୁ ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧ ତାରିଖ ବୁଧବାର ବୈଠକରେ ସମସ୍ତ କଂଗ୍ରେସ ସାଂସଦ, ବିଧାୟକ, ପୂର୍ବତନ ସାଂସଦ ଓ ବିଧାୟକ, ପୂର୍ବତନ ପିସିସି ସଭାପତି, ୨୦୧୯ ସାଧାରଣ ନିର୍ବାଚନର ସାଂସଦ ଓ ବିଧାୟକ ପ୍ରାର୍ଥୀ, ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଏଆଇସିସି କର୍ମକର୍ତା ଓ ପୂର୍ବତନ କର୍ମକର୍ତା, ପିସିସି କର୍ମକର୍ତା, ଜିଲ୍ଲା କଂଗ୍ରେସ ସଭାପତି, ରାଜ୍ୟ ସାମୁଖ୍ୟ, ପ୍ରକୋଷ୍ଠ ଓ ବିଭାଗର ମୁଖ୍ୟମାନେ ଯୋଗଦେବେ। ସେହିଭଳି ୨ ତାରିଖ ଗୁରୁବାର ବୈଠକରେ ପୂର୍ବତନ ପିସିସି ସଭାପତି, ଏଆଇସିସି ସଂପାଦକ (ଓଡ଼ିଶା), ଜିଲ୍ଲା କଂଗ୍ରେସ ସଭାପତି, ବ୍ଲକ ଓ ନଗର କଂଗ୍ରେସ ସଭାପତି ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ପ୍ରତିନିଧି ଦଳଙ୍କ ଷଢେଇକଳା ପରିକ୍ରମା

ରାଇରଙ୍ଗପୁର,୩୧/୦୫ (ନି.ପ୍ର): ରାଇରଙ୍ଗପୁର ସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦର ଏକ ପ୍ରତିନିଧି ଦଳ ଗତ ୨୯ ତାରିଖରେ ବିଚ୍ଛିନ୍ନାଚଂଳ ଷଢେଇକଳା ପରିକ୍ରମା କରି ଫେରିଛନ୍ତି । ଉକ୍ତ ଦଳରେ ପରିଷଦର ସଭାପତି ତିମିର ରଞ୍ଜନ ପଣ୍ଡା, ସଂପାଦକ ରଂଜନ କୁମାର ନନ୍ଦ, ସଂଗଠନ ସମ୍ପାଦକ ଡଃ. ଦିଗମ୍ବର ଗିରି, ଉପ-ସଭାପତି କାଳି ପ୍ରସନ୍ନ ମହାନ୍ତି ଓ ଅଧ୍ୟାପକ ବିଜୟ କୁମାର ରାମ ଏବଂ ସହ-ସମ୍ପାଦକ କିଶୋର କୁମାର ରଜକ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ପ୍ରତିନିଧି ଦଳକୁ ଷଢେଇକଳା ମେୟର ଶ୍ରୀମତୀ ମିନାକ୍ଷୀ ପଟ୍ଟନାୟକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପ୍ରତିନିଧି ଦଳର ସମସ୍ତ ସଦସ୍ୟ ସ୍ଥାନୀୟ ଓଡିଆଙ୍କ ଗହଣରେ ଯାଇ ଷଢେଇକଳାର ପ୍ରସିଦ୍ଧ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଉତ୍କଳମଣିଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ । ପରେ ପରେ ସମାଜ ସେବୀ ସୁଦିବ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ପ୍ରତିନିଧି ଦଳ ଷଢେଇକଳାର ଦୁର୍ଗା ମଣ୍ଡପ, ପୁରାତନ ରାଜବାଟୀ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ । ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ ସେବା ସମିତି ଷଢେଇକଳା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ରାଇରଙ୍ଗପୁରର ସଦସ୍ୟ ମାନଙ୍କୁ ନେଇ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ସେବା ସମିତିର ସଭାପତି ସିଦ୍ଧାର୍ଥ ଶଙ୍କର ସିଂଦେଓଙ୍କ ସ୍ୱାଗତ ଭାଷଣ ପ୍ରଦାନ ପରେପରେ ସମସ୍ତ ସଦସ୍ୟ ନିଜ ନିଜର ପରିଚୟ ରଖିଥିଲେ । ସେବା ସମିତିର ସମ୍ପାଦକ ପାର୍ଥସାରଥି ଦାଶ ସେବା ସମିତି ଏବଂ ଜଗନ୍ନାଥ ମନ୍ଦିରର ଇତିବୃତି ଉପସ୍ଥାପନ କରିଥିଲେ ଏବଂ ଚନ୍ଦ୍ର ଶେଖର ମହାପାତ୍ର ସୁନ୍ଦର ଭଜନ ପରିବେଷଣ କରିଥିଲେ । ରାଇରଙ୍ଗପୁର ପରିଷଦର ସମ୍ପାଦକ ରଞ୍ଜନ କୁମାର ନନ୍ଦ ଷଢେଇକଳା ପରିକ୍ରମାର ଉଦ୍ଦେଶ୍ୟ ଉପସ୍ଥାପନ କରିବା ସହ ସଭା କାର୍ଯ୍ୟର ମନଛୁଆଁ ସଂଯୋଜନା କରିଥିଲେ । ଆଗାମୀ ଜୁନ୍ ମାସ ୧୯ ତାରିଖରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ରାଇରଙ୍ଗପୁର ପକ୍ଷରୁ 'ଶ୍ରୀଜଗନ୍ନାଥ ଉପାସନାରେ ଅଣସର ନୀତି ଏକ ଆଲୋଚନା ' ଶୀର୍ଷକ ଜାତୀୟ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିବା ପାଇଁ ସଢେଇକଳା ପରିଷଦର ସଦସ୍ୟ ମାନଙ୍କୁ ନିମନ୍ତ୍ରଣ କରାଯିବାସହ ବରିଷ୍ଠ ସଦସ୍ୟ ମାନଙ୍କୁ ଅତିଥି ରୂପେ ଯୋଗ ଦେବାପାଇଁ ଅନୁରୋଧ କରାଯାଇଥିଲା । ପୁନଶ୍ଚ ରାଇରଙ୍ଗପୁର ପରିଷଦ ପକ୍ଷରୁ ରାସ ପୂର୍ଣ୍ଣମାରେ ଆୟୋଜିତ ହେଉଥିବା 'ମୁରୁଜରେ ମୋ ଜଗନ୍ନାଥ'- ପଥ ମହୋତ୍ସବରେ ଅଂଶଗ୍ରହଣ କରିବାପାଇଁ ପ୍ରସ୍ତାବ ରଖାଯାଇଥିଲା । ନେତ୍ରୋତ୍ସବ ଦିନ ଷଢେଇକଳାରେ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଭଜନ ସଂନ୍ଧ୍ୟା ଆୟୋଜନ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା । ସମସ୍ତ ପ୍ରସ୍ତାବ ଓ ସୂଚନାକୁ ଶ୍ରୀଜଗନ୍ନାଥ ସେବା ସମିତି ଷଢେଇକଳାର ସଦସ୍ୟ ମାନେ ସାଦରେ ଗ୍ରହଣ କରିଥିଲେ । ଏହି ସଭାରେ ସେବା ସମିତିର ସହ-ସଚିବ ପର୍ଶୁରାମ କବି, କୋଷାଧ୍ୟକ୍ଷ ଚିରଞ୍ଜିବୀ ମହାପାତ୍ର, ନୀଳକଣ୍ଠ ଷଡଙ୍ଗୀ, ସୁଧିର ଚନ୍ଦ୍ର ଦାଶ, ଗଣେଶ ଶତପଥୀ, ବ୍ରହ୍ମାନନ୍ଦ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ପାର୍ଥସାରଥି ଦାଶ, ଦୁଖୁରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ବଦ୍ରୀନାରାୟଣ ଦାରଘା ଧନ୍ୟବାଦ ଅର୍ପଣ କରିଥିଲେ ।

# ନଈ ଭିତରେ କୁମ୍ଭୀର ସହ ଲଢ଼େଇ : ମରଣମୁହଁରୁ ବର୍ତ୍ତି ଆସିଲା ନାବାଳକ

ପଟ୍ଟାମୁଣ୍ଡାଇ,୩୧/୦୫ (ନି.ପ୍ର): ନଈ ଭିତରେ କୁମ୍ଭୀର ସହ ଜଣେ ନାବାଳକର ଲଢ଼େଇ ! ପ୍ରାୟ ୧୫ ମିନିଟ୍ ଧରି ଏହି ଲଢ଼େଇ ଚାଲିଥିଲା । ଏହି ଲଢ଼େଇର ଶେଷ ପରିଣତି କ'ଣ ହେବ, ଯେ କେହି ବି ପୂର୍ବରୁ ଅନୁମାନ କରିଦେଇ ପାରିବେ । ମାତ୍ର, ସାହସର ସହ ଲଢ଼ିଥିଲେ ଏହି ନାବାଳକ । କେବଳ କୁମ୍ଭୀରକୁ ପରାସ୍ତ କରିନାହାନ୍ତି, ମୃତ୍ୟୁ ମୁଖରୁ ବି ବର୍ତ୍ତି ଯାଇଛନ୍ତି । ହେଲେ, କୁମ୍ଭୀର ସହ ଲଢ଼େଇରେ ତାଙ୍କ ଦୁଇ ଗୋଡ, ହାତ ଓ ପିଠିରେ ଆଘାତ ଲାଗିଛି । ଗୁରୁତର ଭାବେ ଆହତ ହୋଇଥିବାରୁ ପ୍ରଥମେ କେନ୍ଦ୍ରାପଡ଼ା ଏବଂ ପରେ କଟକ ବଡ଼ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଏହି ନାବାଳକ ହେଉଛନ୍ତି, କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଲୁରିଆ ପଂଚାୟତର ଆରାଜି ଗ୍ରାମର ମନୋଜ ସାହୁଙ୍କ ପୁଅ ଓମ୍‌ପ୍ରକାଶ । ଓମ୍‌ପ୍ରକାଶ (୧୫ବର୍ଷ) । ଓମ୍‌ପ୍ରକାଶ ବଲୁରିଆ ହାଇସ୍କୁଲର ୧୦ମ ଶ୍ରେଣୀର ଛାତ୍ର । ସୋମବାର ଅପରାହ୍ନରେ ଓମ୍ ତାଙ୍କର ସାଙ୍ଗମାନଙ୍କ ସହ କାଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ । ଅରାଜି ଗ୍ରାମର ୧ ନମ୍ବର ୱାର୍ଡ ନିକଟରେ ଥିବା ନଦୀ ତୁଠରେ ପାଣିର ଗଭୀରତା ୪ ରୁ ୫ ଫୁଟ ଥିଲା । ଓମ୍‌ଙ୍କ ସାଙ୍ଗମାନେ ଉପରେ ଥିବାବେଳେ ସେ ନଦୀ ଭିତରକୁ ପଶି ଯାଇଥିଲେ । ପୂର୍ବରୁ ପାଣି ଭିତରେ ଥିବା ୧୦ ଫୁଟରୁ ଅଧିକ ଲମ୍ବର ଏକ ବଉଳା କୁମ୍ଭୀର ହଠାତ୍ ତାଙ୍କ ଉପରକୁ ଝପଟି ଆସିଥିଲା । ତାଙ୍କର ଗୋଡ଼କୁ କାମୁଡ଼ି ଧରିଥିଲା । ଅନ୍ୟ ଏକ ଗୋଡ଼ରେ ଓମ୍ କୁମ୍ଭୀର ମୁହଁକୁ ଶକ୍ତ ଗୋଇଠା ଦେବାରୁ ସେ କାମୁଡ଼ିଥିବା ଗୋଡ଼କୁ ଛାଡି ଦେଇଥିଲା । କିନ୍ତୁ, କୁମ୍ଭୀର ପୁଣି ଓମ୍‌ଙ୍କୁ କାମୁଡ଼ିବାକୁ ଉଦ୍ୟମ କରିଚାଲିଥିଲା । ସାହସର ସହ ଓମ୍ କୁମ୍ଭୀରକୁ ସାମ୍ନା କରିବା ସହ ପାଣି ଭିତରେ ଲଢ଼େଇ କରିଥିଲେ । ଉପରେ ଥିବା ଓମ୍‌ଙ୍କ ସାଙ୍ଗମାନେ ପାଟି କରି ଲୋକଙ୍କୁ ଡାକ ପକାଇଥିଲେ । ଏଭଳି ସ୍ଥିତିରେ ଓମ୍‌ଙ୍କୁ ଛାଡ଼ି କୁମ୍ଭୀର ସେଠାରୁ ପଳାଇ ଯାଇଥିଲା । ଉପରେ ଥିବା ପିଲାମାନେ ଗାମୁଛା ସାହାଯ୍ୟରେ ଆହତ ଓମ୍ ?ଙ୍କୁ ଉପରକୁ ଟାଣି ଟାଣି ଆଣିଥିଲେ । କୂଳକୁ ଆସିବାପରେ ଓମ୍ ଅଚେତ ହୋଇ ପଡ଼ିଯାଇଥିଲେ । ତାଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ସୃଷ୍ଟି ହୋଇଛି । ଖବର ପାଇ ପରିବାର ଲୋକେ ସେଠାରେ ପହଞ୍ଚି ଓମ୍‌ଙ୍କୁ ମେଡିକାଲ ନେଇଥିଲେ । ସେ ଏବେ କେନ୍ଦ୍ରାପଡ଼ା ଓ ପରେ କଟକ ବଡ଼ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଗଲା କିଛିମାସ ହେବ କୁମ୍ଭୀର ଉପଦ୍ରବ ବଢିବାର ଲାଗିଛି । ବାରମ୍ବାର କୁମ୍ଭୀର ଆକ୍ରମଣ ଘଟଣା ଘଟୁଥିବାରୁ ଏହି ବ୍ଲକ୍ ଅଞ୍ଚଳର ଲୋକମାନେ ନଦୀକୁ ଯିବାକୁ ଭୟ କରୁଛନ୍ତି । ଜଙ୍ଗଲ ବିଭାଗ ଏ ଦିଗରେ କୌଣସି ଠୋସ ପଦକ୍ଷେପ ନେଉ ନଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଯାହାଫଳରେ ଲୋକମାନେ ନଦୀ ମଧ୍ୟକୁ ଗାଧୋଇବାକୁ ଯିବାକୁ ଭୟ କରୁଛଥିବା ସ୍ଥାନୀୟ ଲୋକେ କହିଛନ୍ତି ।

## ଯଦୁପୁର ପ୍ରାଥମିକ କୃଷି ସମବାୟ ସମିତିରେ ବ୍ୟାପକ ଦୁର୍ନୀତି

କେନ୍ଦ୍ରାପଡା,୩୧/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ଯଦୁପୁର ପ୍ରାଥମିକ କୃଷି ସମବାୟ ସମିତିରେ ବ୍ୟାପକ ଦୁର୍ନିତି ହୋଇଥିବା ନେଇ କେତେକ ସଭ୍ୟ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, କୃଷି ସମବାୟ ସମିତିର ପୂର୍ବତନ ସଭାପତି, ସଂପାଦକ, ବର୍ତମାନର କାର୍ଯ୍ୟକାରୀ ସଂପାଦକଙ୍କ ସହ ସହଯୋଗରେ ବ୍ୟାପକ ଦୁର୍ନିତି କରିଥିବା ନେଇ ଅଭିଯୋଗ କରିଥିଲେ । ୨୦୧୮ ମସିହାରେ ଅଧିକାଂଶ ସଭ୍ୟଙ୍କର ଅଜାଣତରେ ସେମାନଙ୍କ ନାମରେ ଜେଏଲଜି ଋଣ ଆତ୍ମସାତ କରିଥିବା ନେଇ ଚଳିତ ମାସ ୧୦ ତାରିଖରେ ଏଆର ସିଏସ ଏବଂ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଏଥର ସହିତ ସମବାୟ ସମିତିର ନିର୍ବାଚନ ଥିବାରୁ ଭୋଟର ତାଲିକାରେ ମଧ୍ୟ ବ୍ୟାପକ ଚଂଚକତା କରିଥିବା ଜଣାପଡିଛି । ଏହି ଘଟଣାର ତଦନ୍ତ କରିବା ପାଇଁ ଅଧିର ଦାସ, ସୁକାନ୍ତ ବେହେରା, ସମୀର ସାହୁ, ବିକ୍ରମ ନାଥ, ରବିନ୍ଦ୍ର ସାହୁ, ବିଶ୍ୱ ରଞ୍ଜନ ଓଝା ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଭେଟି ଦାବି କରିଛନ୍ତି ।

## ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମଟିର ତିନିଦିନିଆ ସହଯୋଗ ତାଲିମ ଶିବିର ଉଦ୍‌ଯାପିତ

ନୂଆପଡ଼ା,୩୧/୦୫ (ନି.ପ୍ର): ନୂଆପଡା ଜିଲ୍ଲା ଶିକ୍ଷା ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଖଡିଆଳ ବ୍ଲକ ଶିକ୍ଷା ବିଭାଗ ତରଫରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ପରିଚାଳନା କମିଟୀର ସଦସ୍ୟ/ସଦସ୍ୟା ମାନଙ୍କୁ ନେଇ ସହଯୋଗ ତାଲିମ ଶିବିର ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷୀରେ ଖଡିଆଳ ବ୍ଲକ ଚଳାନପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚଳାନପଡା ଆଂଚଳିକ ସାଧନକର୍ମୀ ଲକ୍ଷ୍ମୀନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ସହଯୋଗ ତାଲିମ ଶିବିର ତିନିଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପରିଚାଳନା କମିଟୀ ବିଦ୍ୟାଳୟରେ ଗଠନମୂଳକ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ବିଭିନ୍ନ ପ୍ରକାର ତାଲିମ ପ୍ରଦାନ କରାଯାଇଥିଲା । ଶିବିରରେ ପରିଚାଳନା କମିଟୀ ସଭାପତି ଶଶିଦେବ ଗହୀର, ପ୍ରଧାନ ଶିକ୍ଷୟତ୍ରୀ ସୁରୈୟା ସୁଲତାନା, ସଦସ୍ୟା ସୁଜତା ବାରିକ, ସୁପ୍ରଭା କୁମାର, ତିଲୋତମା ଦଣ୍ଡସେନା, ସଦସ୍ୟ ଚିନ୍ତା ନାଏକ, ବୁଧବାରୀ ରଣା, ଆଶା ଗାୟତ୍ରୀ ବାରିକ, ଅଙ୍ଗନୱାଡି କର୍ମୀ ସୁନିତା ନାଏକ, ୱାର୍ଡ ମେମ୍ବର ପ୍ରଶାନ୍ତ କୁମାର ବାରିକ ଉପସ୍ଥିତ ରହି ତାଲମ ଗ୍ରହଣ କରିଥିଲେ ।

# ପିଇବା ପାଣି ପାଇଁ ଡହଳ ବିକଳ ଗ୍ରାମବାସୀ

ଜୟପୁର,୩୧/୦୫ (ନି.ପ୍ର): ଗ୍ରୀଷ୍ମ ଦିନ ଆରମ୍ଭ ରୁ ଶେଷ ହେବାକୁ ବସିଲାଣି ହେଲେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକରେ ଲାଗିରହିଛି ପାନୀୟ ଜଳର ଉତ୍କଟ ସମସ୍ୟା ପାଣି ପାଇଁ ଡ଼ହଳ ବିକଳ ଗ୍ରାମବାସୀ ।ଗାଁ ରେ ଅଛି ୩ ଟି ନଳକୂପ । ୨ଟି ନଳକୂପ ଖରାପ ହୋଇ ପଡି ରହିଛି । ତେଣୁ ବିଦ୍ୟାଳୟ ପରିସରରେ ଥିବା ଗୋଟିଏ ନଳକୂପ ହିଁ ଭରସା ସାଜିଛି ଗ୍ରାମ ବାସୀଙ୍କ ପାଇଁ। ପାଣି ଟୋପାଏ ପାଇଁ ମହିଳାମାନଙ୍କୁ ପ୍ରତି ଦିନ ଗୋଟିଏ ନଳକୂପ ପାଖରେ ଲାଗିବାକୁ ପଡେ ଲମ୍ବା ଲାଇନ । ପାଣି ମୁନ୍ଦାଏ ପାଇଁ ଏବେ ବି ଲୋକଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପାଇଁ ପଡୁଛି । ଘରେ ଘରେ ପିଇବା ପାଣି ପହଂଚିବା ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି ଏବଂ ତା ବାବଦ କୁ ଲୋକ୍ଷାଧିକ ଟଙ୍କା ବି ଖର୍ଚ୍ଚ କରାଯାଉଛି ହେଲେ ବୋରିଗୁମ୍ମା ବ୍ଲକରେ ପାନୀୟ ଜଳ ସମସ୍ୟା ଦିନକୁ ଦିନବୃଦ୍ଧି ପାଇବାରେ ଲାଗିଛି । ଏ ଦୃଶ୍ୟ ହେଉଛି କୋରାପୁଟ ଜିଲ୍ଲା ବୋରିଗୁମା ବ୍ଲକ ଅନ୍ତର୍ଗତ କୁମୁଲି ଗ୍ରାମପଞ୍ଚାୟତ ପରଜା ପାତ୍ରପୁଟ ଗାଁର । ସୂଚନାଯୋଗ୍ୟ ଯେ ଗାଁରେ ବସବାସ କରନ୍ତି ପ୍ରାୟ ୨୦୦ ପରିବାର । ଏମାନଙ୍କର ଏବେ ପାନୀୟଜଳ ମୁଖ୍ୟ ସମସ୍ୟା ହୋଇ ପଡିଛି । ବିଦ୍ୟାଳୟ ପରିସରରେ ଥିବା ଗୋଟିଏ ନଳକୂପ ହିଁ ଏମାନଙ୍କର ଭରସା , ତଳ ସାହି ଏବଂ ଉପର ସାହିର ଲୋକ ମାନେ ଏହି ଗୋଟିଏ ନଳକୂପ ଉପରେ ହିଁ ଭରସା କରୁଛନ୍ତି । ସାହି ରେ ଥିବା ୨ଟି ନଳକୂପ ଅଚଳ ହୋଇଥିବାରୁ ପାନୀୟ ଜଳ ପାଇଁ ବହୁ ଅସୁବିଧାରେ ପଡୁଛନ୍ତି ଏଠାକର ଲୋକ । ମହିଳା ମାନେ କାମ ଧନ୍ଦା କୁ ନ ଯାଇ ନଳକୂପ ପାଖରେ ଘଣ୍ଟା ଘଣ୍ଟା ଅପେକ୍ଷା କରି ସମୟ ବିତିଯାଉଛି ସବୁଠୁ ବଡ କଥା ହେଲା ବିଦ୍ୟାଳୟ ର ପାଚେରୀ କାମ ଚାଲିଛି କାମ ସରିଗଲେ ବିଦ୍ୟାଳୟ ଗେଟ ତାଲାପୋଡିଯିବ ତା ପରେ କଣ ପରିଣତି ତାହା ଚିନ୍ତାର ବିଷୟ ବୋଲି ମହିଳା ମାନେ କହିଛନ୍ତି ଏ ନେଇ ସ୍ଥାନୀୟ ସରପଞ୍ଚ,ପଞ୍ଚାୟତ ଅଧିକାରୀ ଓ ସ୍ଥାନୀୟ ବିଡିଓଙ୍କୁ ବାରମ୍ବାର ଅଭିଯୋଗ କରିଛନ୍ତି କିନ୍ତୁ ପାନୀୟ ଜଳର ସମସ୍ୟାର ସମାଧାନ ଗାଁରେ ହୋଇନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ଖରା ଦିନ ଆରମ୍ଭରୁ ନଳକୂପ ମରାମତି କରି ଏହାର ପରିବେଶ ସଫା ସୁତୁରା ରଖିବା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି । ନଳକୂପ ତଳେ ଲୋକଙ୍କ ସୁବିଧା ପାଇ ଉନ୍ନତ ମାନର ମାର୍ବଲ ପକାଇ ଚକାଚକ କରିଛନ୍ତି କିନ୍ତୁ ନଳକୂପରୁ ପାଣି ବାହାରୁନାହିଁ ଏହାକୁ ନେଇ ,କେବଳ ଅର୍ଥ ଆତ୍ମସାତ ବ୍ୟତୀତ ଲୋକଙ୍କ ସମସ୍ୟାର ସାମାଧାନ ହେଉନଥିବାରୁ ଏବେ ଏନେଇ ସାଧାରଣରେ ପ୍ରଶ୍ନ ଉଠୁଛି । ଉକ୍ତ ଗ୍ରାମରେ ମଧ ନଳକୂପର ପାରିପାର୍ଶ୍ୱିକ ବିକାଶ ହୋଇଛି କିନ୍ତୁ ନଳକୂପ ରୁ ପାଣି ଦୀର୍ଘ ଦିନ ହେବ ନ ବାହାରି ଲୋକେ ହନ୍ତସନ୍ତ ହେଉଛନ୍ତି । ତୁରନ୍ତ ଏହାର ସମାଧାନ କରି ଗ୍ରାମରେ ଥିବା ନଳକୂପ କୁ ମରାମତି ଏବଂ ଅନ୍ୟ ୨ଟି ନଳକୂପ ଯୋଗାଇ ଦେବା ପାଇଁ ଦାବି କରିଛନ୍ତି ଗ୍ରାମବାସ ।

# ମାଥିଲିରେ ଆମ ପୁଲିସ ସମିତି ବୈଠକ

ମାଲକାନଗିରି,୩୧/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ଥାନା ପକ୍ଷରୁ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ମାଥିଲି ପଞ୍ଚାୟତ ଓ ଦଳପତିଗୁଡା ପଞ୍ଚାୟତ ଅଞ୍ଚଳର ଲୋକଙ୍କୁ ନେଇ ମାଥିଲି ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକଙ୍କ ଅଧ୍ୟକ୍ଷତାରେ ଥାନା ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସ୍ଥାନୀୟ ଲୋକଙ୍କୁ ଘରୋଇ ହିଂସା , ମାଦକ ଦ୍ରବ୍ୟ ସେବନ ଓ ବିକ୍ରିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା , ଆଇନ ସେବା ପ୍ରାଧିକରଣ ବାବଦରେ ବୁଝାଯିବା ସହ ଗ୍ରାମାଞ୍ଚଳରେ ପଞ୍ଚାୟତରେ ଅପରାଧିକ ମାମଲାକୁ ନେଇ ବୈଠକ ନକରିବାକୁ କୁହାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶନାୟକ ନକ୍ସଲ ଦମନରେ ସ୍ଥାନୀୟ ଲୋକଙ୍କ ଭୂମିକା ସାରା ରାଜ୍ୟ ପାଇଁ ଉଦାହରଣ ପାଲଟିଥିବା କହିଥିବାବେଳେ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଭାଇଚାରା ବଜାୟ ରଖିବାକୁ ନିବେଦନ କରିଥିଲେ । ଏହି ଅବସରରେ ଗତ ଦିନରେ ପୁଲିସ ପକ୍ଷରୁ ଦାଖଲ କରାଯାଇଥିବା କିଛି ମାମଲା ବାବଦରେ ମଧ୍ୟ ଆଲୋଚନା କରାଯିବା ସହ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ଥାନାରେ ମୋ ସରକାର ବ୍ୟବସ୍ଥା ରହିଛି , ଯାହା ପୁଲିସ ସେବା ଲୋକଙ୍କ ପାଇଁ ବୋଲି ପୁଲିସ ଅଧିକାରୀମାନେ କହିଛନ୍ତି । ଏଥି ?ସହ ମାଥିଲି ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଯେ କୌଣସି ବ୍ୟକ୍ତି ବିଶେଷ ଥାନାକୁ ଆସିଲେ ସେମାନଙ୍କ ମାମଲା ବାବଦରେ ସମ୍ପୂର୍ଣ୍ଣ ଅବଗତ କରାଇବା ବାବଦରେ ପୁଲିସ ଓ ଉପସ୍ଥିତ ଜନପ୍ରତିନିଧି ମଧ୍ୟରେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମହେଶ କୁମାର୍ ବାକା, ସମ୍ମାନିତ ଅତିଥି ଭାବେ ମାଥିଲି ସରପଞ୍ଚ କାନାମରାଜୁ ନାୟକ, ଦଳପତିଗୁଡା ସରପଞ୍ଚ ରୁକ୍ମଣୀ ପୂଜାରୀ , ମାଥିଲି ପୂର୍ବତନ ଜିଲ୍ଲା ପରିଷଦ ବାଲ୍ଲାରାଜୁ କପେ, ଆଦିବାସୀ ମହାସଂଘ ସଭାପତି ହଳଦର୍ ପୂଜାରୀ,ବଜାର କମିଟି ସଭାପତି ଶ୍ରୀକାନ୍ତ ଚୌଧୁରୀ , ଆଇନଜିବି ସରୋଜ ସାହୁ,ଏସ୍‌ଆଇ ସୋମନାଥ ଦଳବେହେରା, ଏସଆଇ ଚିନ୍ତେଶ୍ୱର୍ ମୁଣ୍ଡା , ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବୁଦ୍ଧିଜୀବୀ, ସାମ୍ବାଦିକ ବନ୍ଧୁ, ଜିଲ୍ଲା ପରିଷଦ ସଭ୍ୟା , ଦଳପତିଗୁଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ଡମ୍ବୁ ନାୟକ ଓ ବରିଷ୍ଠ ନାଗରିକ ସମେତ ୨୦୦ରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ ! ସଭା ଶେଷରେ ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ କୁମାର୍ ବାକା ତାଙ୍କ ବକ୍ତବ୍ୟରେ ଏକ ସହିଦ୍ ସ୍ତମ୍ଭ ପ୍ରଶାସନ ତରଫରୁ ଆଗାମୀ ଦିନରେ ସ୍ଥାପନ କରାଯିବ ବୋଲି ପ୍ରତଶ୍ରୁତି ଦେଇଥିଲେ ।

# ଶେଷ ପର୍ଯ୍ୟାୟରେ ଫିରିଙ୍ଗିଆ ବ୍ଲକର ସ୍ମାର୍ଟସ୍କୁଲ ରୁପାନ୍ତରଣ କାର୍ଯ୍ୟ

କନ୍ଧମାଳ,୩୧/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ଙ୍କ ମୋ ସରକାର ଅଧିନ ରେ ହୋଇଥିବା ପଲାବୃଡି ପଂଚାୟତ ର ନେଡିପଦର ଠାରେ ହୋଇଥିବା ସ୍ମାର୍ଟସ୍କୁଲ ର ସଫଳ ରୂପାୟନ ପରେ ଦ୍ୱତୀୟ ପର୍ଯ୍ୟାୟରେ ଏହି ବ୍ଲକ ର ସମୁଦାୟ ଆଠଟି ସ୍କୁଲ ର ରୁପାନ୍ତରଣ କାମ ଶେଷ ପର୍ଯ୍ୟାୟରେ ପହଂଚିଛି । ଆଉ କିଛିଦିନ ମଧ୍ୟରେ ଏହି ସ୍କୁଲ ଗୁଡିକର ରୁପାନ୍ତରିତ କାମ ସରିଜିବ ବୋଲି ଫିରିଙ୍ଗିଆ ବଡିଓ କହିଛନ୍ତି । ତେବେ ପ୍ରଥମ ପାର୍ଯ୍ୟାୟରେ ଗୋଟିଏ ଓ ଦ୍ୱତୀୟ ପର୍ଯ୍ୟାୟରେ ଏକା ଥରକରେ ଆଠଟି ସ୍କୁଲ ରୁପାନ୍ତରିତ ହେବା ପରେ ଛାତ୍ରଛାତ୍ରି ଓ ଅଭିଭାବକ ମାନେ ସେମାନଙ୍କର ଶିକ୍ଷାରେ ଉନ୍ନତି ହେବା ଦିଗରେ ବେଶ ଆଶାବାନ ହୋଇଛନ୍ତି । ସ୍ମାର୍ଟସ୍କୁଲ ରେ ପାଠପଢି ଛାତ୍ରଛାତ୍ରି ମାନେ ମଧ୍ୟ ଅତ୍ୟାଧୁନିକ ପାଠପଢା ସହ ବଡବଡ ବେସରକାରୀ ସ୍କୁଲ ପିଲାଙ୍କ ଭଳି ପାଠପଢିପାରିବେ ଓ ସ୍ମାର୍ଟସ୍କୁଲ ହେବା ଦ୍ୱାରା ଛାତ୍ରଚାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ୱଳମୟ ହେବ ବୋଲି ଅଂଚଳର ଶିକ୍ଷାବିତ ଓ ବୁଦ୍ଧିଜୀବି ମତ ଦେଇଛନ୍ତି । ତେବେ ଦ୍ୱତୀୟ ପାର୍ଯ୍ୟାୟରେ ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଠାରେ ଥିବା ଉନ୍ନିତ ଉଚ୍ଚବିଦ୍ୟାଳୟ କୁ ସ୍ମାର୍ଟସ୍କୁଲ ରେ ପରିଣତ କରାଯାଉଥିବା ବେଳେ ବ୍ଲକର ଡିଣ୍ଡିରା ଗାଁ ରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟ , ବନ୍ଧଗଡ ର ଦିଆଭଞ୍ଜ ଉଚ୍ଚବିଦ୍ୟାଳୟ , ନୁଆଁପଦର ଠାରେ ଥିବା ବନବାସୀ ଉଚ୍ଚବିଦ୍ୟାଳୟ , ଲୁଇସିଂ ଉଚ୍ଚବିଦ୍ୟାଳୟ , ସାଡିଙ୍ଗିଆ ଉଚ୍ଚବିଦ୍ୟାଳୟ ,ଭୃଙ୍ଗିଯୋଡି ପଂଚାୟତର ସୁଣ୍ଢିଗାଁ ଉଚ୍ଚବିଦ୍ୟାଳୟ, ପକାରି ଠାରେ ଥିବା ଉଚ୍ଚବିଦ୍ୟାଳୟ ଓ ବାଲନ୍ଦାପସା ସରକାରୀ ଉଚ୍ଚବିଦ୍ୟାଳୟ କୁ ସ୍ମାର୍ଟସ୍କୁଲ ରେ ରୁପାନ୍ତରିତ କରାଯାଉଛି । ଏହି ସବୁ ସ୍କୁଲ ମାନଙ୍କ ରେ ଇ ଲାଇବ୍ରେରି , ସାଇନ୍ସ ଲ୍ୟାବ୍ , ସ୍ମାର୍ଟ କ୍ଲାସରୁମ ଭଳି ଅନେକ ଗୁଡିଏ ଅତ୍ୟାଧୁନିକ ଶିକ୍ଷା ଉପକରଣ ର ବ୍ୟବସ୍ଥା କରାଯାଇଛି । ସ୍କୁଲ ଗୁଡିକ ସବୁଜ ବନାନିରେ ସୁସଜ୍ଜିତ ହୋଇଥିବା ବେଳେ ଛାତ୍ରଛାତ୍ରୀ ମାନଙ୍କୁ ଆକୃଷ୍ଟ କରିବା ପାଇଁ ସ୍କୁଲ ର କାନ୍ଥ ମାନଙ୍କ ରେ ବିଭିନ୍ନ ପ୍ରକାର ଶିକ୍ଷା ସମ୍ବନ୍ଧିୟ ବିଷୟବସ୍ତୁ ଗୁଡିକୁ ଅଙ୍କା ଯାଇଛି । ବିଶେଷ କରି ଏହି ଅଠଟି ସ୍କୁଲ ମାନଙ୍କ ମଧ୍ୟରୁ ଅଧିକାଂଶ ସ୍କୁଲ ଉପାନ୍ତ ଅଂଚଳ ମାନଙ୍କ ରେ ରହିଛି । ଅନ୍ୟପଟେ ଫିରିଙ୍ଗିଆ ବଡିଓ ରଶ୍ମିରଞ୍ଜନ ମହନ୍ତ ଙ୍କ ଆନ୍ତରିକତା ଓ ବ୍ଲକ ରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ମାନଙ୍କ କାର୍ଯ୍ୟକୁଶଳତା ଯୋଗୁଁ ଫିରିଙ୍ଗିଆ ବ୍ଲକରେ ଏହି ସବୁ ସମ୍ଭବ ହୋଇପାରିଛି ବୋଲି ବୁଦ୍ଧିଜିବୀ ମାନେ ମତଦେଇଛନ୍ତି । ତେବେ ଏହି ସ୍ମାର୍ଟ ସ୍କୁଲ କାର୍ଯ୍ୟପାଇଁ ବ୍ଲକ ରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ମାନଙ୍କ ଗୁରୁଦାୟିତ୍ୱ ରହିଥିବା ବେଳେ ସେମାନଙ୍କ ମଧ୍ୟରେ ଡିଣ୍ଡିରା ଗାଁ ପାଇଁ ସୂନୀଲ କୁମାର ପାତ୍ର ,ବନ୍ଧଗଡ ଓ ସୁଣ୍ଢିଗାଁ ପାଇଁ ସୁମନ୍ତ କମୁମାର ଭୋଇ , ନୁଆଁପଦର ପାଇଁ ଲିଙ୍ଗରାଜ ପାତ୍ର ,ପକାରୀ ଲୁଇସିଂ ପାଇଁ ଲିନ୍ମୟ ସ୍ୱାଇଁ ଓ ବାଲନ୍ଦାପଡା ପାଇଁ କନିଷ୍ଠ ଯନ୍ତ୍ରୀ ରମେଶ ଦାସ ଙ୍କୁ ଦାୟିତ୍ୱ ଦିଆଯାଇଛି । ଅନ୍ୟପଟେ ଏହି ସବୁ ସ୍କାର୍ଟ ସ୍କୁଲ ଗୁଡିକର ଦେଖରେଖ ବିଡିଓ ଙ୍କ ତତ୍ୱାବଧାନ ରେ ଚାଲିଥିବା ବେଳେ ମଝିରେ ମଝିରେ କନ୍ଧମାଳ ଜିଲ୍ଲାପାଳ ଡ. ବୃନ୍ଦା ଡି ଙ୍କ ସହ ଫିରିଙ୍ଗିଆ ବ୍ଲକର ସହକାରି ଯନ୍ତ୍ରୀ ଜୟପ୍ରକାଶ ଜେନା ଓ ଅତିରିକ୍ତ କନିଷ୍ଠ ଯନ୍ତ୍ରୀ ଜି ଦେବହରି ପ୍ରଧାନ କନ୍ଧମାଳ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଷକ ବିଶ୍ୱରଞ୍ଜନ ନାୟକ ସ୍କୁଲ ଗୁଡିକର ରୁପାନ୍ତରିତ କାମର ତଦାରଖ କରୁଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ଗୋଟିଏ ଗୋଟିଏ ସ୍କୁଲ ପିଛା ପ୍ରାୟ ୭୦ ରୁ ୮୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ତୃତିୟ ପର୍ଯ୍ୟାୟରେ ମଧ୍ୟ ବ୍ଲକ ର ଆଉ ଆଠ ରୁ ଦସ ଟି ସ୍କୁଲ କୁ ସ୍ମାର୍ଟସ୍କୁଲ ରେ ରୁପାନ୍ତରିତ କରାଯିବା ନେଇ ପ୍ରସ୍ତାବ ରହିଥିବା ନେଇ ଫିରିଙ୍ଗିଆ ବିଡିଓ ରଶ୍ମିରଞ୍ଜନ ମହନ୍ତଙ୍କ ସୁତ୍ରରୁ ଜଣାପଡିଛି ।

# ଓଡ଼ିଶା ସାମ୍ବାଦିକ ସଂଘ ପୁରୀଜିଲ୍ଲା ଶାଖା ପକ୍ଷରୁ ୧୧ତମ ବାର୍ଷିକୋତ୍ସବ

## ସାମ୍ବାଦିକମାନେ ଚାପରେ ଚେପା ନହୋଇ ନିର୍ଭିକ କଲମ ଚାଳନା କରନ୍ତୁ

ପୁରୀ,୩୧/୦୫ (ନି.ପ୍ର): ବୃହତମ ଗଣତନ୍ତ୍ର ରାଷ୍ଟ୍ରରେ ଚୁତର୍ଥସ୍ତମ୍ଭ କାର୍ଯ୍ୟ ଠିକ୍ ଭାବେ ହୋଇପାରିଲେ ଗଣତନ୍ତ୍ର ସୁଦୃଢ ଓ ଲୋକାଭିମୁଖୀ ହୋଇପାରିବ । ଓଡ଼ିଶା ସମ୍ବାଦିକ ସଂଘ (ଓଜେୟୁ) ପୁରୀଜିଲ୍ଲା ପକ୍ଷରୁ ୧୧ତମ ବାର୍ଷିକୋତ୍ସବ ଚକ୍ରତୀର୍ଥ ରୋଡ଼ ସ୍ଥିତ ସଂସ୍କୃତି ଭବନ ସଭାଗୃହ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ନ୍ୟୁଜ୍ ସେଭେନର ବରିଷ୍ଠ ସାମ୍ବାଦିକ ବିଭୂତି ବିଶ୍ୱାଳ ଯୋଗଦେଇ କହିଲେ ସମ୍ବାଦିକମାନେ ଠିକ ଓ ସତ୍ୟ ଘଟଣା ଲେଖିଲେ ଦିନେ ନା ଦିନେ କିଏ ହେଲେ ସମ୍ବାଦିକଙ୍କୁ ମନେ ପକାଇବ । ସମ୍ମାନିତ ଅତିଥି ଭାବେ ଦି ନ୍ୟୁୟ ଇଣ୍ଡିଆନ ଏକ୍ସପ୍ରେସ୍‌ର ପୁରୀ ମୁଖ୍ୟ ସାମ୍ବାଦିକ ରାଜକୁମାର ମହାନ୍ତି ସଂଘର ଗଣତନ୍ତ୍ରମୁଖୀ କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ । ଓଡ଼ିଶା ସମ୍ବାଦର ମୁଖ୍ୟ ବରିଷ୍ଠ ସାମ୍ବାଦିକ ସନ୍ଦିପ ମିଶ୍ର ଯୋଗଦେଇ କହିଲେ ସମ୍ବାଦ ପରିବେଷଣର ତରିକା ଦିନକୁ ଦିନ ବଦଳିବାରେ ଲାଗିଛି । ତାସତ୍ୱେ ପାଠକମାନେ ଖବର କାଗଜକୁ ଅଧିକ ପସନ୍ଦ କରୁଛନ୍ତି । ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଭୂପ୍ରସାଦ ତ୍ରିପାଠୀ ଯୋଗଦେଇ କହିଲେ ସାମ୍ବାଦିକତା, ସଂଘ ଗଠନ କରିବା ଓ ସଂଘକୁ ଚଳାଇବା ବହୁ କଷ୍ଟକର ପାଠ । ସାମ୍ବାଦିକମାନେ ଆଇନ ବିଷୟରେ ଅବଗତ ହୋଇ ସମ୍ବାଦ ପରିବେଷଣ କରିବା ଉଚିତ୍ । ବରିଷ୍ଠ ସମାଜସେବୀ ସୁଚୀସ୍ମିତା ପୃଷ୍ଟି ଯୋଗଦେଇ କହିଲେ ସାମ୍ବାଦିକମାନେ ନିରପେକ୍ଷତା ଓ ଗୁଣବତା ବଜାୟ ରଖିବା ଉଚିତ । ଏହାସହ ସଂଘର ମାର୍ଗଦର୍ଶକ ଚକ୍ରଧର ମହାପାତ୍ର, ଭୁବନେଶ୍ୱରର ବରିଷ୍ଠ ଚିକିତ୍ସକ ଡ଼କ୍ଟର ଅମ୍ରିତ ପାଢୀଯୋଶୀ ପ୍ରମୁଖ ଯୋଗଦେଇ ସମ୍ବାଦିକଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରୁ ସମବେତ କଣ୍ଠ ସଙ୍ଗୀତ ଓ କଣ୍ଠଶିଳ୍ପୀ ଦେବାଂଶୀ ଦାଶ ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ।

# ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ଓ ଷ୍ଟୁଡେଂଟ୍ ଫର ଡେଭଲପମେଂଟ ଗ୍ରାମ ଜୀବନ ଦର୍ଶନ

ନୂଆପଡ଼ା,୩୧/୦୫ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ଓ ଷ୍ଟୁଡେଂଟ୍ ଫର ଡେଭଲପମେଂଟ ତରଫରୁ ପତୋରା ସ୍ଥିତ ଯୋଗେଶ୍ୱର ବୁଢ଼ାଦେ ଓ ବନବାସୀ ସେବା ପ୍ରକଳ୍ପ ଗ୍ରାମ୍ୟ ଜୀବନ ଦର୍ଶନ କାର୍ଯ୍ୟକ୍ରମ ଆୟୋଜନ ହୋଇଛି । ୧୦ ଟି ଜିଲ୍ଲାରୁ ୫୨ ଜଣ ବିଦ୍ୟାର୍ଥୀ ଯୋଗଦାନ କରିଥିଲେ ଏବଂ ନୂଆପଡ଼ା ଜିଲ୍ଲାର ବିଭିନ୍ନ ଗ୍ରାମ ପରିଦର୍ଶନ କରିବା ସହିତ ଗ୍ରାମ୍ୟ ଜୀବନର ଅନୁଭୂତି ନେଇଥିଲେ । କଟିଙ୍ଗପାଣି , ଲୋର୍ଗା, କୁକୁଡ଼ାତାଳ, ଭଳି ଜନଜାତି ସଂଖ୍ୟା ବହୁଳ ଗ୍ରାମ ପରିଦର୍ଶନ କରି ଥିଲେ । ଧାନ କାଟିବା ,ପାହାଡ ଚଢିବା ଓ କାଠ କାଟିବା ଭଳି ବିଭିନ୍ନ ପ୍ରୟୋଗିକ ହୋଇଥିଲା । ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ ସଙ୍ଗୀତ ଓ କୁଇଜ୍ ଭଳି ବିଭିନ୍ନ ପ୍ରତିଯୋଗିତା ମଧ୍ୟ ହୋଇଥିଲା । ଅନୁଭୂତି କଥନ ଓ ଆନନ୍ଦ ସଭା ସହିତ ପତୋରା ଓ ଖୁଟମନଭେରା ଭଳି ଗ୍ରାମରେ କ୍ୟାରିଅର କାଉନସେଲିଂ କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମ ର ସମାରୋପ ସତ୍ରରେ କଳାହାଣ୍ଡି ସାଂସଦ୍ ବସନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ । ଖରିଆର ରୋଡ଼ ଅଧ୍ୟକ୍ଷା ସୋନିଆ ଗୋଲଡି ଅଗ୍ରୱାଲ ଯୋଗଦାନ ଦେଇଥିଲେ ।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ ଗ୍ରାମ ଜୀବନ ପାଇଁ ସମବେଦନା ଓ ରାଷ୍ଟ୍ର ସେବା ପାଇଁ ସମର୍ପଣର ଭାବ ରହିବ ବୋଲି କଳାହାଣ୍ଡି ସାଂସଦ ତାଙ୍କର ଉଦବୋଧନ ରେ କହିଥିଲେ ।

# ବିଜେପି ଜନକଲ୍ୟାଣ ଯୋଜନାର ଜନ ସମ୍ପର୍କ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ଘସିପୁରା,୩୧/୦୫ (ନି.ପ୍ର): ବିଜେପିଜନକଲ୍ୟାଣ ଯୋଜନା ର ଜନ ସମ୍ପର୍କ କାର୍ଯ୍ୟକ୍ରମ ପାଇଁ ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ବିଜେପି ର ସେବା, ସୁଶାସନ ଓ ଗରିବ କଲ୍ୟାଣ ପକ୍ଷ ମେ ୩୧ ତାରିଖ ଠାରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ, ପ୍ରଧାନମନ୍ତ୍ରୀ ଶ୍ରୀମାନ ନରେନ୍ଦ୍ର ମୋଦୀ ଜୀ ଙ୍କ ୮ ବର୍ଷ ର ଜନକଲ୍ୟାଣ ଯୋଜନା ର ଜନ ସମ୍ପର୍କ କାର୍ଯ୍ୟକ୍ରମ ପାଇଁ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ର ପ୍ରସ୍ତୁତି ବୈଠକ ହାଟଡିହି ବିଜେପି କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ଜ୍ଞାନ ରଞ୍ଜନ ସାମନ୍ତସିଂହାର, ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ରୂପେ ବିଜେପି ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ) ରାଜ୍ୟ ସଂଯୋଜକ ଶ୍ରୀ ମହେଶ୍ୱର ସାହୁ, ବିଜେପି ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ତଥା ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଶ୍ରୀ ଆଲୋକ କୁମାର ସେଠୀ, ଆନନ୍ଦପୁର ମୁନିସିପାଲିଟି ର ପୂର୍ବତନ ନଗରପାଳ ଶ୍ରୀ ରାମଚନ୍ଦ୍ର ସାହୁ, ବିଜେପି ଜିଲ୍ଲା ଉପସଭାପତି ଶ୍ରୀ ନିରାକାର ଦଳେଇ, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ଶ୍ରୀ ଶଙ୍କଶଣ ଜେନା, ଶାଳବଣି ମଣ୍ଡଳ ସଭାପତି ଶ୍ରୀ ଟୁକୁନା ମହାନ୍ତ, ହାଟଡିହି ମଣ୍ଡଳ ସଭାପତି ଶ୍ରୀ କୈଳାଶ ସାମଲ, ବଞ୍ଝୋ ମଣ୍ଡଳ ସଭାପତି ଶ୍ରୀ ନାରାୟଣ ରାଉତ, ଶାଳନିଆଁ ମଣ୍ଡଳ ସଭାପତି ଶ୍ରୀ ବଳଭଦ୍ର ବାରିକ, କୃଷକ ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ହରମୋହନ ଶାସନି, ଆନନ୍ଦପୁର ମୁନିସିପାଲିଟି କାଉନସିଲର ଶ୍ରୀ ସମ୍ବିତ କୁମାର ଦାସ, ପ୍ରାଣବନ୍ଧୁ ସାହୁ, ବାଇଧର ସାହୁ, ରାମଚନ୍ଦ୍ର ସାହୁ, ଘାସିରାମ ନାୟକ, କାଳନ୍ଦି ପୁଷ୍ଟି, ଶ୍ରୀକାନ୍ତ ଯେନା, ପ୍ରଶାନ୍ତ ନାୟକ, ସୁଶାନ୍ତ କୁମାର ଜେନା,ଜଗନ୍ନାଥ ଦେବତା ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।ମେ ୩୧ ତାରିଖ ଠାରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୬ ଦିନ ବ୍ୟାପୀ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ରେ ଏହି କାର୍ଯ୍ୟକ୍ରମ କୁ ବ୍ୟାପକ ଭାବେ ପାଳନ କରାଯିବା ସହିତ ଘରକୁ ଘର ବିଜେପି କାର୍ଯ୍ୟକର୍ତ୍ତା ।

୩
ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ବୁଧବାର, ଜୁନ୍ ୧, ୨୦୨୨

# ଟେକ୍‌ନୋଲୋଜିରେ ଟପ୍ କରନ୍ତୁ

ଏବକାର ଯୁବପିଢ଼ି ଟେକ୍‌ନୋଲୋଜିପ୍ରିୟ ହୋଇଥିବାରୁ ଏଥିରେ କ୍ୟାରିୟର ଗଢ଼ିବା ଲାଗି ସେମାନଙ୍କର ଇଚ୍ଛା ଥାଏ । ଯଦି ଆପଣ ବି ଏହି ଶ୍ରେଣୀଭୁକ୍ତ ହୋଇଥାନ୍ତି, ତେବେ ନିମ୍ନୋକ୍ତ ବିକଳ୍ପ ମଧ୍ୟରୁ ବାଛିପାରନ୍ତି ।

**ସି ଡେଭଲପର:** ସି ଲାଙ୍ଗୁଏଜ୍ କେତେକ ପୁରୁଣା ସଫ୍ଟୱେର ଲାଙ୍ଗୁଏଜ୍ ମଧ୍ୟରୁ ଅନ୍ୟତମ । ଏଥିରେ ଆଜି ମଧ୍ୟ ସବୁଠାରୁ ଅଧିକ କାମ ହୋଇଥାଏ । କମ୍ପ୍ୟୁଟର ଦୁନିଆରେ ସି ଲାଙ୍ଗୁଏଜ୍ର ଚାହିଦା ଅଧିକ ଥିବାରୁ ଏଥିରେ ବିଶେଷଜ୍ଞ ହାସଲ କରିପାରିଲେ ଭଲ ଦରମାରେ ନିଯୁକ୍ତି ସୁଯୋଗ ପାଇପାରିବେ ।

**ଜିଆଇଏସ୍ ଆନାଲିଷ୍ଟ:** ବିଭିନ୍ନ ଲୋକପ୍ରିୟ ପାଠ୍ୟକ୍ରମ ମଧ୍ୟରୁ ଏହା ଅନ୍ୟତମ । ଏଥିରେ ଆନାଲିଷ୍ଟ ବ୍ୟାପ୍ ଦ୍ୱାରା ଭିନ୍ନଭିନ୍ନ ସୂଚନା ଏବଂ ତଥ୍ୟ ଡିଜିଟାଲ ଫର୍ମାଟ ସହିତ ମୋବାଇଲ ଆପ୍‌ରେ ଦେଥାଯାଏ । ଜିଆଇଏସ୍ ଟେକୋନୋଲୋଜି ମାଧ୍ୟମରେ ସ୍କୁଲ, କଲେଜ ହସପିଟାଲ ସିନେମାହଲ୍ ପରି ମୁଖ୍ୟ ସ୍ଥାନଗୁଡ଼ିକୁ ମୋବାଇଲ ଆପରେ ଡିଜିଟାଲ ଫର୍ମାଟରେ ଦେଖାଯାଇପାରେ ।

**ସି ଡେଭଲପର:** ଏହି ଲାଘଙ୍ଗୁଏଜର ଚାହିଦା



ମଧ୍ୟ ସର୍ବାଧିକ । ତେଣୁ ଏଥିରେ ଦକ୍ଷତା ଥିଲେ ଭଲ ପ୍ୟାକେଜରେ ନିଯୁକ୍ତି ବମିଳିବା କିଛି କଷ୍ଟକର ନୁହେଁ ଏହି ଲାଙ୍ଗୁଏଜ୍ କାର୍ଯ୍ୟନିରାପତ୍ତା ଏବଂ ପରୀକ୍ଷଣ କ୍ଷେତ୍ରରେ ଖୁଚବ୍ ଉପଯୋଗୀ ଡଟ୍ ଡ୍ରୁ ପ୍ଲାଟଫର୍ମ୍ ପାଇଁ ଏହା ବିଶେଷ ଭାବେ ଉପକାରୀ ଭିଡିଓ ଗେମ୍ ବିକାଶରେ ସି ବେଶୀ ବ୍ୟବହାର କରାଯାଇଥାଏ ।

**ୟୁଆଇ ହେଡଲପର:** ୱେବ୍ସାଇଟକୁ ସୁନ୍ଦର ଏବଂ ଆକର୍ଷଣ କରିବା ୟୁଆଇ ଡେଭଲପରଙ୍କ କାମ । ବ୍ୟବହାରକାରୀଙ୍କ ପାଇଁ ୱେବସାଇଟ୍ କିପରି ସହଜ ହୋଇପାରିବ ଏବଂ ସେମାନେ ଏହାକୁ ଦେଖିବା ବେଳେ ଆସୌ ବିରକ୍ତ ଅନୁଭବ କରିବେନାହିଁ, ଏଥିପ୍ରତି ୟୁଆଇ ହେଭଲପର ବିଶେଷ ଧାନ ଦେବାକୁ ହୋଇଥାଏ ।


**ଜାଭା ଡେଭଲପର:** ଏଥିପାଇଁ ଜଣଙ୍କ ମଧ୍ୟରେ ସର୍ଜନାତ୍ମକ କୌଶଳ ରହିଥିବା ଜରୁରୀ । ନୂଆ ସଫ୍ଟୱେର ବିକାା କରିବା ସହ ଏହାକୁ ଉନ୍ନତ ବ୍ୟବସ୍ଥାଯୁକ୍ତ କରିବା ଜାଭା ଡେଭଲପରଙ୍କ କାମ ହୋଇଥାଏ । ଏହି ପାଠ୍ୟକ୍ରମରେ ଏକ ସମୟରେ ଏକାଧିକ ବଡ଼ ପେବ୍ରାଜେକ୍ଟରରେ କାମ କରିବାକୁ ହୁଏ । ପୁଣି କ୍ଲାଏଣ୍ଟମାନଙ୍କର ପ୍ରତ୍ୟେକ ଛୋଟବଡ଼ ଆବଶ୍ୟକତା ଅନୁସାରେ ସଫ୍ଟୱେର ପ୍ରସ୍ତୁତ କରିବା ସହିତ କମ୍ପାନୀର ବ୍ୟବହାର ଲକ୍ଷ୍ୟ ହାସଲ କରିବାକୁ ପଡ଼େ । ଜାଭା ବିଦ୍ୟାଥର୍ଈଙ୍କ ଲାଗି ଅଧିକ ନିଯୁକ୍ତି ସୁଯୋଗ ରହିଛି । ସମସ୍ତ ଆଣ୍ଡ୍ରଏଡ୍ ଆପ୍ ଜାଭାକୁ ଆଧାର କରୀ ପ୍ରସ୍ନତୁତ କରାଯାଇଛି ।

**ପାଇଥନ୍ ଡେଭଲପର:** ଏବେ ଏହି ପ୍ରୋଗ୍ରାମିଂ ଲାଙ୍ଗୁଏଜ ଚାହିଦା ଖୁବ୍ ଅଧିକ । ବଡ଼ ବଡ଼ କମ୍ପାନୀ ସଫ୍ଟୱେର ବିକାଶ କରିବାରେ ଏହାକୁ ବ୍ୟବହାର କରିଥାନ୍ତି । ଏହି ଲାଙ୍ଗୁଏଜ୍ ଦ୍ୱାରା ୱେବ୍ସାଇଟକୁ ଉନ୍ନତ କରାଯିବା ସହ ୱେବ୍



ଆପ୍ ଏବଂ ହେସ୍କଟପ୍ ଆପ୍ ପ୍ରସ୍ତୁତ କରାଯାଏ । ସାଇଣ୍ଟିଫିକ୍ କମ୍ପ୍ୟୁଟିଂ ହେଉଛି ।

**ସି++ ଡେଭଲପର:** ଏମାନେ ସି ଲାଙ୍ଗୁଲଜ୍ର ବିଶେଷଜ୍ଞ ବୋଲି କହିଲେ ଅତ୍ୟୁକ୍ତି ହେବନି । ଏହା ଏକ ଉଚ୍ଚସ୍ତରୀୟ ଲାଙ୍ଗୁଏଜ୍ ଯାହା ସି, ସି ଏବଂ ଜାଭାର ଆଧୁନିକ ରୂପ । ସିଷ୍ଟମ ତଥା ଆପ୍ଲିକେସନ୍ ସଫ୍ଟୱେର, ବିଭିନ୍ନ ଗେମ୍ର ବିକାଶ ଡ୍ରାଇଭର, କ୍ଲାଏଣ୍ଟ-ସର୍ଭର ଆପ୍ଲିକେସନ୍ ଆଦିରେ ଏହା ବ୍ୟବହାର କରାଯାଏ । ଏଥିରେ କୁଶଳୀ ହେବା ପରେ ଭଲ ପ୍ୟାକେଜ୍ ସହଜ ହେବ ।



# ନଡ଼ିଆ ଛତୁ ବେସର

**ଆବଶ୍ୟକ ସାମଗ୍ରୀ:** ଛତୁ, ନଡ଼ିଆ ରସ, ସୋରିଷ, ରସୁଣ, ଶୁଖିଲା ଲଙ୍କା ପେଷ୍ଟ, ଟମାଟୋ, ଆମ୍ବୁଲ, ଧନିଆ ପତ୍ର, ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, କଞ୍ଚାଲଙ୍କା, ତେଲ ଓ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଛତୁକୁ ଭଲ ଭାବେ ଧୋଇ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ। ଏହାପରେ କରେଇରେ ତେଲ ଗରମ କରି ଛତୁକୁ ଭଲଭାବେ ଭାଜି ଦିଅନ୍ତୁ। ଛତୁ ଭଲ ଭାବେ ଭାଜି ହୋଇଗଲା ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଏହାପରେ ଆମ୍ବୁଲକୁ ପାଣିରେ ଭିଜାଇ ଏକ ପାତ୍ରରେ ରଖନ୍ତୁ ।

ତା'ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ ଜିରା ଓ କଞ୍ଚା ଲଙ୍କା ପକାନ୍ତୁ। ଏହା ଭାଜି ହୋଇଗଲା ପରେ ସେଥିରେ ସୋରିଷ, ରସୁଣ, ଶୁଖିଲା ଲଙ୍କା ବଟାକୁ ପକାଇ ଅଳ୍ପ ସମୟ ପାଇଁ କଷନ୍ତୁ। ଏହାପରେ ଟମାଟୋକୁ ଛୋଟ ଛୋଟ ଖଣ୍ଡ କରି କାଟି ସେଥିରେ ପକାନ୍ତୁ। ଟମାଟୋ ଓ ମସଲା ଭଲ ଭାବେ କଷି ହୋଇଗଲା ପରେ ସେଥିରେ ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, ଲୁଣ ପକାଇ ଗୋଳାଇ ଦିଅନ୍ତୁ। ତା'ପରେ ସେଥିରେ ଆଗରୁ ଭଜା ହୋଇଥିବା ଛତୁକୁ ପକାଇ ଅଳ୍ପ ସମୟ ପାଇଁ କଷନ୍ତୁ। ଏହା କଷି ହେବା ପରେ ସେଥିରେ ନଡ଼ିଆ ରସକୁ ପକାନ୍ତୁ । ଏହାପରେ ସେଥିରେ ଭିଜା ହୋଇଥିବା ଆମ୍ବୁଲକୁ ପକାନ୍ତୁ। ତାପରେ ସେଥିରେ ଅଳ୍ପ ପାଣି ଦେଇ ଘୋଡେଇ ଦିଅନ୍ତୁ। ସେଥିରୁ ପାଣି ମରିଗଲା ପରେ ସେଥିରେ କଟା ଧନିଆ ପତ୍ର ପକାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ନଡ଼ିଆ ଛତୁ ବେସର।



# ଅଲିମ୍ପିକ୍ ନେସ୍‌ନାଲ୍ ପାର୍କ


ଯୁକ୍ତରାଷ୍ଟ୍ର ଆମେରିକାର ୱାସିଂଟନ୍ ପ୍ରଦେଶ ଅନ୍ତର୍ଗତ ଅଲିମ୍ପିକ୍ ଉପଦ୍ୱୀପରେ ଏହି ନାମରେ ଏକ ଜାତୀୟ ଉଦ୍ୟାନ ଏବଂ ୧୯୮୧ରେ ବିଶ୍ୱ ଐତିହ୍ୟ ଘୋଷିତ ହୋଇଥିଲା ଏହା ମଧ୍ୟରେ ତିନି ପ୍ରକାରର ପର୍ଯ୍ୟାବରଣ- ଉପ-ଆଲପାଇନ୍ ଜଙ୍ଗଲ ଓ ଜଙ୍ଗଲୀ ଫୁଲର ପ୍ରାନ୍ତର, ନାତିଶ୍ରୀତୋଷ୍ଣ ଜଙ୍ଗଲ ଏବଂ ପ୍ରସ୍ତରମୟ ବେଳାଭୂମି ଦେଖିବାକୁ ମିଳେ । ୩୭୩୪ ବର୍ଗ କିଲୋମିଟର ଅଞ୍ଚଳକୁ ଏହା ବ୍ୟାପ୍ତ । ଏହା ମଧ୍ୟରେ ହୋ ନଦୀ ପ୍ରବାହିତ ଏବଂ ଏହା ହୋ ଆଦିମ ଅଧିବାସୀଙ୍କ ବାସସ୍ଥାନ ।



# ସୁସ୍ଥ ମସ୍ତିଷ୍କ ଓ ଶରୀର ନିମନ୍ତେ ଟିପ୍ସ

ସାମାନ୍ୟ କଥାରେ ବ୍ୟତିବ୍ୟସ୍ତ ହେଲେ ମାନସିକ ଚାପ ବଢ଼ିଥାଏ । ଏହା କାରଣରୁ ମୁଣ୍ଡବିନ୍ଧା, ଚିଡ଼ଚିଡ଼ା ସହ ରକ୍ତଚାପ ବୃଦ୍ଧିର ସମସ୍ୟା ଉପୁଜେ । ମସ୍ତିଷ୍କ ଓ ଶରୀର ଉଭୟକୁ ସୁସ୍ଥ ରଖିବା ନିମନ୍ତେ ବିଶେଷଜ୍ଞ ଦଳ କେତୋଟି ପରାମର୍ଶ ଦେଇଛନ୍ତି ।

♦ ନିଦ ଭାଙ୍ଗିବା ପରେ ଛାତ ଉପରେ କିମ୍ବା ବାଲକୋନିରେ ଖରାରେ କିଛି ସମୟ ଚଲାବୁଲା କରନ୍ତୁ । ଏକ ଅନୁସନ୍ଧାନରୁ ଜଣାପଡ଼ିଛି ସକାଳବେଳାର ସୂର୍ଯ୍ୟକିରଣରେ ଅଳ୍ପ ସମୟ ଚଲାବୁଲା କଲେ, ମନ ପ୍ରଫୁଲ୍ଲ ରହେ ।



♦ ଘର ସମ୍ମୁଖରେ ବଗିଚା ଥିଲେ, ଖାଲି ପାଦରେ ଚଲାବୁଲା କରିବା ଉଚିତ । ପାର୍କକୁ ଭ୍ରମଣ ପାଇଁ ଯାଉଥିଲେ ସେଠାରେ ମଧ ୫-୭ ମିନିଟ୍ ପାଇଁ ଏଇ ଅଭ୍ୟାସ କଲେ ଫରକ୍ ଆପଣ ଜାଣିପାରିବେ । ବ୍ରିଟେନ୍ ଓ ଆମେରିକାରେ ରକ୍ତଚାପ ଗୋଗୀଙ୍କୁ ଡାକ୍ତର 'ୱାକ୍ ଇନ୍ ଗ୍ରାସ୍' ଥେରାପି ପରାମର୍ଶ ଦେଇଥାନ୍ତି ।

♦ ନିଜ ମନପସନ୍ଦର ଖାଦ୍ୟ ରାନ୍ଧି ଖାଆନ୍ତୁ । ସବୁବେଳେ ନ ହେଲେ ମଧ ସପ୍ତାହକୁ ଥରୁଟିଏ ଏହା କରିପାରନ୍ତି । ମାନସିକ ସୁସ୍ଥତା ନିମନ୍ତେ ଏହା ମଧ ସହଜ ଓ ସରଳ ଉପାୟ ।

♦ ସବୁଠୁ ମୁଖ୍ୟ କଥା ହେଲା, ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ ।

# ସୁସ୍ଥତାର ରହସ୍ୟ

ନିକଟରେ ଲଣ୍ଡନର ଗବେଷକଦଳ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ୧୨୦ ବୟସ୍କ ପିଢ଼ିଙ୍କୁ ଉପରେ ସର୍ବେକ୍ଷଣ କରିଥିଲେ । ଏ ସମସ୍ତଙ୍କ ବୟସ ୭୫ ବର୍ଷରୁ ଅଧିକ ଥିବାବେଳେ ସେମାନେ କରୋନା ଭାଇରସ୍ ସହ ଲଢ଼ି ପୁନଃ ସୁସ୍ଥ ଜୀବନଯାପନ କରୁଛନ୍ତି । ଇଟାଲୀ, ଆମେରିକା, ସ୍ପେନ୍ ଓ ଭାରତର ମଧ୍ୟ ବୟସ୍କ ଲୋକ ଏଥିରେ ସାମିଲ ହୋଇଥିଲେ ।

-ନ୍ୟୁୟର୍କ ବାସିନ୍ଦା ୮୧ ବର୍ଷୀୟା ଜିଡେଉ ହେଇ, ଅବସରପ୍ରାପ୍ତ ଇଂଜିନିୟର । କରୋନା ପଜିଟିଭ୍ ତାଙ୍କର ବାହାରିବା ପରେ ସେ ଆଦୌ ବ୍ୟତିବ୍ୟସ୍ତ ହୋଇନଥିଲେ । ଡାକ୍ତରୀଦଳଙ୍କ ପରାମର୍ଶ ଅନୁସାରେ କିଛିଦିନ ଚିକିତ୍ସାଳୟରେ ରହିଲେ ଓ ପରେ ତାଙ୍କର ନେଗେଟିଭ୍ ରିପୋର୍ଟ ଆସିଥିଲା । ଜିଡେଉଙ୍କ ଶରୀରର ରୋଗପ୍ରତିରୋଧକ ଶକ୍ତି ଖୁବ୍ ଭଲ ଥିବାର ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି । ନିୟମିତ ଅଣ୍ଡା ଖାଇବା ସହ ଫଳମୂଳ ସେ ଅଧିକ ଖାଉଥିବାର ମତ ଦେଇଥିଲେ । ବୋଧହୁଏ ଏହା ହିଁ ତାଙ୍କ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିର କାରଣ ବୋଲି ଡାକ୍ତରୀ ଦଳଙ୍କ ମତ ।

-ଇନ୍ଦୋର ନିବାସୀ ୯୫ ବର୍ଷୀୟା ଚନ୍ଦାବାଇ ପରମାର । ଲଣ୍ଡନ ବିଶେଷଜ୍ଞ ଦଳ ଏହି ଭାରତୀୟ ବୟସ୍କାଙ୍କ ତଥ୍ୟ ମଧ ନେଇଛନ୍ତି । ଏ ବୟସରେ ମଧ ସେ କରୋନାକୁ ହରାଇପାରିବା ସମସ୍ତଙ୍କ ପାଇଁ ଆଶ୍ଚର୍ଯ୍ୟର ବିଷୟ । ୧୧ଦିନ ଚିକିତ୍ସାଳୟରେ ଗମ୍ଭୀର ଅବସ୍ଥାରେ ରହିବା ପରେ ସେ ସୁସ୍ଥ ହୋଇ ଫେରିଛନ୍ତି । ଚନ୍ଦାବାଇ ଏବେ ପର୍ଯ୍ୟନ୍ତ ଦୈନିକ ଯୋଗ କରିବା ସହ ଆମିଷ ଭୋଜନ ଖୁବ୍ ଭଲପାନ୍ତି । ଦୈନିକ ରାତିରେ ଖିରରେ ଶୁଦ୍ଧ ଦେଶୀ ଘିଅ ମିଶାଇ ପିଇବା ତାଙ୍କ ପିଲା ବେଳରୁ ଅଭ୍ୟାସ । ତାଙ୍କ ମତରେ ଉତ୍ତମ ପୋଷକତତ୍ତ୍ୱ ଖାଦ୍ୟ ହିଁ ତାଙ୍କ ସୁସ୍ଥ ଜୀବନଶୈଳୀରେ ରହସ୍ୟ । କରୋନା ଆକ୍ରାନ୍ତ ହେବା ପରେ ସେ ଦୁର୍ବଳ ଅନୁଭବ କରୁଛନ୍ତି । ହେଲେ ଖାଦ୍ୟପାନୀୟ ଓ ଯୋଗ କରିବାରେ ଆଦୌ ହେଳା କରୁନଥିବାର ପ୍ରକାଶ ।

# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାର ଉପାୟ


ଯେ କୌଣସି ରୋଗରୁ ବର୍ତ୍ତିବାର ପ୍ରମୁଖ ସମାଧାନ ହେଉଛି ନିଜ ଶରୀରର ରୋଗପ୍ରତତିରୋଧକ ଶକ୍ତି ବୃଦ୍ଧି କରିବା । ଶରୀରର ଶକ୍ତି ବଢ଼ାଇବା ସେଭଳି କଠିନ କାମ ନୁହେଁ । ନିଜ ଖାଦ୍ୟପାନୀୟ ଜଳ କସରତ୍, ଯୋଗ, ପ୍ରାଣାୟମ ଇତ୍ୟାଦି ନିୟମିତ କଲେ ସୁସ୍ଥ ରହିପାରିବେ । ଦିଲ୍ଲୀର ନାମୀ ଖାଦ୍ୟ ବିଶେଷଜ୍ଞ ନିରୁ ସିଂଙ୍କ ମତରେ ହଠାତ୍ କରି ଆମେ ଖାଦ୍ୟ ତାଲିକା ଅନୁସାରେ ଖାଇଲେ କିମ୍ବା ଅନ୍ୟ ସମସ୍ତ ନିୟମ ମାନି ଚଳିଲେ, ଲାଭ ମିଳେନାହିଁ । ଏକ ଲମ୍ବା ସମୟ ପର୍ଯ୍ୟନ୍ତ ସେସବୁ ପାଳନ କଲେ, ପ୍ରତ୍ୟେକ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ ।





♦ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପିଲାଠାରୁ ବୟସ୍କ ସକାଳବେଳା ସୂର୍ଯ୍ୟକିରଣରେ ୨୦-୩୦ ମିନିଟ୍ ବୁଲାବୁଲି କରିବା ଉଚିତ । ଧ୍ୟାନରେ ରଖନ୍ତୁ, ଏବେ ଦ୍ୱିପହର ସମୟରେ ଖରାରେ ବୁଲିଲେ ଆପଣଙ୍କୁ ଅଂଶୁଘାତ ହେବାର ଆଶଙ୍କା ସର୍ବାଧିକ । ଭିଟାମିନ୍ ଡି' ଆବଶ୍ୟକ ପରିମାଣରେ ଶରୀରକୁ ମିଳିବା ଦରକାର । ଆମେରିକା ଭଳି ଥଣ୍ଡା ରାଷ୍ଟ୍ରରେ ଲୋକେ ପର୍ଯ୍ୟାପ୍ତ ପରିମାଣର ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିପାରିନଥାନ୍ତି । ଏଣୁ ସେମାନେ ଭିଟାମିନ୍ ଡି' କ୍ୟାପସୁଲ୍ ଖାଇଥାନ୍ତି ।

♦ ସତେଜ ସବୁଜ ପନିପରିବା ନିୟମିତ ଭାବେ କିଣି ଖାଆନ୍ତୁ, ନଚେତ୍ ନିଜ ଘର ବଗିଚାରେ ସେସବୁ ଲଗାଇବାର ବନ୍ଦୋବସ୍ତ କରିପାରିବେ । ଫ୍ରିଜ୍‌ରେ ଅଧିକ ଦିନ ପରିବା ରଖି ଖାଇଲେ କୌଣସି ଲାଭ ମିଳେନାହିଁ ।







♦ ପିଲାଠାରୁ ବୟସ୍କ ସମସ୍ତେ ଦୈନିକ ରସୁଣ ଛୁଙ୍କ ବ୍ୟଞ୍ଜନ ଖାଇବା ଜରୁରୀ । ସମୟକ୍ରମେ ଶରୀରର ଶକ୍ତି ବଢ଼ିଥାଏ ।

♦ ଉଷୁମ ପାଣି ପିଇବାର ଅଭ୍ୟାସ ରଖନ୍ତୁ । ଆପଣଙ୍କ ଉତ୍ତମ ଜୀବନଶୈଳୀ ନିମନ୍ତେ ଏହା ଖୁବ୍ ସହାୟକ ହେବ ।


♦ ଅନ୍ୟାନ୍ୟ କସରତ ସହ ଯୋଗ କରିବାକୁ ଅଧିକ ପ୍ରାଧାନ୍ୟ ଦିଅନ୍ତୁ ।

# ମାନସିକ ଚାପର ମୁକାବିଲା

ଆଜିକାଲି ବ୍ୟସ୍ତବହୁଳ ଆଧୁନିକ ଜୀବନରେ ଆମେ ସମସ୍ତେ ପ୍ରତ୍ୟେକ କିଛି ନା କିଛି ମାନସିକ ଚାପ ବା ଷ୍ଟ୍ରେସର ସମ୍ମୁଖୀନ ହେଉଛେ । ସବୁବେଳେ ମାନସିକ ଚାପ ଆମମାନଙ୍କ ପ୍ରତି କ୍ଷତିକାରକ ହୋଇ ନଥାଏ । ବରଂ ବେଳେ ବେଳେ ଏହ ଆମମାନଙ୍କ ପାଇଁ ସହାୟକ ହୋଇଥାଏ । ଏହା ଦ୍ୱାରା ମନୁଷ୍ୟର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ । ମାତ୍ର ଯେତେବେଳେ ଆମ ଉପରେ ମାନସିକ ଚାପ ଅତ୍ୟଧିକ ମାତ୍ରରେ ପଡ଼ିଥାଏ ବା ଅଧିକ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ, ସେତେବେଳେ ଏହା ଆମର ମାନସକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ । ଆମ ଦେଶରେ ପ୍ରାୟ ୨୦ରୁ ୩୦ ପ୍ରତିଶତ ଲୋକଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଦେଖାଯାଇଥାଏ । ଆସନ୍ତୁ ଜାଣିବା ମାନସିକ ଚାପର ବିଭିନ୍ନ କାରଣର, ଲକ୍ଷଣର ଓ ଏହାର ମୁକାବିଲା କରିବାର ଉପାୟଗୁଡ଼ିକ ସମ୍ବନ୍ଧରେ ।

**କେଉଁ କାରଣରୁର ମାନସିକ ଚାପ ଦେଖାଦେଇଥାଏ ?**

ମାନସିକ ଚାପ ବିଭିନ୍ନ କାରଣରୁ ହୋଇପାରେ । ଆଜିକାଲି ସ୍କୁଲ ଓ କଲେଜରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଉପରେ ପାଠପଢ଼ା ଓ ପରୀକ୍ଷାରେ ଅଧିକ ନମ୍ବର ରଖିବା ପାଇଁ ସବୁବେଳେ ମାନସିକ ଚାପ ପଡୁଛି । ବିଭିନ୍ନ ଚାକିରି ଓ ବ୍ୟବସାୟ କରୁଥିବା ବ୍ୟକ୍ତି ଅଧିକାଂଶ ସମୟରେ ଅତ୍ୟଧିକ କାର୍ଯ୍ୟଭାରର ସମ୍ମୁଖୀନ ହେଉଛନ୍ତି । ଏହା ଛଡ଼ା କାର୍ଯ୍ୟକ୍ଷେତ୍ରରେ ଅତ୍ୟଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ରଖି କାମ କରୁଥିବା ବ୍ୟକ୍ତିମାନେ ମାନସିକ ଚାପର ବେଶି ଶିକାର ହେଉଛନ୍ତି । ଏକ ସାଙ୍ଗରେ ବହୁତ ଗୁଡ଼େ କାମ (ମଲ୍‌ଟିଟାସ୍କିଂ) କରିବା ଦ୍ୱାରା ମଧ ମାନସିକ ଚାପ ବୃଦ୍ଧି ପାଉଛି । ଜୀବନରେ ଘଟୁଥିବା କେତେକ କଠିନ ଓ ଅସୁବିଧାଜନକ ଘଟଣାବଳି ଯଥା ବେରୋଜଗାରି, ଆର୍ଥିକ ସଙ୍କଟ, ପାରିବାରିକ କଳହ, ଆତ୍ମୀୟ ଲୋକର ହଠାତ୍ ମୃତ୍ୟୁ ଆଦି ମାନସିକ ଚାପ ସୃଷ୍ଟି କରିଥାଏ । ସବୁବେଳେ ନକାରାତ୍ମକ ଚିନ୍ତାଧାରା ରଖି କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ମାନସିକ ଚାପର ସମ୍ମୁଖୀନ ହୋଇଥାନ୍ତି । ପ୍ରତିଦିନ ଶୋଇବା ଓ ବିଶ୍ରାମ କରିବା ପାଇଁ ଯଥେଷ୍ଟ ସମୟ ନ ମିଳିଲେ ମାନସିକ ଚାପ ସୃଷ୍ଟି ହୋଇଥାଏ । ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଅଧିକ ଦେଖାଯାଇଥାଏ । କେତେକ ବ୍ୟକ୍ତି ଜିନ୍‌ଗତ କାରଣ ଯୋଗୁ ମାନସିକ ଚାପ ପ୍ରତି ଅତ୍ୟଧିକ ସମ୍ବେଦନଶୀଳ ହୋଇଥାନ୍ତି । ଆଜିକାଲିର ଆଧୁନିକ ଜୀବନଶୈଳୀ ମଧ କେତେକାଂଶରେ ମାନସିକ ଚାପ ଆରମ୍ଭର କାରଣ ହୋଇପାରେ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦୃଷ୍ଟିଭଙ୍ଗୀ ବଦଳୁ...

ବର୍ତ୍ତମାନ ସମୟରେ ଭାରତର ଜନସଂଖ୍ୟା ପ୍ରାୟ ଅଧା ହେଉଛନ୍ତି ମହିଳା। ଶିକ୍ଷାର ବିସ୍ତାର ପରେ ମହିଳାମାନେ ଏବେ ସମାଜର ସବୁ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। କିନ୍ତୁ ଏବେ ସୁଦ୍ଧା ବଦଳି ପାରିନି ସେମାନଙ୍କ ପ୍ରତି ସମାଜର ଦୃଷ୍ଟିଭଙ୍ଗୀ। ସ୍ଥିତିରେ ପରିବର୍ତ୍ତନ ଆଣିବାପାଇଁ ସ୍ୱାଧୀନୋତ୍ତର ଭାରତରେ ସରକାର ପରେ ସରକାରମାନେ ବିଭିନ୍ନ ପ୍ରକାରର ସଚେତନତା ସୃଷ୍ଟିକାରୀ ପଦକ୍ଷେପମାନ ନେଇଛନ୍ତି; ଅନେକ ଆଇନ୍ କାନୁନ୍ ପ୍ରଣୟନ କରିଛନ୍ତି। ନିକଟରେ ଜଣାପଡ଼ିଛି ଯେ ଦେଶର ନିର୍ମାଣ ହେଉଥିବା ନୂଆ ସଂସଦ ଭବନର କାନ୍ଥଗୁଡ଼ିକର ଶୋଭା ବଢ଼ାଇବାକୁ ଯାଉଛି ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ଏଥିରେ ସ୍ଥାନିତ ହେବା ପାଇଁ ନିଷ୍ପତ୍ତି ନିଆଯାଇଥିବା ବୈଦିକ ଯୁଗଠାରୁ ଆରମ୍ଭ କରି ବର୍ତ୍ତମାନ ସମୟ ପର୍ଯ୍ୟନ୍ତର ୭୫ଜଣ ମହିୟସୀ ମହିଳାଙ୍କ ତୈଳଚିତ୍ର। ଏହି ପ୍ରକଳ୍ପ ପାଇଁ ଯେଉଁ ମହିଳାମାନଙ୍କୁ ମନୋନୀତ କରାଯିବ, ସେମାନେ ଅବଶ୍ୟ ସମାଜର ବିଭିନ୍ନ କ୍ଷେତ୍ରରେ ବଛାଯିବେ, ଯେପରିକି ଆଧ୍ୟାତ୍ମିକ ଗୁରୁଙ୍କଠାରୁ ଆରମ୍ଭ କରି ପୌରାଣିକ ଚରିତ୍ରଙ୍କ ପର୍ଯ୍ୟନ୍ତ; ବୀରାଙ୍ଗନାଙ୍କଠାରୁ ସମାଜ ସଂସ୍କାରକଙ୍କ ପର୍ଯ୍ୟନ୍ତ। କହିବାବାହୁଲ୍ୟ, ଏହା ଏକ ଉତ୍ତମ ପଦକ୍ଷେପ। ପ୍ରତୀକବାଦ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ, ବିଶେଷକରି ଭାରତର ସର୍ବୋଚ୍ଚ ସ୍ଥାନରେ, ଅର୍ଥାତ୍ ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ସଂସଦ ଭବନରେ ଏହା ପ୍ରତିଫଳିତ ହେବା ଏକ ଶୁଭ ଲକ୍ଷଣ। ଏହାଦ୍ୱାରା ବର୍ତ୍ତମାନର ତଥା ଆଗାମୀ ପିଢ଼ିର ନାଗରିକମାନେ ଏହି ମହିଳାମାନଙ୍କ ସମ୍ପର୍କରେ ଜାଣିବାର ସୁଯୋଗ ଲାଭ କରିବେ, ସେଗୁଡ଼ିକ ଅନୁସରଣ କରିବାକୁ ଚେଷ୍ଟିତ ହେବେ। ପୁନଶ୍ଚ, ଏହା ଦେଶର ପ୍ରଗତି ଏବଂ ସ୍ୱାଧୀନତା କ୍ଷେତ୍ରରେ ମହିଳା ନେତୃମଣ୍ଡଳୀଙ୍କ ଗୁରୁତ୍ୱ ସମ୍ପର୍କରେ ଏକ ବଳିଷ୍ଠ ସଙ୍କେତ ପ୍ରଦାନ କରିବ। ତା'ସତ୍ତ୍ୱେ ଏହା କ୍ୱଚିତ୍ ପରଦା ଢ଼ାଙ୍କିବାରେ ସମର୍ଥ ହେବ ସାମ୍ପ୍ରତିକ ସମାଜର ମହିଳାମାନଙ୍କ ସ୍ଥିତି ଉପରେ। ସଂସଦ ଏବଂ ରାଜ୍ୟଗୁଡ଼ିକର ବିଧାନସଭାମାନଙ୍କରେ ମହିଳାମାନଙ୍କ ପ୍ରତିନିଧିତ୍ୱରେ କେତେ ଅନ୍ତର ରହିଛି, ତାକୁ ସୂଚାଇ ଦେବ ଏଡି ତୈଳଚିତ୍ରଗୁଡ଼ିକ। ସଂସଦରେ ମହିଳା ସଦସ୍ୟ (ଏମପି) ମାନଙ୍କ ସଂଖ୍ୟା ୨୦୧୯ରେ ସର୍ବାଧିକ ଥିଲା, କିନ୍ତୁ ଏହାର ହାର ଥିଲା ମାତ୍ର ୧୪.୪ ପ୍ରତିଶତ, ଯାହା ଜନସଂଖ୍ୟା ଓ ମତଦାତାଙ୍କ ଅନୁସାରେ ସେମାନଙ୍କ ଅଂଶ ତୁଳନାରେ ଥିଲା ଢ଼େର କମ୍। ଏହି ସଂଖ୍ୟା ଯେ ନ ବଢୁଛି, ସେପରି ନୁହେଁ, ପରନ୍ତୁ ଖୁବ୍ ଧୀରେ ଧୀରେ ବଢୁଛି, ଏବଂ ନିର୍ବାଚନୀ ଫଳାଫଳକୁ ନିର୍ଦ୍ଧାରଣ କରିବା କ୍ଷେତ୍ରରେ ସେମାନେ ଯେଉଁ ଧରଣର କ୍ରମବର୍ଦ୍ଧିଷ୍ଣୁ ଭୂମିକା ନିର୍ବାହ କରୁଛନ୍ତି, ସେ ତୁଳନାରେ ଆଶାନୁରୂପ ଭାବରେ ହେଉନାହିଁ। ଗତ କେତେଗୋଟି ନିର୍ବାଚନରେ ଦେଖାଯାଇ ଆସିଛି ଯେ ମତଦାନ କ୍ଷେତ୍ରରେ ମହିଳା ଭୋଟରମାନେ ସେମାନଙ୍କ ପୁରୁଷ ପ୍ରତିପକ୍ଷଙ୍କ ଅପେକ୍ଷା ଶୀର୍ଷସ୍ତରୀ ନିର୍ବାଚନୀ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଆଣିଛନ୍ତି, ଯେଉଁଥିପାଇଁ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହୁଅନ୍ତୁ କି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବା ବିହାରରେ ନୀତୀଶ କୁମାର ଓ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ଏହି ସ୍ୱତନ୍ତ୍ର ଧରଣର ଭୋଟ୍ ବ୍ୟାଙ୍କକୁ ପ୍ରୋତ୍ସାହନ ଯୋଗାଇ ଚାଲିଛନ୍ତି। ମହିଳା ନେତାମାନେ କେବଳ ଯେ ପ୍ରତିନିଧିତ୍ୱର ପ୍ରତୀକ, ତା' ନୁହେଁ, ବରଂ ସେମାନେ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ମଧ୍ୟ ଅଧିକ ଉନ୍ନତ ଓ ଦାୟିତ୍ୱସମ୍ପନ୍ନ ଭୂମିକା ନିର୍ବାହ କରିଥାନ୍ତି ବୋଲି ରାଜନୀତି ଶାସ୍ତ୍ର ଉଲ୍ଲେଖ କରେ। ଏସବୁ ସତ୍ତ୍ୱେ ପରିସ୍ଥିତି ଆଜି ବି ଉତ୍ସାହଜନକ ହୋଇପାରିନାହିଁ ମହିଳାମାନଙ୍କ ପାଇଁ। ଏ ତ ଗଲା ମୁଦ୍ରାର ଗୋଟିଏ ପାର୍ଶ୍ୱ। ଅପର ପାର୍ଶ୍ୱରେ ରହିଛି ମହିଳା- କନ୍ୟା ସନ୍ତାନମାନଙ୍କ ପ୍ରତି ସମାଜର ବୈମାତୃକ ମନୋଭାବ, ଯାହା ପ୍ରତିଫଳିତ ହେଉଛି କନ୍ୟାଭ୍ରୁଣ ହତ୍ୟାରେ। ଭାରତୀୟ ପୁରୁଷ-ପ୍ରଧାନ ସାମାଜିକ ବ୍ୟବସ୍ଥାରେ ଆଜି ମଧ୍ୟ ଅନେକ ପରିବାର ଓ ଦମ୍ପତି କନ୍ୟା ସନ୍ତାନଟିଏ ଅପେକ୍ଷା ପୁତ୍ର ସନ୍ତାନଟିଏ ଲାଭ କରିବାକୁ ଅଧିକ ପସନ୍ଦ କରନ୍ତି। ପରିଣତି ସ୍ୱରୂପ, ସମାଜରେ ବଳବତ୍ତର ରହିଛି ଲିଙ୍ଗ ନିରୂପଣ ବ୍ୟବସ୍ଥା- ଏହାକୁ ରୋକିବାକୁ କଠୋର ଆଇନ୍ ପ୍ରଣୟନ କରାଯାଇଥିବା ପରେ ମଧ୍ୟ। ଏହାର ସଦ୍ୟତମ ଉଦାହରଣ ଭାବରେ ସମ୍ମୁଖକୁ ଆସିଛି ଓଡ଼ିଶାର ବ୍ରହ୍ମପୁରରେ ଧରାପଡ଼ିଥିବା ଏକ ଅବୈଧ ଲିଙ୍ଗ ନିରୂପଣକାରୀ ବାସଗୃହ-ତଥା-କ୍ଲିନିକ୍, ଯେଉଁଠି ଏକ ଆନ୍ତଃ-ରାଜ୍ୟ ଲିଙ୍ଗ ନିରୂପଣକାରୀ ର୍ୟାକେଟ୍ ବର୍ଷ ବର୍ଷ ଧରି ସକ୍ରିୟ ରହିଥିଲା ବୋଲି କୁହାଯାଇଛି। ଏହି କ୍ଲିନିକ୍ ଉପରେ ପୁଲିସ ଚଢ଼ାଉ କଲାବେଳେ ୧୧ଜଣ ଗର୍ଭବତୀ ମହିଳା ସେମାନଙ୍କ ଗର୍ଭସ୍ଥ ସନ୍ତାନର ଲିଙ୍ଗ ନିରୂପଣ କରିବାକୁ ପାଳି ପଡ଼ିଥିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ବୋଲି ଜଣାପଡ଼ିଥିଲା ଏବଂ ପରିତାପର ବିଷୟ, ୨୦୦୫ଠାରୁ ନିଷେଧ କରାଯାଇଥିବା ଏକ ପରିବହନଯୋଗ୍ୟ ଅଲଟ୍ରାସାଉଣ୍ଡ ମେସିନ୍ ଏଠାରୁ ଜବତ କରାଯାଇଥିବାବେଳେ ଏହି କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୋଗରେ ଯେଉଁମାନଙ୍କୁ ଗିରଫ କରାଯାଇଥିଲା, ସେମାନଙ୍କ ମଧ୍ୟରେ ଜଣେ ଆଶାକର୍ମୀ ଅନ୍ତର୍ଭୁକ୍ତ ଥିବା ଜଣାପଡ଼ିଛି। ସେହିଭଳି ଅଳ୍ପ କେତେ ସପ୍ତାହ ଭିତରେ ତାମିଲନାଡୁ, ହରିୟାନାର କୁରୁକ୍ଷେତ୍ର, ଦିଲ୍ଲୀ, ଗୁଜରାଟର ରାଜକୋଟ ପୁଲିସ ମଧ୍ୟ ଏହିଭଳି କ୍ଲିନିକଗୁଡ଼ିକ ଉପରେ ଚଢ଼ାଉ କରି ସଫଳତା ଲାଭ କରିଛନ୍ତି।

# ଜାମାଇକାରେ ରାଷ୍ଟ୍ରପତି

ସୌମେନ୍ଦ୍ର ଜେନା

କୌଣସି ଦେଶ ଛୋଟ କିମ୍ବା ବଡ ହୋଇପାରେ, ଜନସଂଖ୍ୟା ଅଳ୍ପ ବେଶୀ ହୋଇପାରନ୍ତି, କିନ୍ତୁ ଜାତିସଂଘ ଦୃଷ୍ଟିରୁ ପ୍ରତ୍ୟେକ ଦେଶପାଇଁ ଗୋଟିଏ ଭୋଟ ଥିବା ହେତୁ କେହି ଗୌଣ ନୁହନ୍ତି। ସେହିପରି ଏକ ଛୋଟ ଦ୍ୱୀପରାଷ୍ଟ୍ର ହେଉଛି ଜାମାଇକା। ଉତ୍ତର-ଦକ୍ଷିଣ ଆମେରିକାର ନିକଟରେ ଥିବା ଏହି ଦ୍ୱୀପରାଷ୍ଟ୍ରଟି ଯେମିତି ଗଣତାନ୍ତ୍ରିକ ସେମିତି ଅନ୍ୟମାନଙ୍କଠାରୁ ବଡ ଏବଂ ଆଗୁଆ ମଧ୍ୟ। କ୍ୟାରବିଆନ ସାଗର ନିକଟସ୍ଥ ଏହି ଦ୍ୱୀପରାଷ୍ଟ୍ରକୁ ମଇ ୧୫ରୁ ୧୮। ୨୦୨୨ରେ ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗସ୍ତ କରିଥିଲେ। ରାଷ୍ଟ୍ରପତିଙ୍କ ସହ ପତ୍ନୀ ସବିତା କୋବିନ୍ଦ ଏବଂ ଝିଅ ସ୍ୱାତୀ ମଧ ସଙ୍ଗରେ ଥିଲେ। ଭାରତର ରାଷ୍ଟ୍ରପତି ଭାବେ ପ୍ରଥମଥର ପାଇଁ କୋବିନ୍ଦ ଜାମାଇକା ଗସ୍ତ କରିଥିଲେ। ଏତେ ଦଶନ୍ଧି ହେଲା ଏହି ଦ୍ୱୀପରାଷ୍ଟ୍ରକୁ ଅବହେଳା କରି କୌଣସି ଭାରତୀୟ ରାଷ୍ଟ୍ରପତି ଗସ୍ତ ନକରିବା ଦୁର୍ବଳ ବିଦେଶ ନୀତିର ପରିଚ୍ୟକ ବୋଲି କହିବାକୁ ହେବ।

ଦୁଇଦେଶ ଭାରତ ଓ ଜାମାଇକା ମଧରେ ସଂପର୍କ ସ୍ଥାପନାର ୬୦ତମ ବାର୍ଷିକୀ ଜାରି ରହିଛି। ସେମିତି ଯଦି ଦେଖାଯାଏ ଭାରତର ଲୋକେ ଏହି ଦ୍ୱୀପରେ ପହଞ୍ଚିବାର ୧୭୬ବର୍ଷ ଗ୍ଭଲିଛି। ବିହାର ଓ ପୂର୍ବ ଉତ୍ତର ପ୍ରଦେଶର ଶ୍ରମିକମାନଙ୍କୁ ବ୍ରିଟିଶ ସରକାର ୧୮୪୫ରୁ ୧୯୧୭ମଧରେ କୃଷକାର୍ଯ୍ୟ ପାଇଁ ଜାମାଇକାକୁ ନେଇଥିଲେ। ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ପେଶାଦାର ଲୋକେ ମଧ ଭାରତରୁ ଜାମାଇକା ଯାଇଥିଲେ। ଦୁଇଦେଶ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନରେ ସଦସ୍ୟ ରହିଆସିଛନ୍ତି। ରାଜ୍ୟ ଗୋଷ୍ଠୀ ମଧରେ ଦୁଇଦେଶ ରହିଛନ୍ତି। ଜାମାଇକାର ମୋଟ ଜନସଂଖ୍ୟା ମଧରୁ ୩ ପ୍ରତିଶତ ହେଉଛନ୍ତି ଭାରତୀୟ ମୂଳର ଲୋକ। ଦୁଇଦେଶ କ୍ରିକେଟ ସହ ଯୋଡି ହୋଇଛନ୍ତି। ଆମେରିକାର ଏବେ ରାଷ୍ଟ୍ରପତି ଥିବା କମଳା ହାରିସଙ୍କ ମାତା ଜଣେ ଭାରତୀୟ ଥିଲାବେଳେ ପିତା ଜାମାଇକାର ଲୋକ ଥିଲେ। ଦୁଇଦେଶ ମଧରେ ଶକ୍ତି ସୁରକ୍ଷା, ଖାଦ୍ୟସୁରକ୍ଷା, ଜଳବାୟୁ ପରିବର୍ତ୍ତନ, ଆନ୍ତର୍ଜାତିକ ସନ୍ତ୍ରାସବାଦ, ଦକ୍ଷିଣ -ଦକ୍ଷିଣ ସହଯୋଗ ନେଇ ସହମତି ରହିଆସିଛି। ୧୯୭୫ରେ ଭାରତ ସରକାର ନିଜସ୍ୱ କାର୍ଯ୍ୟାଳୟ ରାଜଧାନୀ କିଙ୍ଗସଟନଠାରେ ଖୋଲିଥିଲେ। ଅତୀତରେ ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଏବଂ ଅଟଳ ବିହାରୀ ବାଜପେୟୀ ପ୍ରମୁଖ ଜାମାଇକା ଗସ୍ତ କରିଥିଲେ। ମହାତ୍ମାଗାନ୍ଧିଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଜାତିସଂଘର କାର୍ଯ୍ୟାଳୟଠାରେ ୨୫ ସେପ୍ଟେମ୍ବର ୨୦୧୯ରେ ଭାରତ ପକ୍ଷରୁ ଯେଉଁ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା ସେଥିରେ ଜାମାଇକାର ପ୍ରଧାନମନ୍ତ୍ରୀ ହୋଲନେସ୍ ବକ୍ତାଭାବେ ଯୋଗଦେଇଥିଲେ। ସେହି ଅବସରରେ ଭାରତ- କ୍ୟାରବିଆନ ରାଷ୍ଟ୍ରଗୁଡିକର ପ୍ରଥମ ମିଳିତ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଗତବର୍ଷ ମାର୍ଚ୍ଚ ମାସରେ ଜାମାଇକାର ପ୍ରଥମ ଆବାସିକ ହାଇ କମିଶନରଙ୍କୁ ନୂଆଦିଲ୍ଲୀଠାରେ ନିଯୁକ୍ତି ମିଳିଥିଲା। ଦୁଇଦେଶ ମଧରେ ଦ୍ୱିପାକ୍ଷିକ ବାଣିଜ୍ୟ ୨୦୧୬-୧୭ରେ ୪୪.୧୮ ମିଲିଅନ ଡଲାର,୨୦୧୭-୧୮ରେ ୫୬.୫୯ ମିଲିଅନ ଡଲାର, ୨୦୧୮-୧୯ରେ ୬୦.୪୩ ମିଲିଅନ ଡଲାର ରହିଥିଲା। ଗତବର୍ଷ ୮ ମାର୍ଚ୍ଚ ୨୦୨୧ରେ ଟିକା ମୈତ୍ରୀ କାର୍ଯ୍ୟକ୍ରମ ଅଧିନରେ ଭାରତ ୫୦,୦୦୦ ଟିକା ଉପହାର ସ୍ୱରୂପ କୋରୋନା ନିୟନ୍ତ୍ରଣ ପାଇଁ ଜାମାଇକା ସରକାରକୁ ଦେଇଥିଲେ। ଏହାଛଡା ଫେବୃଆରୀ ୨୦୧୯ରେ କୋରୋନାର ଚିକିତ୍ସାପାଇଁ ଭାରତ ସରକାର ୧୫୦,୦୦୦ଡଲାର ମୂଲ୍ୟର ଔଷଧ ଉପହାର ରୂପେ ଜାମାଇକାକୁ ଦେଇଥିଲେ। ଆନ୍ତର୍ଜାତିକ ପ୍ରଶିକ୍ଷଣ ଏବଂ ଆର୍ଥିକ ସହଯୋଗ କାର୍ଯ୍ୟକ୍ରମ ଅଧିନରେ ୨୦୧୯-୨୦ ବର୍ଷରେ ଜାମାଇକା ପାଇଁ ୩୦ଟି ସ୍ଥାନ ରହିଥିଲା ବେଳେ ୨୯ଟି ପୂରଣ ହୋଇଥିଲା। ଏହି କାର୍ଯ୍ୟକ୍ରମ ଯୋଜନାରେ ଜାମାଇକାର ପ୍ରାୟ ୩୪୦ ବ୍ୟକ୍ତିଙ୍କୁ ଭାରତର ଭିନ୍ନ ଭିନ୍ନ ସଂସ୍ଥାନରେ ପ୍ରଶିକ୍ଷଣ ମିଳିଛି। ଆନ୍ତର୍ଜାତିକ ସୌର ମେଣ୍ଟରେ ଜାମାଇକା ପୂର୍ଣ୍ଣ ସଦସ୍ୟ ରହିଛି। ଡିସେମ୍ବର ୨୦୨୦ରେ ଅନୁଷ୍ଠିତ ପ୍ରଶିକ୍ଷଣରେ ପ୍ରାୟ ୪୦ଜଣ ଜାମାଇକା ଅଧିକାରୀ ଯୋଗଦାନ କରିଥିଲେ। ଜାତିସଂଘରେ ଭାରତର ପୂର୍ଣ୍ଣ ସଦସ୍ୟତାକୁ ଜାମାଇକା ସମର୍ଥନ କରିଆସୁଛି। ୨୦୨୧-୨୨ ପାଇଁ ଜାତିସଂଘର ଅସ୍ଥାୟୀ ସଦସ୍ୟ ଭାବେ ଭାରତ ବିଜୟୀ ହେବା ପଛରେ ଜାମାଇକାର ଦୃଢ ସମର୍ଥନ ରହିଥିଲା। ହିନ୍ଦୀ ଭାଷାର ପ୍ରସାର, ଯୋଗ ଶିକ୍ଷା କ୍ଷେତ୍ରରେ ଜାମାଇକା ସରକାରଙ୍କ ସହଯୋଗ ରହିଆସିଛି। ସମୟାନୁସାରେ ଭାରତର ସଂଗୀତ, ନୃତ୍ୟକଳା, ସଂସ୍କୃତି ଆଧାରିତ କାର୍ଯ୍ୟକ୍ରମମାନ ଜାମାଇକାରେ ଆୟୋଜିତ ହୋଇଆସୁଛି। ଜାମାଇକା ଲୋକେ ଭାରତର ସିନେମା ଦେଖିବାକୁ ଭଲପାଇଥାନ୍ତି। ଜାମାଇକାର ଓକହୋରିଓସ୍ ସହରରେ ଭାରତୀୟ ସିନେମା ପ୍ରେକ୍ଷାଳୟଗୁଡିକରେ ଗ୍ଭଲିଥାଏ। ଜାମାଇକାରେ ଏବେ ପ୍ରାୟ ୭୭୦୦ ଭାରତୀୟ ନାଗରିକ କାର୍ଯ୍ୟ କରୁଛନ୍ତି।

ଗ୍ଭରିଦିନିଆ ଜାମାଇକା ଗସ୍ତରେ ବାହାରି ରାଷ୍ଟ୍ରପତି କୋବିନ୍ଦ ଜାମାଇକାର ରାଜଧାନୀ କିଙ୍ଗସ୍ଟନରେ ଥିବା ନର୍ମାନ୍ ମାନ୍ଲେ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ରେଡକାର୍ପେଟରେ ସ୍ୱାଗତ କରାଯାଇଥିଲା। ଉଭୟ ଭାରତୀୟ ଏବଂ ଜାମାଇକାର ଲୋକେ କୋବିନ୍ଦଙ୍କୁ ସ୍ୱାଗତ କରିଥିଲେ। ରାଷ୍ଟ୍ରପତିଙ୍କ ଏହି ଗସ୍ତରେ କେନ୍ଦ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ଲୋକସଭା ସାଂସଦ ରମାଦେବୀ, ସତୀଶ କୁମାର ଗୌତମଙ୍କ ସମେତ ସଚିବସ୍ତରୀୟ ଅଧିକାରୀଗଣ ରହିଥିଲେ। ରାଷ୍ଟ୍ରପତିଙ୍କୁ ୨୧ତୋପ ସଲାମୀ ଦିଆଯାଇଥିଲା। ଜାମାଇକାର ସେନାମୁଖ୍ୟ ରାଷ୍ଟ୍ରପତିଙ୍କୁ ପାଛୋଟି ନେଇଥିଲେ। ଜାମାଇକା ପକ୍ଷରୁ ଗଭର୍ଣ୍ଣର ଜେନେରାଲ ପାଟ୍ରିକ ଆଲେନ, ପ୍ରଧାନମନ୍ତ୍ରୀ ଆଣ୍ଡ୍ର୍ୟୁ ହୋଲନେସ୍, କ୍ୟାବିନେଟର ମନ୍ତ୍ରୀଗଣ, ସେନାମୁଖ୍ୟ, ପୋଲିସ କମିଶନର ପ୍ରମୁଖ ଉପସ୍ଥିତ ଥିଲେ। ସେମିତି ଜାମାଇକାରେ ଥିବା ଭାରତର ଉଚ୍ଚାୟୁକ୍ତ ମାସାକୁଇ ରୁଙ୍ଗସୁଙ୍ଗ୍ ଏବଂ ତାଙ୍କ ପତ୍ନୀ ଜିଙ୍ଗଗ୍ରଓ୍ୱନ୍ ରୁଙ୍ଗସୁଙ୍ଗ ମଧ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ନିଉ କିଙ୍ଗସଟନର ପେଗାସସ୍ ହୋଟେଲରେ ପହଞ୍ଚିବା ପରେ ସେଠାରେ ପ୍ରବାସୀ ଭାରତୀୟମାନଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା।

ରାଷ୍ଟ୍ରପତି କୋବିନ୍ଦଙ୍କ ସମ୍ମାନାର୍ଥେ ଜାମାଇକା ପକ୍ଷରୁ ସଂସଦର ମିଳିତ ସଭା ବ୍ୟବସ୍ଥା ହୋଇଥିଲା। ରାଷ୍ଟ୍ରପତି ସେଠାରେ ତାଙ୍କ ବକ୍ତବ୍ୟ ପ୍ରଦାନ କରି ଭାରତ ଜ୍ଞାନର ଉପଯୋଗ କରି ବିକାଶ ଓ ସମୃଦ୍ଧିକୁ କିପରି ପ୍ରୋତ୍ସାହନ ଦେଉଛି ତାହା ବୁଝାଇ କହିଥିଲେ। ଆଇଆଇଟି ଏବଂ ଆଇଆଇଏମ୍ ପରି ଭାରତୀୟ ଶିକ୍ଷାନୁଷ୍ଠାନରୁ ବାହାରିଥିବା ବିଦ୍ୟାର୍ଥୀ କିପରି ପୃଥିବୀର ବଡବଡ କମ୍ପାନୀ ଏବଂ ବାଣିଜ୍ୟିକ ଅନୁଷ୍ଠାନର ନେତୃତ୍ୱ ନେଉଛନ୍ତି ତାହା ପ୍ରକାଶ କରିଥିଲେ। ନୂତନ ଶିକ୍ଷାନୀତି ୨୦୨୦ ଅନୁସାରେ ଭାରତ ବିଦେଶରେ ଆଇଆଇଟି ଖୋଲିବାକୁ ଯୋଜନା ରଖିଥିଲା ବେଳେ ଜାମାଇକା ନିଜ ଦେଶରେ ଆଇଆଇଟି ଖୋଲିବାକୁ ଆଗ୍ରହ ପ୍ରକାଶ କରିଥିବା କଥା ସେ କହିଥିଲେ। ଭାରତ ଚତୁର୍ଥ ଶିଳ୍ପ ବିପ୍ଳବ ପାଇଁ ଅତ୍ୟାଧୁନିକ ଟେକ୍ନୋଲୋଜିର ଶିକ୍ଷା ପ୍ରସାର କରୁଥିବା ବିଷୟ ସେ ପ୍ରକାଶ କରିଥିଲେ। ଜାମାଇକାର ଶିକ୍ଷା, ବାଣିଜ୍ୟ, ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଭାରତ ସହଯୋଗ କରିବ ବୋଲି ସେ କହିଥିଲେ। ୩୦ଲକ୍ଷରୁ କମ୍ ଜନସଂଖ୍ୟା ବିଶିଷ୍ଟ ଦେଶ ହୋଇ ସୁଦ୍ଧା ଅଲିମ୍ପିକ୍ସ ବିଶ୍ୱ ଚମ୍ପିଅନସିପ୍ ଅନ୍ୟାନ୍ୟ କ୍ରୀଡା କ୍ଷେତ୍ରରେ ଜାମାଇକାର ସଫଳତା ବେଶ୍ ଉଲ୍ଲେଖନୀୟ ବୋଲି ରାଷ୍ଟ୍ରପତି କୋବିନ୍ଦ କହିଥିଲେ। ଜାମାଇକାର ଭିଜନ -୨୦୩୦ ଦୃଷ୍ଟିକୋଣକୁ ପ୍ରଶଂସା କରିବା ସହ ଶିକ୍ଷା, ବାଣିଜ୍ୟ, ଟେକ୍ନୋଲୋଜି, ଜ୍ଞାନ ଆଦି କ୍ଷେତ୍ରରେ ସହଯୋଗୀ ହେବାକୁ ଆଗ୍ରହ ରହିଥିବା ପ୍ରକାଶ କରିଥିଲେ।

ଜାମାଇକାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସାକ୍ଷାତ ସେଠାକାର ଗଭର୍ଣ୍ଣର ଜେନେରାଲ ସାର ପ୍ୟାଟ୍ରିକ ଆଲେନ ଏବଂ ପ୍ରଧାନମନ୍ତ୍ରୀ ଆଣ୍ଡ୍ର୍ୟୁ ହୋଲନେସଙ୍କ ସହ ହୋଇଥିଲା। ଜାମାଇକା ରାଷ୍ଟ୍ରପତିଙ୍କ ପତ୍ନୀ ଭାରତୀୟ ବେଶଭୂଷାରେ କୋବିନ୍ଦ ଦମ୍ପତିଙ୍କୁ ସ୍ୱାଗତ କରିଥିଲେ। ଗସ୍ତକାଳରେ ଦୁଇ ଦେଶ ମଧ୍ୟରେ ବିଦେଶ ବିଭାଗର ଅଧିକାରୀଙ୍କ ପ୍ରଶିକ୍ଷଣ ନିମନ୍ତେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଭାରତର ସୁଷମା ସ୍ୱରାଜ ଇନଷ୍ଟିଚ୍ୟୁଟ ଅଫ ଫରେନ୍ ସର୍ଭିସ ବୈଦେଶିକ ମନ୍ତ୍ରଣାଳୟ ସହ ଜାମାଇକାର ବୈଦେଶିକ ବାଣିଜ୍ୟ ବିଭାଗ ମଧ୍ୟରେ ଏହି ବୁଝାମଣା ହୋଇଥିଲା। ବୁଝାମଣା ଅନୁଯାୟୀ ଦୁଇଦେଶ ମଧ୍ୟରେ ଶୈକ୍ଷିକ ଓ ପ୍ରଶିକ୍ଷଣ କ୍ଷେତ୍ରରେ ଆଦାନପ୍ରଦାନ କାର୍ଯ୍ୟକ୍ରମ ଗ୍ଭଲିବ। କିଙ୍ଗସଟନଠାରେ ଭାରତ-ଜାମାଇକା ଫ୍ରେଣ୍ଡସିପ୍ ପାର୍କକୁ ରାଷ୍ଟ୍ରପତି କୋବିନ୍ଦ ଉଦ୍‌ଘାଟନ କରିବା ସହ ବୃକ୍ଷରୋପଣ କରିଥିଲେ। କୋବିନ୍ଦଙ୍କ ସହ ଜାମାଇକାର ଗଭର୍ଣ୍ଣର ଜେନେରାଲ ଦମ୍ପତି ଉପସ୍ଥିତ ଥିଲେ। ଏହାଛଡା କିଙ୍ଗସଟନ ସହରସ୍ଥିତ ଟାୱାର ଷ୍ଟ୍ରୀଟର ଏକ ଅଂଶକୁ ଆମ୍ବେଦକର ଆଭିନ୍ୟୁ ନାମରେ ନାମିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କିଙ୍ଗସଟନର ମେୟର ଡେଲରୟ ୱିଲିୟମ୍ସ ନିଜେ ଉପସ୍ଥିତ ରହିବା ସହ ଆମ୍ବେଦକରଙ୍କର ପ୍ରଶଂସା କରିବାକୁ ଯାଇ ମାର୍କସ ଗାର୍ଭେଙ୍କ ସହ ତୁଳନା କରିଥିଲେ। ରାଷ୍ଟ୍ରପତି କୋବିନ୍ଦ ମଧ ଗାର୍ଭେଙ୍କ ସମାଧିସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମାର୍କସ ମୋସିଆ ଗାର୍ଭେ (ଜୁନିଅର) ଜାମାଇକାର ସେଣ୍ଟ ଆନ ବେଠାରେ ୧୭ଅଗଷ୍ଟ ୧୮୮୭ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ପଥର କଟାଳିଥିଲାବେଳେ ମାତା ଗ୍ଭକରାଣୀ କାର୍ଯ୍ୟ କରୁଥିଲେ। ସେ ଦକ୍ଷିଣ ଆମେରିକାର ଅନେକ ରାଷ୍ଟ୍ରଗସ୍ତକରି ଆଫ୍ରିକୀୟ ମୂଳବାସିନ୍ଦାଙ୍କ କଷ୍ଟକୁ ସ୍ୱଚକ୍ଷୁରେ ଦେଖିବାପରେ ୧୯୧୪ରେ ସେମାନଙ୍କ ସ୍ୱାର୍ଥରକ୍ଷା ପାଇଁ ବୈଶ୍ୱିକ ନିଗ୍ରୋ ବିକାଶ ସଂଗଠନ ଜାମାଇକାଠାରେ ଆରମ୍ଭ କରିଥିଲେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ବିଶ୍ୱ ଦୁଗ୍ଧଦିବସ : ଏକ ଅନୁଶୀଳନ

ବୈଷ୍ଣବ ମେହେର

ମାଆ କ୍ଷୀର ହେଉ ଅବା ଗାଈ କ୍ଷୀର, ତାହା ଅମୃତ ଭଳି। ସମୟ ସହିତ ତାଳ ଦେଇ ଅନେକ କ୍ଷେତ୍ରରେ ପରିବର୍ତ୍ତନ ହେଉଥିଲେ ମଧ କ୍ଷୀର ବା ଦୁଗ୍ଧର ଚାହିଦା ଏଯାଏଁ ପୂର୍ବ ଭଳି ଅତୁଟ ରହିଛି। ଶରୀରକୁ ଶକ୍ତିଶାଳୀ କରିବା ପାଇଁ ଏଥିରେ ଭିଟାମିନ୍ସ, ମିନେରାଲ୍ସ ଏବଂ ଅନେକ ପୋଷକ ତତ୍ତ୍ୱ ରହିଥାଏ। ଉଚ୍ଚମାନର ପ୍ରୋଟିନ୍ ଏବଂ ଭିଟାମିନ୍-ବି ବ୍ୟତିତ ଦୁଗ୍ଧରେ ଥିବା କ୍ୟାଲସିୟମ, ଭିଟାମିନ୍-ଡି ହାର୍ଟକୁ ସୁସ୍ଥ ରଖେ ଏବଂ ଶରୀରର ଓଜନକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ। ଦୁଗ୍ଧରେ ଥିବା ପୋଟାସିୟମ, ଫସଫରସ, ମ୍ୟାଗ୍ନେସିୟମ, ଆଣ୍ଟିଅକ୍ସିଡାଣ୍ଟ ମଣିଷର ହାଡ଼, ଦାନ୍ତକୁ ମଧ୍ୟ ଶକ୍ତିଶାଳୀ ରଖେ। ତେଣୁ କୋମଳମତୀ ଶିଶୁଙ୍କ ଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ପର୍ଯ୍ୟନ୍ତ ସମସ୍ତ ବୟସ ଓ ବର୍ଗର ଲୋକଙ୍କ ପାଇଁ ଦୁଗ୍ଧ ବେଶ ଉପକାରୀ ହୋଇଥାଏ।

ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ପାନୀୟ ହେଉଛି ଦୁଗ୍ଧ। ଦୁଗ୍ଧ ତଥା ଦୁଗ୍ଧଜନିତ ଅନ୍ୟାନ୍ୟ ସମସ୍ତ ଖାଦ୍ୟ ଉଦ୍‌ଯୋଗର କାର୍ଯ୍ୟକଳାପ ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ଉତ୍ପାଦନ ବଢ଼ାଇବା ଏବଂ ଦୁଗ୍ଧର ପୌଷ୍ଟିକ ଗୁଣ ବିଷୟରେ ସଚେତନ ସୃଷ୍ଟି କରି ଏହି କ୍ଷେତ୍ରରେ ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହନ ଯୋଗାଇବା ଭଳି ବହୁବିଧ ଦିଗକୁ ଆଖି ଆଗରେ ରଖି ଗତ ୨୦୦୧ ମସିହାଠାରୁ ଜୁନ୍ ମାସ ଏକ ତାରିଖକୁ ବିଶ୍ୱ ଦୁଗ୍ଧ ଦିବସ ଭାବରେ ପାଳନ କରାଯାଇ ଆସୁଛି। ପ୍ରଥମେ ସଂଯୁକ୍ତ ରାଷଟ୍ର ଖାଦ୍ୟ ଏବଂ କୃଷି ସଂଗଠନ (FAO) ଦ୍ୱାରା ବିଶ୍ୱ ଦୁଗ୍ଧ ଦିବସର ପରିକଳ୍ପନା କରାଯାଇଥିଲା। ଏକ ତଥ୍ୟ ଅନୀଯାୟୀ ବିଶ୍ୱରେ ଛଅ ବିଲିୟନରୁ ଅଧିକ ଲୋକ ଦୁଗ୍ଧ ତଥା ଦୁଗ୍ଧଜାତ ଖାଦ୍ୟ ଖାଉଥିବା ବେଳେ ପ୍ରାୟ ଏକ ବିଲିୟନରୁ ଅଧିକ ଲୋକ ଦୁଗ୍ଧ ତଥା ଦୁଗ୍ଧଜନିତ ଅନ୍ୟାନ୍ୟ ଉତ୍ପାଦକୁ ନିଜର ଜୀବିକା କରି ଜୀବନଧାରଣ କରିଥାନ୍ତି।

ଆମ ଦେଶରେ କେବଳ ଦୁଗ୍ଧ ଚାହିଦାର ବୃଦ୍ଧି ଘଟୁ ନାହିଁ ବରଂ ଭାରତ ଗୋ-ଦୁଗ୍ଧ ଉତ୍ପାଦନରେ ଅନେକ ବିକଶିତ ଦେଶକୁ ପଛରେ ପକାଇ ବିଶ୍ୱରେ ଦ୍ୱିତୀୟ ସ୍ଥାନ ଅକ୍ତିଆର କରିପାରିଛି। ତେବେ ଆମ ରାଜ୍ୟରେ ଗୋ-ଦୁଗ୍ଧ ଉତ୍ପାଦନ ବୃଦ୍ଧି ହେବା ସହ ଚାହିଦା ବଢ଼ି ଥିଲେ ହେଁ ଅନେକ ଅଂଚଳରେ ବିଭିନ୍ନ କାରଣ ଯୋଗୁଁ ପୂର୍ବ ଅପେକ୍ଷା ଗାଈ ସଂଖ୍ୟାରେ ଆଶାତିତ ହ୍ରାସ ପାଇଛି। ଅନ୍ୟ ପକ୍ଷରେ ପକେଟ କ୍ଷୀରର ଚାହିଦା ବଢ଼ି ଥିବାରୁ ଦୁଗ୍ଧ ଚାଷୀମାନେ ଦୁଗ୍ଧର ଅଭାବୀ ବିକ୍ରୀର ଶିକାର ହେଉଛନ୍ତି। ଦୁଗ୍ଧ ବିକ୍ରୀର ଆବଶ୍ୟକ ବ୍ୟବସ୍ଥା ନଥିବାରୁ ବିଭିନ୍ନ ସମୟରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ସହ ବିକ୍ରୀ ହୋଇ ପାରିନଥିବା ଶହଶହ ଲିଟର ଦୁଗ୍ଧ ରାସ୍ତାରେ ଢାଳି ଦେଇ ପ୍ରତିବାଦ କରୁଥିବା ଦେଖିବାକୁ ମିଳୁଛି। ପୁନଶ୍ଚ ଏବେ ଆଉ ଆଗ ଭଳି ଗାଈଗୋରୁଙ୍କ ପାଇଁ ଆବଶ୍ୟକ ଚାରଣ ଭୂମୀ ନାହିଁ। ସଂରକ୍ଷିତ ଚାରଣ ଭୂମୀ ଗୁଡ଼ିକ ଅନେକାଂଶରେ ଅନ୍ୟମାନଙ୍କ ଅକ୍ତିଆରକୁ ଚାଲି ଯାଇଥିବା ବେଳେ କିଛି ସ୍ଥଳରେ ଏହା ଉଜୁଡ଼ି ଗଲାଣି। ଗ୍ରାମ୍ୟ ନିକଟସ୍ଥ ଜଙ୍ଗଲ ଗୁଡ଼ିକ ମଧ୍ୟ ବହୁଦିନରୁ ଉଜୁଡ଼ି ଯାଇ ଚାଷଜମି କିମ୍ବା ସହରରେ ପରିଣତ ହୋଇଗଲାଣି। ଫଳରେ ଗାଈଗୋରୁ ବାହାରକୁ ଚରିବାକୁ ନଯାଇ ଗାଁ କିମ୍ବା ସହର ଭିତରେ ହିଁ ବୁଲୁ ଥିବାରୁ ଏହା ଅନେକ ଗୁଡ଼ିଏ ସମସ୍ୟା ସୃଷ୍ଟି କରୁଛି। ତେଣୁ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ପ୍ରଥମେ ଗାଈଗୋରୁ, ମଇଁଷି ପାଳନ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ସହ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ତିଆରି କରିବାକୁ ପଡ଼ିବ। ନିକଟରେ ମଧ୍ୟପ୍ରଦେଶ ସରକାର ଗୋରୁଗାଈ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏକ ଅଭିନବ ଓ ପ୍ରଶଂସନୀୟ ପଦକ୍ଷେପର ଘୋଷଣା କରିଛନ୍ତି। ସେଠାରେ ଗାଈଙ୍କ ଯତ୍ନ ନେବା ପାଇଁ ଚାଷୀଙ୍କୁ ମାସିକ ନଅ ଶହ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଯାହାଦ୍ୱାରା ଚାଷୀ ଗୋ ପାଳନ ପ୍ରତି ଉତ୍ସାହିତ ହେବେ। ଫଳରେ କେବଳ ଦୁଗ୍ଧ ଉତ୍ପାଦନର ବୃଦ୍ଧି ଘଟିବ ତାହା ନୁହେଁ ବରଂ ରାସାୟନିକ ସାର ବ୍ୟବହାରର ମାତ୍ରା ଯେଉଁ ପରିମାଣରେ ବଢ଼ିଯାଇ ସାଂଘାତିକ ସ୍ଥିତି ସୃଷ୍ଟି କରୁଛି ତାର ବିକଳ୍ପ ଭାବରେ ଚାଷୀଙ୍କୁ ପର୍ଯ୍ୟାପ୍ତ ଦେଶୀ ଖତ ମଧ୍ୟ ମିଳି ପାରିବ। ଯାହାର ପ୍ରୟୋଗ ଦ୍ୱାରା ଏକ ସୁସ୍ଥ ଓ ସୁରକ୍ଷିତ ପରିବେଶ ମଧ୍ୟ ତିଆରି ହୋଇ ପାରିବ। ପୁନଶ୍ଚ ଅନେକ ଲୋକଙ୍କୁ ଏହା ଆତ୍ମନିର୍ଭରଶୀଳ ମଧ୍ୟ କରିପାରିବ। ଅନ୍ୟ ରାଜ୍ୟମାନେ ମଧ୍ୟ ମଧ୍ୟପ୍ରଦେଶ ସରକାରଙ୍କୁ ଅନୁସରଣ କଲେ ଏହା ଦେଶର ଲକ୍ଷଲକ୍ଷ ଚାଷୀଙ୍କୁ ଉପକୃତ କରିପାରିବ। ଏବେ ବି ସରକାରଙ୍କ ତରଫରୁ ପ୍ରତି ଗାଁ, ସହରରେ ଦୁଗ୍ଧ ସମବାୟ ସମିତି ମାନ ଖୋଲାଯାଇ ସେହି ମାଧ୍ୟମରେ ଉଚିତ ଦାମରେ ଚାଷୀଙ୍କ ଠାରୁ ଦୁଗ୍ଧ ସଂଗ୍ରହର ସୁଯୋଗ ତିଆରି କରିବା ଆବଶ୍ୟକ। ବିଶେଷ କରି ଦୁଗ୍ଧ ଉତ୍ପାଦନ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଇ ପାରିଲେ ବିଶ୍ୱ ଦୁଗ୍ଧ ଦିବସ ପାଳନର ପ୍ରକୃତ ଉଦ୍ଦେଶ୍ୟ ଅନେକାଂଶରେ ସାଧିତ ହୋଇ ପାରିବ।

+ସିନାପାଲି,ନୂଆପଡ଼ା




## ଜୀବନ ଗୀତିକା

ଜନ୍ମଜୟ ନାୟକ

ଲୁହର ହାଟରେ ଜୀବନ ବାଟରେ
ଏକା ମୁଁ ବାଟୋଇ ଆଜି ,
ଖୁସିର ସଉଦା କେମିତି କରିବି
ବୁଦ୍ଧି ମୋ ଯାଉଛି ହଜି ।

ଅବିଶ୍ୱାସ ଫାଶେ ଛନ୍ଦିବାନ୍ଧି ହୋଇ
ଯାଉଛି ମୁଁ ନିତି ହାରି ,
ଶିଥିଳ ହେଉଛି ସେନେହ ସିକୁଳି
ଛିଡୁଛି ସଂପର୍କ ଡୋରି।

ମାୟା ମରୀଚିକା ପଛେ ଧାଇଁ ମୁହିଁ
ପଡିଅଛି ଆଜି ଥକି,
କିଏ କାଚ ପୁଣି କିଏ ସେ କାଞ୍ଚନ
ସହଜେ ପାରୁନି ଦେଖି ।

ଜୀଅନ୍ତା ଶବଟି ପରି ମୁଁ ବଞ୍ଚିଛି
କାନ୍ଦିବା ମୋ ପାଇଁ ମନା,
ମନର କୋହକୁ ଛାତିରେ ସାଇତି
ମିଛେ ମିଛେ ହସେ ସିନା।

ଏନ୍ତୁଡି ନିଆଁରୁ ଜୀବନ ଆରମ୍ଭ
ମଶାଣୀରେ ସବୁ ସରେ ,
କୁଡିଆ ଘରକୁ ନିଅଣ୍ଟ ଆୟୁଷ
ତଥାପି ମାୟାକୁ ଧରେ ।

କହିବି କାହାକୁ ଶୁଣିବ ବା କିଏ
ଦୁଃଖ ଲେଖା ବ୍ୟାକରଣ,
ଅହରହ ତାକୁ ନିଜେ ମୁଁ ଘୋଷଇ
ଦେଇ ମୋର ମନପ୍ରାଣ।

ନିଜ ଛାଇ ମୋତେ ଉପହାସ କରେ
କି ଦୋଷ ଅଛି ଯେ ମୋର,
କପାଳଲିଖନ ଭୋଗି ଭୋଗି ଆଜି
ହେଲିଣି ଶିଉଳି ପଥର।

ହୃଦୟ କନ୍ଦରେ ଭକତି ଦୀପାଳି
ଘୃତ ଢାଳି ବନ୍ଦେ ନିତି,
ଲୁହେ ଭିଜି ଭିଜି ଜୀବନ ଯୌବନ
ପାହୁଅଛି ସବୁ ରାତି।

ନିୟତି ବିଧାନ କିପାଇଁ ଦାରୁଣ
ସରେନି କଷଣ ତାର ,
ଜଟିଳ ଜୀବନେ ଅଙ୍କ କଷି କଷି
ଧର୍ଯ୍ୟ ଯେ ରହୁନି ମୋର ।

+ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ, ଜଗତସିଂହପୁର
ମୋ: ୯୩୩୭୮୦୦୫୬୫

## ବିଦାୟ ଦିଅ କାଳିଆ

ଅନନ୍ତ କୁମାର

ବିଦାୟ ଦିଅ ଏବେ କାଳିଆ
ପାହିଲାଣି ରଜନୀ,
ସଂସାର ଛାଡି ଚାଲି ଯିବି
କେବେ ଦେଖା ହବନି,
ମନ ଥୋଇ ଦେହ ନେଇ
ଯାଉଛି କାଳିଆ ମଶାଣି,
ରହିଗଲା କିଛି କାହାଣୀ
ଏ ଜନମେ କହି ପାରିଲିନି,
ଥିଲା କେତେ ସ୍ୱପ୍ନ ଦେଖିବାକୁ
ଜାଣି ପାରିଲିନି ପାହିଗଲା ରାତି,
କହିବାକୁ ଥିଲା କେତେ କଥା
ଚାହୁଁ, ଚାହୁଁ, ଦିନ ଚାଲି ଗଲା ବିତି,
ସାଇତି ରଖିଲି ଅଧୁରା ସ୍ୱପ୍ନ
ଲୁଚାଇ ରଖିଲି ବାକି କଥା,
ଆର ଜନମରେ ମଣିଷ ହେଲେ
କହିଦେବି ପ୍ରଭୁ ସବୁ କଥା,
ବେଳ ଉଛୁର ହେଲାଣି
କୋକେଇ ବନ୍ଧା ହେଲାଣି,
ବିଦାୟ ନେଇ ଯାଉଛି
ମୁଁ ଏବେ ଗାଁ ମଶାଣି,
ବିଦାୟ ଦିଅ କାଳିଆ
ପାହିଲାଣି ରଜନୀ
ସଂସାରରୁ ଚାଲି ଯିବି
କେବେ ଆଉ ଫେରିବିନି

+ତିହିଡି, ଭଦ୍ରକ,
ମୋ: ୮୩୩୯୯୩୯୯୨୯

## କୃଷ୍ଣଚୂଡା

ଶୁଭଦର୍ଶିନୀ ମିଶ୍ର

ଦେଖି ତୋ ସୌନ୍ଦର୍ଯ୍ୟ ମନ ବିମୋହିତ
ଅପରୂପ ତୋ'ର ରୂପ
ଗ୍ରୀଷ୍ମର ତାତି ତୁ ସହିଛୁ ବୋଲି ଲୋ
ଦେହେ ତୋ କେତେ ଅଭିମାନ ଛାପ ।

ସୌନ୍ଦର୍ଯ୍ୟରେ ତୋ'ର କି' ମୂଳ ସିଞ୍ଚିଛୁ
ଭରା ସ୍ୱାଭିମାନୀ ଗାଢ ରଙ୍ଗ
ସୂର୍ଯ୍ୟର କିରଣ ଝାଞ୍ଜିର ପ୍ରବାହ
ଲଗାଇ ପାରେନା କଳଙ୍କ ଦାଗ ।

ନାଲି କିଟିମିଟ ଚାହାଣି ତୋହର
ସୂର୍ଯ୍ୟ ଯେ ଭରନ୍ତି ଶୃଙ୍ଗାର ରସ
ବୟସ ଆଗରୁ ପାଖୁଡ଼ା ଗୁଡିକ
ଲାଜେ ଝଡନ୍ତି ହୋଇ ବିରସ ।

ଦେଖେ ତୋତେ ଯେବେ
ଝରକା ଫାଙ୍କରୁ
ମନେ ପଡେ ସେ ପିଲା ଦିନ
ଅଳସୀ କନ୍ୟା ତୁ କୁମାରୀ ଦିନରେ
କେତେ ମହିଛୁ ମୋ ବିରହ ମନ ।

କେତେ କଷ୍ଟେ ତୁ ଅସ୍ତିତ୍ୱ ବଞ୍ଚାଇ
ଚହଟୁଛୁ ମନ ଖୋଲି
ଦୁର୍ବଳ ହୋଇ ବି ଝାଉଁଳି ପଡିନୁ
ତୀକ୍ଷଣ ନିଦାଘ ଆଗରେ ହାରି ।

+ଭୁବନେଶ୍ୱର

## ଉଧାରି ନିୟମ

ଦୀନବନ୍ଧୁ ପୋଇ

ସମୟ ପଡିଲେ ଅଭାବି ଲୋକଟା
ମାଗିଥାଏ କିଛି ଟଙ୍କାରେ
ପାଇଗଲା ପରେ ଖୁସିରେ ବିଭୋର
ଦୂର ହୁଏ ମନ ଶଙ୍କାରେ ।

ସମସ୍ୟାକୁ ତାର ଦୂର କରିଥାଏ
ଟଙ୍କା ମିଳିଗଲେ ହାତରେ
କିଛିଦିନ ସିଏ ପ୍ରଶଂସା କରଇ
ଲାଗିବାରୁ ତାର ହିତରେ ।

ଦୁଇଚାରି ଦିନ ବିତିଗଲା ପରେ
ଫେରାଇବି କହେ କଥାରେ
ପାଇବାକୁ ଏହା ଦାତା ସହଜରେ
ମନେ ରଖିଥାଏ ମଥାରେ ।

ସଞ୍ଜ ସକାଳରେ ଦେଖା ହୁଏ ନିତି
ସବୁଦିନ ଚଲା ରାସ୍ତାରେ
ନେବା ଲୋକ ଦେବା ଭୁଲି ଭୁଲି ଯାଏ
ଭାଳି ହୁଏ ମୁହିଁ ଚିନ୍ତାରେ ।

ଯେତେକ ତେଲିଆ ବିଶେଷଣ ଶବ୍ଦ
କହି ହେଉଥାଏ ଆଗରେ
ମାଗିବାକୁ ଇଚ୍ଛା ହେଉଥିଲେ ମନ
କହିପାରେ ନାହିଁ ବାଗରେ ।

ନେବା ଲୋକ ଗଲା ବାହାରେ ରହିଲା
ଭେଟ ନ ହେଲା ମୋ ଗାଆଁରେ
ବହୁ ଦିନ ପରେ ଦେଖା ହୁଏ ଥରେ
ଡାକିଲି ଧରି ତା ନାଆଁରେ ।

ଦେଖି କି ନ ଦେଖି ପରି ସେ ଚାଲିଲା
ଦିଏ ନାହିଁଧରା ଛୁଆଁରେ
ମୋବାଇଲ ଯୋଗେ କଥା ହେଲିଥରେ
ଡାକିଲେ ଶୁଣୁନୁ କିଆଁରେ ।

ନେବା କଥା ତୋର ମନେ କି ପଡୁନି
ପୂରିଲାଣି ଦୁଇ ବର୍ଷରେ
ଦେବି ଏତେ ବ୍ୟସ୍ତ ହେଉ କହିଦେଇ
ଉଡାଇଲା ସିଏ ହର୍ଷରେ ।

ଚାରିବର୍ଷ ପରେ ଦଇବାତ ଦିନେ
ମୁହାଁମୁହିଁ ହେଲା ରାସ୍ତାରେ
ମାଗିବାରୁ ସିଏ ହସି କହିଦେଲା
ରଖିଥା ସାଇତି ବସ୍ତାରେ ।

ଯାହା ନେଇଥିଲା ତା ଅଧା କହି କି
କହିଲା ତୁ କିଆଁ ବ୍ୟସ୍ତରେ
ହସି ହସାଇ କି ଥଟା ମଜା ଭଳି
କହି ଚାଲୁଥିଲା ଶସ୍ତାରେ ।

ହଠାତ ଦିନେ ମୁଁ ପାଇ ତା ନମ୍ବର
ଦୂରଭାଷେ ହେଲି କଥାରେ
ଭାଲୁ ନିଲୁ ଫିଲୁ ହେହି ନାହିଁ ଏଠି
ରଙ୍ଗ ନମ୍ବର ସଳାରେ ।

ଶୁଣି ମୁଣ୍ଡ ମୋର ହେଲା ଚଡ଼ ଚଡ଼
ଲାଗିଲା କି ଭୁଲ ସତରେ
ରାଗି ଗରଗର ହେଲି ଜରଜର
ଚିହ୍ନିବୁଦିନେ ତୁ ମୋତେରେ ।

ଭୁଲିଗଲା ପରେ ଦେଖାହେଲା ଥରେ
ଜନ୍ମମାଟି ଗାଁ ମଝିରେ
ଫୋନରେ କଣ ଏମିତି କହିଲୁ
ଦେ ତୁ ମୋ ଟଙ୍କା ଆଜିରେ ।

ଦଶ ବର୍ଷ ହେଲା ମନ ନ ବୁଝିଲା
ଏ କଣ ବ୍ୟାଙ୍କ ଖାତାରେ
ଶୁଣି ତାତୁଣ୍ଡରୁ କି କଥା କହିବି
ବଢିଗଲା ମୋର ଚିନ୍ତାରେ ।

ଉଧାର ନେଇ କି ଫିକ୍ସଡ କରିଛି
ଗ୍ରାମ୍ୟ ବ୍ୟାଙ୍କ ଜମା ଖାତାରେ
ଦିଗୁଣ ପାଇବ ଶାନ୍ତିରେ ରହିବ
ଯୋଜନା ତା ମନ ଭିତରେ ।

ଉଧାରି ଟଙ୍କାରେ ସୁଧ ଲାଗୁନାହିଁ
ଦେବା ବେଳେ ମୂଳ ସମାନ
ଫେରାଇଲେ ତାର ଲାଭ ଏକ ଗୁଣ
ନ ଦେଲେ ତାହାର ଦିଗୁଣ ।

ଶେଷେ ମୋ ଅବସ୍ଥା
ହେଲା ଯେ ହିନ୍ତସ୍ତା
ଉଧାରି ନିୟମ ବୁଝିଲି
ପ୍ରମାଣ ଅଭାବେ ମିଳିଲାନି ତେବେ
ମନେ ମନେ କେତେ କାନ୍ଦିଲି ।

ବୁଝ ହେ ଜନତା ସଠିକ ଲୋକଟା
ଦିଅ ତାପରେ ଉଧାରି
ରଖି କି ପ୍ରମାଣ ଦିଅ କିଛି ଋଣ
ନ ହେଲେ କରିବ ଗୁହାରି ।

+ଗୋରଡାପାଳ, ଢେଙ୍କାନାଳ
ଦୂରଭାଷ: ୯୯୩୮୮୦୨୪୧୨







'ରକ୍ତ ତୀର୍ଥ ଇରମ' ପରି ପୁସ୍ତକ ରଚନା କରି ସ୍ୱର୍ଗତଃ ଡଃ ଜଗନ୍ନାଥ ପଟ୍ଟନାୟକ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡିଶାର ଛବିକୁ ଉଜ୍ଜ୍ୱଳ କରିଛନ୍ତି । କିନ୍ତୁ ତାଙ୍କର ଏପରି ଏକ ଅତୁଲ୍ୟ ଓ ଅମୂଲ୍ୟ ସୃଷ୍ଟି ବିଶ୍ୱ ଦରବାରରେ ଗୋଟିଏ ପ୍ରତିଷ୍ଠିତ ଐତିହାସିକ ଲେଖା ଭାବରେ ଲୋକପ୍ରିୟ ହୋଇ ପାରିନି । ଏହି ପୁସ୍ତକ ଓଡିଆରେ ଲେଖାଯାଇଛି । ଏହାର ଲେଖାଶୈଳୀରେ ଲୋକପ୍ରିୟ ଭାଷାର ବ୍ୟବାହାର କରାଯାଇଛି । ଏହା ବ୍ୟତୀତ,'ରକ୍ତତୀର୍ଥ ଇରମ' ଉଚ୍ଚକୋଟୀର ନଥିପତ୍ରକୁ ନେଇ ସୃଷ୍ଟି ହୋଇଛି । ଗମ୍ଭୀର ଗବେଷଣା କାର୍ଯ୍ୟ ଓ ମୂଳ ଦଲିଲଗୁଡ଼ିକର ନକଲ ସହିତ ଏହା ଏକ ବିଶେଷ ସନ୍ଦର୍ଭର ରୂପ ନେଇଛି । ଏହି କାର୍ଯ୍ୟଟି ବ୍ରିଟିଶ ରେକର୍ଡ, ଅନୁସନ୍ଧାନ ଆୟୋଗର ରିପୋର୍ଟ, ଗୋପନୀୟ ଚିଠି, ଅଧିକାରୀଙ୍କ ରିପୋର୍ଟ, ଖବରକାଗଜ ଲେଖା ଏବଂ ସର୍ବୋପରି ଅନେକ ସ୍ୱାଧୀନତା ସଂଗ୍ରାମୀ, ପ୍ରଭାବିତ ବ୍ୟକ୍ତି ଏବଂ ସରକାରୀ କର୍ମଚାରୀଙ୍କ ସହ ବ୍ୟକ୍ତିଗତ ସାକ୍ଷାତକାର ଉପରେ ଆଧାରିତ । ତେଣୁ, ସମସ୍ତ ମାନଦଣ୍ଡ ଅନୁଯାୟୀ ଏହା ଏକ ଗମ୍ଭୀର ଅନୁସନ୍ଧାନ କାର୍ଯ୍ୟ, ଯାହା ଡଃ ହରେକୃଷ୍ଣ ମହତାବ ଏବଂ ପ୍ରଫେସର ମନ୍ମଥ ନାଥ ଦାସଙ୍କ ପରି ବିଶିଷ୍ଟ ଗବେଷକ ଓ ଐତିହାସିକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି । କିନ୍ତୁ ଏହିପରି ଅନେକ ମୂଲ୍ୟବାନ ଓଡିଆ ଲେଖା ଇଂରାଜୀରେ ଅନୁବାଦ ହୋଇ ନଥିବାରୁ ବିଶ୍ୱ ସ୍ତରୀୟ ପାଠକ ମାନଙ୍କର ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇପାରିନଥିଲା । ଓଡିଆରେ ଲେଖାଯାଇଥିବା ଏହି ମୂଲ୍ୟବାନ ଐତିହାସିକ ଗ୍ରନ୍ଥକୁ ଇଂରାଜୀରେ ଅନୁବାଦ କରି ଗବେଷକ ଡଃ ଜନାର୍ଦ୍ଦନ ମିଶ୍ର 'ରକ୍ତ ତୀର୍ଥ ଇରମ' ବିଶ୍ୱ ସ୍ତରୀୟ ପାଠକମାନଙ୍କ ନିକଟରେ ପହଞ୍ଚାଇବାକୁ ପ୍ରୟାସ କରିଛନ୍ତି । ଏପରି ଏକ ବିରଳ ଇତିହାସ ଓ ସାହିତ୍ୟକୁ ନିଜ ଗବେଷଣାର ଏକ ଅଂଶ କରି ଜଣେ ପ୍ରକୃତ ଓଡ଼ିଆର ପରିଚୟ ଦେଇଥିବା ଗବେଷକ ଜନାର୍ଦ୍ଦନ ମିଶ୍ର ଏଥର ସୃଜନ ସ୍ୱାକ୍ଷରରେ...




## ଡଃ ଜନାର୍ଦ୍ଦନ ମିଶ୍ର

ଜଗନ୍ନାଥ ବିହାର, ଆଇ.ବି ରୋଡ଼,
ଜଗତପୁର, କଟକ-୭୫୪୦୨୧
(ମୋ) ୭୦୦୮୯୫୧୦୬୬





## ଡଃ ଜନାର୍ଦ୍ଦନ ମିଶ୍ରଙ୍କ ଗବେଷଣା ତତ୍ତ୍ୱାବଧାରକ ଡଃ ଗୋପରଞ୍ଜନ ମିଶ୍ରଙ୍କ ବାର୍ତ୍ତା

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଯଥେଷ୍ଟ ଅବଦାନ ରହିଛି । ତଥାପି ଜାତୀୟ ସ୍ତରରେ ଐତିହାସିକମାନେ ଆମ ତ୍ୟାଗ ଓ ଆମ ଇତିହାସକୁ ଆବଶ୍ୟକ ଅନୁଯାୟୀ ଗୁରୁତ୍ୱ ଦେଇନାହାନ୍ତି । ରକ୍ତତୀର୍ଥ ଇରମକୁ ଭାରତର ଦ୍ୱିତୀୟ ଜାଲିଆନାୱାଲାବାଗ ବୋଲି କୁହାଯାଏ । କିନ୍ତୁ ଏବେବି ଏହି ସ୍ଥାନଟି ଅବହେଳିତ । ସ୍ୱାଧୀନତାର ୭୫ ବର୍ଷ ପରେ ମଧ ଏହାକୁ ଏକ ଜାତୀୟ ପର୍ଯ୍ୟଟନ ସ୍ଥଳୀ ଭାବରେ ଗ୍ରହଣ କରାଗଲା ନାହିଁ । ପ୍ରକୃତରେ ସମସ୍ତ ଓଡିଶାବାସୀଙ୍କ ପାଇଁ ଏହା ଏକ ଚିନ୍ତାର ବିଷୟ । ବିଶିଷ୍ଟ ଐତିହାସିକ, ସ୍ୱର୍ଗତଃ ପ୍ରଫେସର ଡଃ ଜଗନ୍ନାଥ ପଟ୍ଟନାୟକ ଇରମ ହତ୍ୟାକାଣ୍ଡକୁ ତାଙ୍କର ପୁସ୍ତକ 'ରକ୍ତତୀର୍ଥ ଇରମ'ରେ ଏକ ଆଗ ଧାଡ଼ିର ଐତିହାସିକ ଘଟଣା ଭାବରେ ଉପସ୍ଥାପନା କରିଛନ୍ତି । ପୁନଶ୍ଚ, ଡଃ ଜନାର୍ଦ୍ଦନ ମିଶ୍ର ମୋର ତତ୍ତ୍ୱାବଧାନରେ ତାଙ୍କର ଗବେଷଣାର ଅଂଶ ସ୍ୱରୂପ ଏହି ପୁସ୍ତକଟିକୁ ଇଂରାଜୀରେ ଅନୁବାଦ କରି ବିଶ୍ୱବ୍ୟାପୀ ପାଠକମାନଙ୍କ ନିକଟରେ ପହଞ୍ଚାଇବାକୁ ପ୍ରୟାସ କରିଛନ୍ତି । ଏହି ଅବସରରେ ମୁଁ ତାଙ୍କୁ ତାଙ୍କର ନିଆରା ପ୍ରୟାସ ପାଇଁ ଅଭିନନ୍ଦନ ଜଣାଉଛି ।

## 'ରକ୍ତତୀର୍ଥ ଇରମ' ପୁସ୍ତକଟି ଇଂରାଜୀରେ ଅନୁବାଦ ହୋଇ ବିଶ୍ୱସ୍ତରୀୟ ପାଠକ ମାନଙ୍କ ନିକଟରେ ଆଦୃତ ହେବ ବୋଲି ମୋର ବିଶ୍ୱାସ

'ରକ୍ତ ତୀର୍ଥ ଇରମ' ଏକ ଯୁଗାନ୍ତକାରୀ ସୃଷ୍ଟି । ଓଡ଼ିଶାର ଇତିହାସ ତଥା ଓଡିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଏବଂ ବଳିଦାନର ଗାଥା ଉପରେ ରଚିତ ଏହି ପୁସ୍ତକଟି ସ୍ୱର୍ଗତ ଡ. ଜଗନ୍ନାଥ ପଟ୍ଟନାୟକଙ୍କ ଏକ କାଳଜୟୀ ସାହିତ୍ୟର ନମୂନା । ଓଡିଆରେ ଲେଖାଯାଇଥିବା ଏହି ମୂଲ୍ୟବାନ ଐତିହାସିକ ଗ୍ରନ୍ଥକୁ ଇଂରାଜୀରେ ଅନୁବାଦ କରି ମୋର ଗବେଷକ ବନ୍ଧୁ ଡ. ଜନାର୍ଦ୍ଦନ ମିଶ୍ର 'ରକ୍ତ ତୀର୍ଥ ଇରମ' ବିଶ୍ୱ ସ୍ତରୀୟ ପାଠକମାନଙ୍କ ନିକଟରେ ପହଞ୍ଚାଇବାକୁ ପ୍ରୟାସ କରିଛନ୍ତି । ଏପରି ଏକ ବିରଳ ଇତିହାସ ଓ ସାହିତ୍ୟକୁ ନିଜ ଗବେଷଣାର ଏକ ଅଂଶ କରି ଜଣେ ପ୍ରକୃତ ଓଡ଼ିଆର ପରିଚୟ ଦେଇଛନ୍ତି । ତାଙ୍କର ଏହି ସଫଳତାକୁ ମୁଁ ସମ୍ବର୍ଦ୍ଧନା ପୂର୍ବକ ସ୍ୱୀକାର କରୁଛି ଓ ଏପରି ଏକ ବିରଳ ଇତିହାସକୁ ଗବେଷଣାରେ ଅନ୍ତର୍ଭୁକ୍ତ କରିବାକୁ ଅନୁମତି ଦେଇଥିବାରୁ ମୁଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତାମାନଙ୍କୁ ସ୍ୱାଗତ କରୁଛି । ପୁସ୍ତକଟି ଇଂରାଜୀରେ ଅନୁବାଦ ହୋଇ ବିଶ୍ୱସ୍ତରୀୟ ପାଠକ ମାନଙ୍କ ନିକଟରେ ଆଦୃତ ହେବ ବୋଲି ମୋର ଆଶା ଓ ବିଶ୍ୱାସ । ସମସ୍ତେ ପ୍ରାୟ ଜାଣନ୍ତି ବିଶ୍ୱ ପୁସ୍ତକ ବଜାରରେ ବହୁଳ ପ୍ରଚାର ପ୍ରସାର ହେଉଥିବା ଭାଷାଟି ହେଉଛି ଇଂରାଜୀ। ଫକୀରମୋହନ ସେନାପତିଙ୍କ ସାହିତ୍ୟ ଇଂରାଜୀରେ ଅନୁବାଦ ହେବା ପରେ ଆମେରିକା ଠାରୁ ଆରମ୍ଭ କରି ସାରା ବିଶ୍ୱରେ ତାଙ୍କ କାଳଜୟୀ ସାହିତ୍ୟକୁ ନେଇ ଢେର ପ୍ରଶଂସା ମିଳିଛି। ସେହିପରି ଗୋପୀନାଥ ମହାନ୍ତି, ସଚ୍ଚିଦାନନ୍ଦ ରାଉତରାୟ, ମନୋଜ ଦାସ, ଜୟନ୍ତ ମହାପାତ୍ର, ପ୍ରତିଭା ରାୟଙ୍କ ଭଳି ଲବ୍ଧପ୍ରତିଷ୍ଠିତ ଓଡ଼ିଆ ଲେଖକମାନଙ୍କ ସାହିତ୍ୟ, ଆମ ମାଟିର କଥା କାହାଣୀ ଇଂରାଜୀ ଏବଂ ଅନ୍ୟାନ୍ୟ ଭାଷାରେ ଅନୁବାଦ ହୋଇ ବିଶ୍ୱ ସାହିତ୍ୟ ଆକାଶକୁ ଉଜ୍ଜ୍ୱଳ କରିବା ସହିତ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଛି। ତେଣୁ ମୋର ଦୃଢ଼ ବିଶ୍ୱାସ ଓଡ଼ିଆ ମାଟିର ମହକ ଓ ବୀରତ୍ୱର ଗାଥା ଉପରେ ଆଧାରିତ ରକ୍ତ ତୀର୍ଥ ଇରମର ସଂଗ୍ରାମୀଙ୍କ ବଳିଦାନ ସାରା ବିଶ୍ୱବାସୀଙ୍କ ନିକଟରେ ବନ୍ଧୁ ଡ. ଜନାର୍ଦ୍ଦନ ମିଶ୍ରଙ୍କ ଏହି ସନ୍ଦର୍ଭ ପହଞ୍ଚାଇ ପାରିଥିବାରୁ ତାଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ଆଗାମୀ ଦିନରେ ଏହା ଏକ ଇଂରାଜୀ ପୁସ୍ତକର ରୂପ ନେଇ ପ୍ରତିଟି ଓଡ଼ିଆଙ୍କୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କଲେ ମୁଁ ଅତ୍ୟନ୍ତ ପ୍ରୀତ ହେବି।




ଜଗନ୍ନାଥ ଖଟୁଆ
ଗବେଷକ,
ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ


## ଅନୁବାଦ ଦ୍ୱିତୀୟ ଭାଷା ଶିଖିବା ପାଇଁ, ବିଶ୍ୱକୁ ସାହିତ୍ୟିକ ଓ ସାଂସ୍କୃତିକ ଡୋରିରେ ବାନ୍ଧିବାକୁ ସକ୍ଷମ ହୁଏ




ଡଃ ଜନାର୍ଦ୍ଦନ ମିଶ୍ର


'ରକ୍ତତୀର୍ଥ ଇରମ' ପରି ପୁସ୍ତକ ରଚନା କରି ସ୍ୱର୍ଗତଃ ଡଃ ପଟ୍ଟନାୟକ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡିଶାର ଛବିକୁ ଉଜ୍ଜ୍ୱଳ କରିଛନ୍ତି । କିନ୍ତୁ ତାଙ୍କର ଏପରି ଏକ ଅତୁଲ୍ୟ ଓ ଅମୂଲ୍ୟ ସୃଷ୍ଟି ବିଶ୍ୱ ଦରବାରରେ ଗୋଟିଏ ପ୍ରତିଷ୍ଠିତ ଐତିହାସିକ ଲେଖା ଭାବରେ ଲୋକପ୍ରିୟ ହୋଇ ପାରିନି । ଏହି ପୁସ୍ତକ ଓଡିଆରେ ଲେଖାଯାଇଛି । ଏହାର ଲେଖା ଶୈଳୀରେ ଲୋକପ୍ରିୟ ଭାଷାର ବ୍ୟବାହାର କରାଯାଇଛି । ଏହା ବ୍ୟତୀତ, 'ରକ୍ତତୀର୍ଥ ଇରମ' ଉଚ୍ଚକୋଟୀର ନଥିପତ୍ରକୁ ନେଇ ସୃଷ୍ଟି ହୋଇଛି । ଗମ୍ଭୀର ଗବେଷଣା କାର୍ଯ୍ୟ ଓ ମୂଳ ଦଲିଲଗୁଡ଼ିକର ନକଲ ସହିତ ଏହା ଏକ ବିଶେଷ ସନ୍ଦର୍ଭର ରୂପ ନେଇଛି । ଏହି କାର୍ଯ୍ୟଟି ବ୍ରିଟିଶ ରେକର୍ଡ, ଅନୁସନ୍ଧାନ ଆୟୋଗର ରିପୋର୍ଟ, ଗୋପନୀୟ ଚିଠି, ଅଧିକାରୀଙ୍କ ରିପୋର୍ଟ, ଖବରକାଗଜ ଲେଖା ଏବଂ ସର୍ବୋପରି ଅନେକ ସ୍ୱାଧୀନତା ସଂଗ୍ରାମୀ, ପ୍ରଭାବିତ ବ୍ୟକ୍ତି ଏବଂ ସରକାରୀ କର୍ମଚାରୀଙ୍କ ସହ ବ୍ୟକ୍ତିଗତ ସାକ୍ଷାତକାର ଉପରେ ଆଧାରିତ । ତେଣୁ, ସମସ୍ତ ମାନଦଣ୍ଡ ଅନୁଯାୟୀ ଏହା ଏକ ଗମ୍ଭୀର ଅନୁସନ୍ଧାନ କାର୍ଯ୍ୟ, ଯାହା ଡଃ ହରେକୃଷ୍ଣ ମହତାବ ଏବଂ ପ୍ରଫେସର ମନ୍ମଥ ନାଥ ଦାସଙ୍କ ପରି ବିଶିଷ୍ଟ ଗବେଷକ ଓ ଐତିହାସିକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି । କିନ୍ତୁ ଏହିପରି ଅନେକ ମୂଲ୍ୟବାନ ଓଡିଆ ଲେଖା ଇଂରାଜୀରେ ଅନୁବାଦ ହୋଇ ନଥିବାରୁ ବିଶ୍ୱ ସ୍ତରୀୟ ପାଠକ ମାନଙ୍କର ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇ ନାହିଁ । 'ରକ୍ତତୀର୍ଥ ଇରମ' ପୁସ୍ତକ ପରି ବିରଳ ଇତିହାସ ତଥା ସାହିତ୍ୟ ବିଷୟରେ ବର୍ଣ୍ଣନା କରି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡଃ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି ଯେ "ପ୍ରଫେସର ଡଃ ପଟ୍ଟନାୟକ ସତ୍ୟ ଉପରେ ଆଲୋକପାତ କରିବା ଏବଂ ଏହାକୁ ଏକ ଜାତୀୟ ଘଟଣା ଭାବରେ ପ୍ରତିଷ୍ଠିତ କରିବା ପାଇଁ ଯେଉଁ ପ୍ରଚେଷ୍ଟା କରିଛନ୍ତି ତାହା ପ୍ରଶଂସନୀୟ । ଯଦି ଏହା ଓଡ଼ିଶା ବାହାରେ ପାଠକମାନଙ୍କ ପାଇଁ ଇଂରାଜୀରେ ଲେଖାଯାଇଥାନ୍ତା, ତେବେ ଏହା ବିଶ୍ୱ ସାହିତ୍ୟରେ ଏକ ସ୍ୱତନ୍ତ୍ର ଐତିହାସିକ ଲେଖା ହୋଇ ପାରିଥାନ୍ତା ।"

ପ୍ରଫେସର ଡଃ ଅମୀୟ କୁମାର ପଟ୍ଟନାୟକଙ୍କର ଏହି ସ୍ୱପ୍ନକୁ ସାକାର କରିବାର ସ୍ୱପ୍ନ ମୋତେ ଏତକ କରିବାକୁ ପ୍ରେରିତ କରିଛି । ତେଣୁ 'ରକ୍ତତୀର୍ଥ ଇରମ'କୁ ନିଜ ଗବେଷଣାର ଏକ ଅଂଶ କରି ଏହାର ଇଂରାଜୀ ଅନୁବାଦ କରିଛି । ଯେକୌଣସି ଦେଶୀ ସାହିତ୍ୟର ଅନୁବାଦ ଏହାର ପାଠକ ସଂଖ୍ୟା ବୃଦ୍ଧି କରିବାରେ ସହାୟକ ହୋଇଥାଏ ଏବଂ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ବିଶ୍ୱବ୍ୟାପୀ କରିଥାଏ । ଏହାର ସବୁଠାରୁ ଜଣାଶୁଣା ଉଦାହରଣ ହେଉଛି 'ଗୀତାଞ୍ଜଳି' । ୧୯୧୩ ମସିହାରେ ଯଦି 'ଗୀତାଞ୍ଜଳି' ନୋବେଲ ପୁରସ୍କାର ପାଇଥାଏ, ତାହା ମୁଖ୍ୟତଃ ରବିନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ଏହାର ଇଂରାଜୀ ଅନୁବାଦ ପାଇଁ ସମ୍ଭବ ହୋଇଛି । ରବିନ୍ଦ୍ରନାଥ ଠାକୁର ମୂଳତଃ ଏହାକୁ ବଙ୍ଗଳା ଭାଷାରେ ଲେଖିଥିଲେ । ତେଣୁ, ୭୦୦୦ରୁ ଅଧିକ କଥିତ ଭାଷା ଥିବା ଏକ ଦୁନିଆରେ ଅନୁବାଦ ଗୁରୁତ୍ୱପୂର୍ଣ୍ଣ କାରଣ ଅନୁବାଦ ଦ୍ୱିତୀୟ ଭାଷା ଶିଖିବା ପାଇଁ, ବିଶ୍ୱକୁ ସାହିତ୍ୟିକ ଓ ସାଂସ୍କୃତିକ ଡୋରିରେ ବାନ୍ଧିବାକୁ ସକ୍ଷମ ହୁଏ । ଏହି ଦୃଷ୍ଟିକୋଣରୁ ଡଃ ଜଗନ୍ନାଥ ପଟ୍ଟନାୟକଙ୍କ 'ରକ୍ତତୀର୍ଥ ଇରମ'ର ଇଂରାଜୀ ଅନୁବାଦ ଓଡିଆ ଅନୁବାଦ ଇତିହାସରେ ନିଶ୍ଚୟ ତାର ପଦଚିହ୍ନ ରଖିପାରିବ ଏଇ ବିଶ୍ୱାସ ମୋର ଅଛି ।

## "ରକ୍ତତୀର୍ଥ ଇରମ"ର ଇଂରାଜୀ ଅନୁବାଦ : ଅନୁବାଦ ମାଧ୍ୟମରେ ଉପେକ୍ଷିତ ଇତିହାସର ଉଜ୍ଜୀବନ

ଭାରତୀୟ ଇତିହାସର ପୁନଃଲିଖନ ପ୍ରସଙ୍ଗଟି ସମ୍ପ୍ରତି ବିତର୍କିତ । ବିଗତ ନଅଶହ ବର୍ଷ ମଧ୍ୟରେ ଲେଖାଯାଇଥିବା ଅଧିକାଂଶ ଇତିହାସ ଭାରତ ଏବଂ ଭାରତୀୟଙ୍କ ପ୍ରତି ନ୍ୟାୟ ପ୍ରଦାନ କରୁନାହିଁ ବୋଲି ଜୋର ଧରିଛି ଚର୍ଚ୍ଚା । ସାମ୍ପ୍ରତିକ ଐତିହାସିକମାନଙ୍କ ମତରେ ବହୁ ଶତାବ୍ଦୀ ଧରି ଭାରତକୁ ଶାସନ କରୁଥିବା ବ୍ରିଟିଶ ଏବଂ ମୁସଲମାନ ଓ ପରବର୍ତ୍ତୀ ଶାସକମାନଙ୍କୁ ସୁହାଇବା ପରି ଆମଭାରତୀୟ ଇତିହାସର ଉପସ୍ଥାପନା କରାଯାଇଛି । ଅନେକ ଯୋଗ୍ୟ ଘଟଣା ଏବଂ ନାମକୁ ଉଦ୍ଦେଶ୍ୟମୂଳକ ଭାବେ ଏହି ତଥାକଥିତ ଇତିହାସରୁ ବଞ୍ଚିତ କରା ଯାଇଥିବା ବେଳେ, ଉପେକ୍ଷିତ ହୋଇଛି ଅନେକ ଆଞ୍ଚଳିକ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନ । ବଡ ସହରର ଛୋଟ ଘଟଣା ଇତିହାସ ପୃଷ୍ଠାର ଶୋଭା ମଣ୍ଡନ କରୁଥିବା ବେଳେ ଆମ ପୁରପଲ୍ଲୀର ଗୌରବମୟ ଘଟଣାକୁ ଅଣଦେଖା କରାଯାଇଛି । ଆମ ତ୍ୟାଗ ଓ ଦେଶପ୍ରେମ ସେ ସମୟର ବିଜ୍ଞ ଐତିହାସିକମାନଙ୍କ ପାଇଁ ତୁଚ୍ଛ ପାଲଟିଥିଲା ସିନା, କିନ୍ତୁ ଆମେ ଆମ ଉତ୍ତର ପିଢିକୁ ସେହି ଅସମାହିତ ଇତିହାସକୁ ସମର୍ପି ଦେଇପାରିବୁନି ବୋଲି ବଦ୍ଧପରିକର । ଏହି କ୍ରମରେ ସ୍ଥାନୀୟ ଐତିହାସିକମାନେ ନିଜ ଅଞ୍ଚଳର ସମୃଦ୍ଧମୟ ଇତିହାସକୁ ଆଞ୍ଚଳିକ ଭାଷାରେ ପ୍ରକାଶ କରିବାରେ ଯଥେଷ୍ଟ ପରିମାଣରେ ସଫଳ ହୋଇଥିଲେ ମଧ ସେହି ଇତିହାସକୁ ମୁଖ୍ୟସ୍ରୋତରେ ଥିବା ଜାତୀୟ ଓ ଆନ୍ତର୍ଜାତୀୟ ଇତିହାସରେ ଅନ୍ତର୍ଭୁକ୍ତ କରିବା ନିତାନ୍ତ ଆବଶ୍ୟକ ।

ମୁଖ୍ୟସ୍ରୋତର ଜାତୀୟ ଓ ଆନ୍ତର୍ଜାତୀୟ ଇତିହାସକୁ ତନ୍ନତନ୍ନ କରି ନିରେଖିଥିବା ତଥା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡିଶା ଇତିହାସକୁ ଉଜ୍ଜୀବିତ କରିଥିବା ଅନନ୍ୟ ଐତିହାସିକ, ସ୍ୱର୍ଗତ ଡଃ ଜଗନ୍ନାଥ ପଟ୍ଟନାୟକଙ୍କ 'ରକ୍ତତୀର୍ଥ ଇରମ' ଓଡିଆ ଇତିହାସ ଓ ସାହିତ୍ୟ ପାଇଁ ଏକ ସ୍ୱତନ୍ତ୍ର ଅବଦାନ । ୧୯୮୬ ମସିହାରେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ତାଙ୍କର ଏହି ପୁସ୍ତକ ୧୯୪୨ ମସିହାର ଭାରତଛାଡ ଆନ୍ଦୋଳନ ସମୟରେ ଭଦ୍ରକ ଜିଲ୍ଲାର ଇରମଠାରେ ଘଟିଥିବା ଲୋମହର୍ଷଣକାରୀ ହତ୍ୟାକାଣ୍ଡ ବିଷୟରେ ଆଲୋକପାତ କରିଛି । ତାଙ୍କ ଭାଷାରେ,"... ପୋଲିସ ସେମାନଙ୍କ ଉପରେ ଗୁଳିଚାଳନା କରି ୨୯ ଜଣ ଲୋକଙ୍କର ପ୍ରାଣ ନେବା ସଙ୍ଗେ ସଙ୍ଗେ ୫୬ ଜଣଙ୍କୁ ଆହତ କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଅମୃତସର ସ୍ଥିତ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ବ୍ୟତୀତ ଅନ୍ୟ କୌଣସି ଏକ ସ୍ଥାନରେ ସମବେତ ଏତେ ସଂଖ୍ୟକ ନିରସ୍ତ୍ର ଜନତା ପୋଲିସ ଗୁଳିରେ ମୃତାହତ ହୋଇଥିବାର ପ୍ରମାଣ ମିଳେ ନାହିଁ । ପୁନଶ୍ଚ ଜାଲିଆନାୱାଲାବାଗଠାରେ ସମବେତ ଜନତା ଗୁଳିଚାଳନା ହେବ ବୋଲି ନଜାଣି ସେଠାରେ ଉପସ୍ଥିତ ହୋଇଥିଲେ । ମାତ୍ର ଇରମରେ ଗୁଳିଚାଳନାର ପ୍ରଥମ ପର୍ଯ୍ୟାୟ ପରେ ପୁନରାୟ ଗୁଳିଚାଳନା ହେବ ବୋଲି ସତ୍ୟାଗ୍ରହୀମାନେ ସ୍ପଷ୍ଟଭାବେ ଜାଣିଶୁଣି ମଧ 'ମରିବୁ ପଛେ ଡରିବୁ ନାହିଁ' ପ୍ରତିଜ୍ଞା ପାଳନ ପୂର୍ବକ ସେମାନଙ୍କ ମଧ୍ୟରୁ ଅଧିକାଂଶ ପଳାୟନ କରିନଥିଲେ । ସେ ଦୃଷ୍ଟିରୁ ବିଚାର କଲେ ଜାଲିଆନାୱାଲାବାଗ ଘଟଣାଠାରୁ ଇରମରେ ସଂଘଟିତ ଘଟଣା ଥିଲା ଅଧିକ ମହତ୍ୱପୂର୍ଣ୍ଣ । ମାତ୍ର ଦୁଃଖର ବିଷୟ ଯେ ଏପରି ଏକ ମହିମାନ୍ୱିତ ତଥା ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ସର୍ବଭାରତୀୟ ସ୍ତରରେ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଲିଖିତ ପୁସ୍ତକ ଗୁଡିକରେ ଉପଯୁକ୍ତ ସ୍ଥାନ ଦିଆଯାଇନାହିଁ । ସମ୍ଭବତଃ ଉକ୍ତ ଘଟଣା-ପ୍ରବାହ ସମ୍ପର୍କରେ ତଥ୍ୟାବଳୀ ସର୍ବସାଧାରଣଙ୍କର ଦୃଷ୍ଟି ପଥକୁ ଆଣିବା ପାଇଁ ସବିଶେଷ ଉଦ୍ୟମ ହୋଇନଥିବାରୁ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏହା ଯଥୋଚିତ ସ୍ଥାନ ପାଇବାରୁ ବଞ୍ଚିତ ହୋଇଛି ।"

ପ୍ରଫେସର ଚିତ୍ତରଂଜନ ମିଶ୍ରଙ୍କ ଅନୁଯାୟୀ, "ଲେଖକ ପ୍ରଫେସର ଡଃ ଜଗନ୍ନାଥ ପଟ୍ଟନାୟକ ବହୁ ଜଣାଶୁଣା ଐତିହାସିକମାନଙ୍କ ମଧ୍ୟରୁ ଜଣେ । ତାଙ୍କର ଭାଷା ପ୍ରୀତି ଓ ଦୀର୍ଘ ବର୍ଷର ଅଭିଜ୍ଞତା ତାଙ୍କୁ ଜଣେ ଐତିହାସିକ ଭାବରେ ସର୍ବୋତ୍ତମ କରିପାରିଛି । ତାଙ୍କର ଲେଖା ଜଣେ ସାଧାରଣ ପାଠକ ପାଇଁ ମନୋରଞ୍ଜନ ଯୋଗାଏ, ଜଣେ ଗମ୍ଭୀର ପାଠକଙ୍କୁ ଜୀବନର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଏ ଓ ଜଣେ ଅନୁସନ୍ଧାନକାରୀଙ୍କ ପାଇଁ ଏହା ଉପଯୋଗୀ ତଥ୍ୟ ଯୋଗାଏ ।" ସୁତରାଂ 'ରକ୍ତତୀର୍ଥ ଇରମ' ଗବେଷକ ଡଃ ଜନାର୍ଦ୍ଦନ ମିଶ୍ରଙ୍କୁ ତାଙ୍କ ଗବେଷଣାରେ ଯଥେଷ୍ଟ ତଥ୍ୟ ଯୋଗାଇଥିବା ଅନୁମେୟ । ଓଡିଶାର ସ୍ୱାଧୀନତା ସଂଗ୍ରାମ ସହିତ ଯୋଡି ହୋଇଥିବା ଓ ଭାଷା ସଂରଚନାରେ ଅଗ୍ରଣୀ ଥିବା ଏପରି ଏକ ଗ୍ରନ୍ଥକୁ ଅନୁବାଦ କରିବାକୁ ଡଃ ମିଶ୍ର ୨୦୧୫ ମସିହାରେ ଅଣ୍ଟା ଭିଡିଥିଲେ । ଯେହେତୁ ସାଂପ୍ରତିକ ବର୍ଷଗୁଡ଼ିକରେ ଅନେକ ଶିକ୍ଷାନୁଷ୍ଠାନର ଗବେଷଣା କ୍ଷେତ୍ର ଭାବରେ ଅନୁବାଦ ଅଧ୍ୟୟନ ବ୍ୟାପକ ଭାବେ ବୃଦ୍ଧି ପାଇଛି ସେ ଅନୁବାଦକୁ ନିଜର ଗବେଷଣା କ୍ଷେତ୍ର ଭାବରେ ଚୟନ କରିଥିଲେ । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଓ ଡଃ ଗୋପରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଗବେଷଣା ଆରମ୍ଭ କରିବା ବେଳେ ସେ 'ରକ୍ତତୀର୍ଥ ଇରମ'କୁ ନିଜ ଗବେଷଣା କ୍ଷେତ୍ରର କେନ୍ଦ୍ରବିନ୍ଦୁ ଭାବରେ ଗ୍ରହଣ କରିଥିଲେ । 'ରକ୍ତତୀର୍ଥ ଇରମ' ସରଳାତ୍ମକ ଗଦ୍ୟ ଆକାରରେ ଉପସ୍ଥାପନ କରାଯାଇଛି ଓ ସେଥିପାଇଁ ଏହା ଅନେକ ପାଠକମାନଙ୍କୁ ଆକର୍ଷିତ କରିଛି । ସତରେ ଏହା ବହୁଳ ଭାବରେ ପାଠକଙ୍କ ସ୍ୱୀକୃତିପ୍ରାପ୍ତ । ପୁସ୍ତକଟିର ପ୍ରତ୍ୟେକ ଧାଡିରେ ଆନ୍ତରିକତା ଅଛି । ତେଣୁ ଏହାର ଇଂରାଜୀ ଅନୁବାଦ କରି ଡଃ ମିଶ୍ର ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ।

ଡଃ ମିଶ୍ରଙ୍କ ଅଧ୍ୟୟନଟି ପାଞ୍ଚଟି ଅଧ୍ୟାୟରେ ବିଭକ୍ତ କରାଯାଇଛି । ସେ ସନ୍ଦର୍ଭର ପ୍ରଥମ ଅଧ୍ୟାୟରେ ଅନୁବାଦ ଅଧ୍ୟୟନର ପରିଚୟ ଦେଇ ଲେଖିଛନ୍ତି ପୂର୍ବରୁ ଅନୁବାଦ ପ୍ରାୟତଃ ଭାଷା ଶିକ୍ଷାର ଏକ ଉପାଦାନ ସହିତ ଜଡିତ ଥିଲା, କିନ୍ତୁ ଏବେ ତାହା ସାହିତ୍ୟ ସୃଷ୍ଟି ଓ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ଏକ ଉପଯୋଗୀ ସାଧନ ପାଲଟିଛି । ଦ୍ୱିତୀୟ ଅଧ୍ୟାୟଟିରେ ଡଃ ମିଶ୍ର ଅନୁବାଦ ତତ୍ତ୍ୱ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ପରବର୍ତ୍ତୀ ଅଧ୍ୟାୟରେ 'ରକ୍ତତୀର୍ଥ ଇରମ'କୁ ଇଂରାଜୀରେ ଅନୁବାଦ କରିବାର ଆବଶ୍ୟକତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି । ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ମହତ୍ୱପୂର୍ଣ୍ଣ ଘଟଣାକୁ ବର୍ଣ୍ଣନା କରି ସେ ଲେଖିଛନ୍ତି ଯେ 'ରକ୍ତତୀର୍ଥ ଇରମ' ପରି ସାହିତ୍ୟ ସୃଷ୍ଟି ନହୋଇଥିଲେ ଅନେକ ଓଡିଆ ଲୋକଙ୍କର ବଳିଦାନ ଇତିହାସର ପୃଷ୍ଠାର ବାହାରେ ରହିଥାନ୍ତା । ଜଣେ ପ୍ରକୃତ ଐତିହାସିକ ଭାବରେ ପ୍ରଫେସର ଡଃ ପଟ୍ଟନାୟକ ଏହି ଘଟଣାକୁ ଆଲୋକିତ କରିଛନ୍ତି ଏବଂ ଏହାକୁ ସଫଳତାର ସହ ଏକ ଭାରତୀୟ ପ୍ରସଙ୍ଗ ଭାବରେ ସ୍ଥାନିତ କରିଛନ୍ତି । ୧୯୮୬ ପରେ ଇରମରେ କରାଯାଇଥିବା ସମସ୍ତ କାର୍ଯ୍ୟ ପ୍ରାୟ ଏହି ପୁସ୍ତକରେ ବର୍ଣ୍ଣିତ । ଜଣେ କୁଶଳୀ ତଥା ବୃତ୍ତିଗତ ଐତିହାସିକ ହୋଇଥିଲେ ମଧ ପ୍ରଫେସର ଡଃ ପଟ୍ଟନାୟକ ଓଡିଆ ଭାଷାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା ସହିତ ଏକ ସମ୍ପୂର୍ଣ୍ଣ ଆଞ୍ଚଳିକ ଇତିହାସକୁ ବିଶ୍ୱାଭିମୁଖୀ କରିପାରିଛନ୍ତି । ଚତୁର୍ଥ ଅଧ୍ୟାୟରେ 'ରକ୍ତତୀର୍ଥ ଇରମ'ର ଇଂରାଜୀ ଅନୁବାଦ କରାଯାଇଛି । ଏଥିରେ ପୁସ୍ତକଟିର ଶିରୋନାମାକୁ ଇଂରାଜୀରେ "Eram: The Blood-soaked Shrine to Freedom Movement' ଭାବରେ ଅନୁବାଦ କରାଯାଇଛି । ଅନୁବାଦ ବେଳେ କାର୍ଯ୍ୟର ସାଂସ୍କୃତିକ ଏବଂ ଭାଷାଭିତ୍ତିକ ମୂଲ୍ୟଗୁଡ଼ିକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଡଃ ମିଶ୍ର ଯଥେଷ୍ଟ ପ୍ରୟାସ କରିଛନ୍ତି । ଓଡିଆରେ କିଛି ଶବ୍ଦ ଅଛି ଯାହାର ଇଂରାଜୀରେ ପ୍ରତ୍ୟକ୍ଷ ବିକଳ୍ପ ନାହିଁ । କିନ୍ତୁ ଡଃ ମିଶ୍ର ଏକ ଆଦର୍ଶ ଅନୁବାଦ କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ଅନେକ ସାଧନର ସାହାଯ୍ୟ ନେଇଛନ୍ତି । ସିଦ୍ଧାନ୍ତ ସ୍ୱରୂପ ଶେଷ ଅଧ୍ୟାୟରେ 'ରକ୍ତତୀର୍ଥ ଇରମ'ର ଇଂରାଜୀ ଅନୁବାଦ କରିବାର ଅଭିଜ୍ଞତାକୁ ବଖାଣିବା ସହିତ ପ୍ରଭାବଶାଳୀ ଅନୁବାଦ ଅଭ୍ୟାସଗୁଡ଼ିକ ବିଷୟରେ ଆଲୋଚନା କରି ଅଧ୍ୟୟନକୁ ସମ୍ପୂର୍ଣ୍ଣ କରିଛନ୍ତି ।

କେବଳ ଗଦ୍ୟାଂଶ ନୁହେଁ ପଦ୍ୟାଂଶଗୁଡିକୁ ଅନୁବାଦ କରିବାକୁ ଯାଇ ଡଃ ମିଶ୍ର ତାଙ୍କ ଅନୁବାଦ କଳାର ନୈପୁଣ୍ୟତାର ପରିପ୍ରକାଶ କରିଛନ୍ତି । ତାଙ୍କ ଅଧ୍ୟୟନରେ ଏକ ପଦ୍ୟାଂଶକୁ କିପରି ଅନୁବାଦ କରାଯାଇଛି ତାହାର ଏକ ନମୁନା ଏଠାରେ ଉପସ୍ଥାପନ କରାଯାଇଛି : ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଇରମର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । ଏହା 'ରକ୍ତତୀର୍ଥ ଇରମ' ଏବଂ ଭାରତର ଦ୍ୱିତୀୟ ଜାଲିଆନାୱାଲାବାଗ ନାମରେ ମଧ ପରିଚିତ । ପ୍ରଥମତଃ ଐତିହାସିକ, ସ୍ୱର୍ଗତଃ ଡଃ ଜଗନ୍ନାଥ ପଟ୍ଟନାୟକ 'ରକ୍ତତୀର୍ଥ ଇରମ' ପରି ଓଡିଆ ଇତିହାସ ରଚନାକରି ଓଡିଆ ଜାତିକୁ ଜାତୀୟ ସ୍ତରରେ ଭିନ୍ନ ଏକ ପରିଚୟ ଦେଇଛନ୍ତି । ଦ୍ୱିତୀୟତଃ ଡଃ ଜନାର୍ଦ୍ଦନ ମିଶ୍ର ଏହି ପୁସ୍ତକଟିକୁ ଇଂରାଜୀରେ ଅନୁବାଦ କରି ଏହାକୁ ବିଶ୍ୱ ସ୍ତରୀୟ ପାଠକ ମାନଙ୍କ ନିକଟରେ ପହଞ୍ଚାଇବାକୁ ପ୍ରୟାସ କରିଛନ୍ତି । ଉଭୟ ସ୍ରଷ୍ଟାଙ୍କ ଉଦ୍ୟମ ବାସ୍ତବରେ ପ୍ରଶଂସନୀୟ ।




ସୈରିନ୍ଧ୍ରୀ ସାହୁ
ଦେବଶ୍ରୁତି ନିବାସ,
ଜେଲରୋଡ଼, ବାଲେଶ୍ୱର-୧

# ଫୁଲବାଣୀ ଠାକୁରାଣୀ ଯାତ୍ରାରେ ବାଘ ବେଶର ମଜା ନେଉଛନ୍ତି ଦର୍ଶକ

କନ୍ଧମାଳ,୩୧/୦୫ (ନି.ପ୍ର): ବାଘ କେବଳ ଜଙ୍ଗଲରେ ନଚେତ ନନ୍ଦନକାନନରେ ଦେଖିବାକୁ ମିଳନ୍ତି । ଏବେ କିନ୍ତୁ ଠାକୁରାଣୀ ଯାତ୍ରା ଅବସରରେ ଫୁଲବାଣୀ ସହରର ବଜାରଠୁ ଆରମ୍ଭ କରି ସାହି ଗଳିକନ୍ଦିରେ ମାନସିକଧାରୀ ଭକ୍ତମାନେ ବାଘ ବେଶରେ ଦେଖିବାକୁ ମିଳିଥାନ୍ତି । ଫଳରେ ବାଘ ନାଚ ଦେଖିବା ଲାଗି ଲୋକଙ୍କ ଭିଡ଼ ମଧ ଜମିଥାଏ । ତେବେ ପିଲାମାନେ ସାହି କିମ୍ବା ଘରଦ୍ୱାରକୁ ବାଘ ବେଶ ଆସିଲେ ଭୟଭୀତ ହୋଇ କାନ୍ଦି କାନ୍ଦି ଘରେ କବାଟ ଦେଇ ରୁହନ୍ତି । ମା ମନେ ମଧ ବାଘ ଆସିଲାଣି କହି ଛୋଟ ପିଲାଙ୍କୁ ସହଜରେ ଖୁଆଇବା ସଂଗେ ସଂଗେ ଶୁଆଇ ଦେଉଛନ୍ତି । ବାଘ ବେଶ କେବଳ ମାନସିକଧାରୀ ମାନେ ହୁଅନ୍ତି । ବାଘ ବେଶ ପଡ଼ିବା ଏତଟା ସହଜ ନୁହେଁ । ଖର୍ଚ୍ଚ ମଧ ଅଧିକ ହୋଇଥାଏ ବୋଲି ବାଘ ବେଶ ପଡ଼ିଥିବା ହରିଜନ ସାହିର ଅନନ୍ତ ବେହେରା କହିଛନ୍ତି । ସେ ଏଥର ବାଘ ବେଶକୁ ମିଶାଇ ୭ଥର ବାଘ ବେଶ ପଡି ସାରିଲେଣି ବୋଲି କହିଛନ୍ତି । ଖରାରେ ବେଶ ଧାରଣ, ବାଜାର ତାଳେ ତାଳେ ନାଚି ନାଚି ସହର ସାରା ବୁଲିବା ବହୁତ କଷ୍ଟସାଧ ବୋଲି କହିଛନ୍ତି ଅନନ୍ତ ।

ବାଘ ବେଶ ପାଇଁ ଯାତ୍ରା ପରିଚାଳନା ନିକଟରେ ୧୩୦୦ ଟଙ୍କା ବାନ୍ଧି ପ୍ରଥମେ ରସିଦ କାଟିବାକୁ ପଡିଥାଏ । ସେହିପରି ବାଜା ପାଇଁ ଅତି କମରେ ୪ ଶହ ଟଙ୍କା, ଦେହରେ ପେଟିଂଙ୍ଗ କରିବାପାଇଁ ୨ ରୁ ୩ ହଜାର ଟଙ୍କା ଦେବାକୁ ପଡିଥାଏ । କେବଳ ସେତିକି ନୁହେଁ ସାଙ୍ଗରେ ବୁଲିବା ଲାଗି କିଛି ପିଲାଙ୍କୁ ଖାଇବା ଖର୍ଚ୍ଚ ସହ ହାତ ଖର୍ଚ୍ଚଦେଇ ନେବାକୁ ପଡିଥାଏ ।

ଏହା ସହିତ ବେଶ ପଡ଼ିବାକୁ ହେଲେ ପ୍ରଥମେ ଦେହର ଲୋମ ସଫା କରିବାକୁ ପଡିବ । ତାପର ପ୍ରଥମେ ଧଳାକଲର ଓ ପରେ ହଳଦିଆ କଲରଲଗାଇ ବାଘପରି ଚିତ୍ର କରିବାକୁ ହୋଇଥାଏ । ଶେଷରେମୁହଁରେ ବାଘମୁଖା ଲଗାଇବାକୁ ପଡିଥାଏ । ବୁଲାବୁଲି କରିବା ପରେ ଶରୀର ସଫା କରିବାପରେ ବହୁତ କଷ୍ଟ ହେଉଥିବା ଅନନ୍ତ କହିଛନ୍ତି । ତେବେ ତାଙ୍କ ମାନସିକପୁରଣ ହୋଇଥିବାରୁ ସେ ଗଲା ୭ ବର୍ଷ ହେଲା ଯାତ୍ରାରେ ନିୟମିତ ଏଭଳିବାଘ ବେଶ ଧାରଣ କରୁଥିବା କହିଛନ୍ତି । ଫଳରେ ଅନ୍ୟ ବେଶରେ ଅଧିକା ମାନସୀକଧ ।ରୀ ସହରରେ ବୁଲୁଥିବା ଦେଖିବାକୁ ମିଳିଥିବାବେଳେ ବାଘ ବେଶ ଲାଗି ବହୁତ କମ ହାତ ଗଣତି ମାନସିକଧାରୀ ଦେଖାଯାନ୍ତି । ଚଳିତବର୍ଷ ଯାତ୍ରାରେ ମାତ୍ର ୧୫ ଜଣ ମାନସିକଧାରୀ ବାଘ ବେଶ ପଡିଥିବା କମିଟି ସଦସ୍ୟଙ୍କ ସୂତ୍ରରୁ ଜଣାପଡିଛି ।

# ଯାଜପୁର : ନରବଳି ମାମଲାରେ ଗୁଣିଆକୁ ଆଜୀବନ କାରାଦଣ୍ଡାଦେଶ




ଯାଜପୁର,୩୧/୦୫ (ନି.ପ୍ର): ଯାଜପୁର ଜିଲ୍ଲାର କୁଆଖିଆ ଥାନା ଅନ୍ତର୍ଗତ ରାଜେନ୍ଦ୍ରପୁର ଗାଁରେ ଘଟିଥିବା ଏକ ନରବଳି ମାମଲାର ଶୁଣାଣି କରି ଗୁଣିଆକୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି ଅତିରିକ୍ତ ଜିଲ୍ଲା ଦୌରାଜଜ । ଦୋଷୀ ଦୀପକ ବାରିକକୁ ଦଣ୍ଡାଦେଶ ମିଳିଛି ।

୨୦୧୫ ମସିହା ଫେବୃଆରି ମାସ ୨୬ ତାରିଖରେ ଏକ ନରବଳି ଘଟଣା ଘଟିଥିଲା । ଏହି ଘଟଣାରେ ଯାଜପୁର କୁଆଖିଆ ଥାନାରେ ୨୯/୨୦୧୫ ରେ ଏକ ମାମଲା ରୁଜୁ ହୋଇ ବିଚାରାଧୀନ ଥିଲା । ଆଜି ଏହି ଘଟଣାରେ ଯାଜପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଆସାମୀ ଦୀପକ ବାରିକକୁ ଆଜୀବନ କାରାଦଣ୍ଡାଦେଶ ସହ ୩୫ ହଜାର ଟଙ୍କା ଜରିମାନା ସହ ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଶୁଣାଇଛନ୍ତି ।

ସେହି ଗାଁର ଅଭିଷେକ ନାୟକକୁ ବଳି ଦେବାପାଇଁ ଦୀପକ ଡାକିନେଇଥିଲା ଓ ପରଦିନ ସକାଳେ ତାର ମୃତଦେହ ରାଜେନ୍ଦ୍ରପୁର ଗାଁର ମଙ୍ଗଳା ମନ୍ଦିର ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା । ପୁଲିସ ଘଟଣାର ତଦନ୍ତ କରି ଦୀପକ ବାରିକକୁ ଗୁଣିଗାରେଡି ସନ୍ଦେହରେ ଗିରଫ କରିଥିଲା । ସମସ୍ତ ୨୪ ଜଣ ସାକ୍ଷୀଙ୍କ ଆଧାରରେ ଆଜି ଜିଲ୍ଲା ଅତିରିକ୍ତ ଜିଲ୍ଲା ଦୌରାଜଜ ଏହି ଦଣ୍ଡାଦେଶ ଶୁଣାଇଛନ୍ତି ।

# ୪ ପିତୃମାତୃ ହୀନ ପିଲା ପିଏମ୍ କେୟାର୍ସରେ ସାମିଲ

ପୁରୀ,୩୧/୦୫ (ନି.ପ୍ର): କୋଭିଡ ସଂକ୍ରମଣ ଓ ତଦ୍ ଜନିତ ପ୍ରଭାବରୁ ପୁରୀ ଜିଲ୍ଲାରେ ୪ ଜଣ ନାବାଳକ ପିତୃ ମାତୃ ହୀନ ହୋଇଥିଲେ । ଏହି ପିଲାମାନଙ୍କୁ ଭାରତ ସରକାରଙ୍କ ପି ଏମ୍ କେୟାର୍ସ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ସେମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ଏବଂ ସେମାନଙ୍କୁ ଯତ୍ନ ଓ ସୁରକ୍ଷା ଯୋଗାଇ ଦେବା ପାଇଁ ୧୦ ଲକ୍ଷ ଟଙ୍କାର କର୍ପସ ପାଣ୍ଠିର ବ୍ୟବସ୍ଥା କରାଯାଇଛି । ସୋମବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ର ଭିଡିଓ କନଫରେନ୍ସ ହଲରେ ଏହି ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଯୋଗ ଦେବା ସହ ୪ ପିଲାଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍, ପି ଏମ୍ କେୟାର୍ସ ପାଶ୍ ବୁକ, ସାର୍ଟିଫିକେଟ ବା ସ୍ନେହ ପତ୍ର, ଓ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିଥିଲେ । ପିଲା ମାନଙ୍କୁ ୧୮ ବର୍ଷ ହେବା ପରେ ସେମାନେ ଏହି ପାଣ୍ଠିର ଉପଯୋଗ କରିପାରିବେ ଓ ୨୩ ବର୍ଷ ପରେ ଏହି ପାଣ୍ଠିର ପୂର୍ଣ୍ଣ ସହାୟତା ଗ୍ରହଣ କରିପାରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ସୂଚନା ଦେଇଥିଲେ । ଅପରପକ୍ଷରେ କୋଭିଡ ପିତୃ ମାତୃ ହୀନ ଶିଶୁଙ୍କ ବ୍ୟତୀତ ଆହୁରି ୧୪ ଜଣ ଶିଶୁ ବିଭିନ୍ନ କାରଣରୁ ଏହି ସମୟ ମଧରେ ପିତାମାତାଙ୍କୁ ହରାଇଛନ୍ତି । ୯୧୩ଜଣ ଶିଶୁ ଜଣେ ଅଭିଭାବକ ଯିଏକି ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତି ଅଟନ୍ତି ତାଙ୍କୁ ହରାଇଛନ୍ତି ବୋଲି ସୂଚନା ଦେଇ ଏହି ସମସ୍ତ ପିଲାଙ୍କୁ ରାଜ୍ୟ ସରକାରଙ୍କ ଆଶୀର୍ବାଦ ଯୋଜନାରେ ସାମିଲ କରାଯାଉଛି ବୋଲି ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସୂଚନା ଦେଇଥିଲେ । ଏହି ଯୋଜନା ଅନ୍ତର୍ଗତ ସେମାନଙ୍କୁ ସିଧାସଳଖ ମାସିକ ଆର୍ଥିକ ସହାୟତା ସହ ଶିକ୍ଷା, ସ୍ୱାସ୍ଥ୍ୟ, ପାରିବାରିକ ସମୃଦ୍ଧିକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି । ପ୍ରାରମ୍ଭରେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ ପିତାମାତାଙ୍କ ସ୍ଥାନ କେହି ପୂରଣ କରିପାରିବେ ନାହିଁ ବୋଲି କହିବା ସହ ପିତୃ ମାତୃ ହୀନ ପିଲା ମାନଙ୍କୁ ଆଗକୁ ବଢ଼ିବା ଓ ସେମାନଙ୍କ ଭବିଷ୍ୟତ ସୁରକ୍ଷା ରଖିବା ପାଇଁ ପି ଏମ୍ କେୟାର୍ସ ସହାୟତା କରିବ ବୋଲି କହିଥିଲେ ।

ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ସ୍ମୃତି ଜୁବିନ ଇରାନୀ ଅଧକ୍ଷତା କରିଥିଲେ । ଜିଲ୍ଲା ସ୍ତରରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶିଶୁ ମଙ୍ଗଳ କମିଟି ଅଧକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ର ଅଧିକାରୀ ବିଶ୍ୱନାଥ ପଣ୍ଡା, ପି ଓ ଏନ୍ ଆଇସି ସ୍ନିଗ୍ଧାରାଣୀ ସାହୁ, ଆଇନ ପରାମର୍ଶଦାତା ସନ୍ତୋଷ କୁମାର ସାହୁ, କାଉନସେଲର ରୋଜାଲିନ ପାତ୍ର, ଅକ୍ଷୟ କୁମାର ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ ।

## ବଲାଙ୍ଗିର ଟାଉନ ହଲ୍ କାର୍ଯ୍ୟକ୍ଷମ ହେଉ

ବଲାଙ୍ଗିର,୩୧/୦୫ (ନି.ପ୍ର): ବଲାଙ୍ଗିରରେ ଏକମାତ୍ର ସାନସ୍କୃତିକ ଗତିବିଧି ଓ ସଭାସମିତି ଇତ୍ୟାଦି ଲୋକଙ୍କ ବ୍ୟବହାର ପାଇଁ କରାଯାଇଥିବା ମୁନିସିପାଲଟି ଦ୍ୱାରା ପରିଚାଳିତ ବଲାଙ୍ଗିର ଟାଉନ ହଲ ଦୀର୍ଘଦିନ ହେଲା ବନ୍ଦ ହୋଇ ପଡିରହିଛି । କରୋନା କାଳରେ ସମଗ୍ର ଦେଶରେ ସାମାଜିକ କାର୍ଯ୍ୟକ୍ରମ ଗୁଡିକୁ ବନ୍ଦ କରାଯାଇଥିବା ଯୋଗୁଁ ପ୍ରାୟତଃ ଭିଡ଼କୁ ବାରଣ କରାଯାଉଥିଲା, ତେଣୁ ସଭା ସମିତି ଭିଡ଼ ସଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକୁ ବନ୍ଦ କରାଯାଇଥିବା ଯୋଗୁଁ ଏହାର ଆବଶ୍ୟକତା ନଥିଲା । ଅନ୍ୟପକ୍ଷରେ ଏହି ଟାଉନ ହଲକୁ ମୁନିସିପାଲଟି ତାଙ୍କର ଗୋଦାମ ଘର ରୂପେ ବ୍ୟବହାର କରି ତାଙ୍କର ଜିନିଷ ପତ୍ର ଗୁଡିକୁ ଏଠାରେ ଭରି ରଖିଥିବା ଯୋଗୁଁ ଏହା ବ୍ୟବହାର ଉପଯୋଗୀ ହୋଇ ପାରୁ ନାହିଁ । କ୍ରମ ବର୍ଦ୍ଧିଷ୍ଣୁ ବଲାଙ୍ଗିର ସହରରେ ଅନ୍ୟ ବ୍ୟବସ୍ଥା ନଥିବା ଯୋଗୁ ସାଧାରଣରେ ଅନେକ ଅସୁବିଧା ହେଉଥିବା ଯୋଗୁଁ ଏହାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି ।

# ପିଏମ କେୟାର ଫର୍ ଚିଲ୍ଡ୍ରେନ୍ ଯୋଜନାର ହିତାଧିକାରୀଙ୍କୁ ଭର୍ଚୁଆଲ ମୋଡରେ ସନ୍ଦେଶ ଓ ଏହାର ବୃତି ଅର୍ଥ ବିତରଣ

ଭବାନୀପାଟଣା,୩୧/୦୫ (ନି.ପ୍ର): ସ୍ଥାନୀୟ ଏନ୍ ଆଇ ସି ଭିଡିଓ କନଫରେନ୍ସ ହଲ ରେ ସକାଳ ୧୦ଟା ୩୦ ମିନିଟ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନସିଂ ମାଧ୍ୟମରେ ଯୋଗ୍ୟ ବିବେଚିତ ହିତାଧିକାରୀ ମାନଙ୍କୁ ସମବେଦନା ଜଣାଇବା ସହ ବୃତି ଅର୍ଥ ରାଶି ହସ୍ତାନ୍ତର କରିଥିଲେ ।

ସୂଚନାଯୋଗ୍ୟ ଯେ, ୩୧.୩.୨୦୨୦ ରୁ ୩୧.୧୨.୨୦୨୧ ମଧ୍ୟରେ କୋଭିଡ ମହାମାରୀ -୨୦୧୯ କାରଣରୁ ଯେଉଁ ପିଲାମାନେ ନିଜର ପିତା ମାତା କିମ୍ବା ଆଇନଗତ ଅଭିଭାବକ କିମ୍ବା ପୋଷ୍ୟ ପିତା ମାତା କିମ୍ବା ଜୀବିତ ଅଭିଭାବକଙ୍କୁ ହରାଇ ଅନାଥ ହୋଇଥିବେ ସେହି ଅନାଥ ପିଲାମାନଙ୍କୁ ବିଶେଷ ସହାୟତା ଓ ସୁରକ୍ଷା ଯୋଗାଇଦେବା ପାଇଁ ମଇ ୨୯ ,୨୦୨୧ ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ପିଏମ କେୟାରସ୍ ଫର୍ ଚିଲ୍ଡ୍ରେନ୍ ଯୋଜନାର ଶୁଭାରମ୍ଭ କରାଯାଇଥିଲା ।

ଏହି ଅବସରରେ ଆଜି ସ୍ଥାନୀୟ ଏନ୍ ଆଇ ସି ଭିଡିଓ କନଫରେନ୍ସ ହଲ ରେ ଅତିଥି ରୂପେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ଅତିରିକ୍ତ ଜିଲ୍ଲାପାଳ ସୁଶାନ୍ତ କୁମାର ପଟେଲ ଯୋଗଦେଇ ଚିହ୍ନଟ ୧୦ ଜଣ ହିତାଧିକାରୀଙ୍କୁ ବହୁତ ପରିଶ୍ରମ ପୂର୍ବକ ପାଠ ପଢି ଭବିଷ୍ୟତରେ ଜଣେ ଯୋଗ୍ୟ ମଣିଷ ହେବାକୁ ପରାମର୍ଶ ଦେବା ସହ ସ୍ନେହପତ୍ର, ପାସ ବୁକ୍, ସ୍ୱାସ୍ଥ୍ୟ କାର୍ଡ ଓ ସ୍କୁଲ ବ୍ୟାଗ୍ ପ୍ରଦାନ କରିଥିଲେ । ଏହି ଯୋଜନାର ଉଦ୍ଦେଶ୍ୟ ଅନାଥ ପିଲାମାନଙ୍କୁ ସମସ୍ତ ସହାୟତା, ଶିକ୍ଷା ଓ ବୃତି ଅର୍ଥ ସାହାଯ୍ୟରେ ସଶକ୍ତ କରିବା, ସ୍ୱାସ୍ଥ୍ୟ ବୀମା,୨୩ ବର୍ଷ ଉପନୀତ ହେବା ପରେ ସେମାନଙ୍କୁ ଆତ୍ମ ନିର୍ଭରଶୀଳ କରିବା ପାଇଁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଓ ସର୍ବୋପରି ସେମାନଙ୍କ କଲ୍ୟାଣକୁ ସୁନିଶ୍ଚିତ କରିବା । ଜମା ହୋଇଥିବା ୧୦ ଲକ୍ଷ ଅର୍ଥ ରାଶିର ସୁଧ ୧୮ ବର୍ଷ ବୟସରୁ ନିଜର ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଦରକାରୀ ଜିନିଷ ପାଇଁ ମାସିକ ଷ୍ଟାଇପେଣ୍ଡ ହିସାବରେ ମିଳିବ । କଳାହାଣ୍ଡି ଜିଲ୍ଲାର ମୋଟ୍ ୧୦ ଜଣ ଅନାଥ ପିଲାଙ୍କୁ ଏହି ଅର୍ଥ ସହାୟତା ପୋଷ୍ଟାଲ ପାସ ବୁକ୍ ମାଧ୍ୟମରେ ଯୋଗାଇ ଦିଆ ଯାଇଛି ।

ଏହି ଭର୍ଚୁଆଲ ସଭାରେ ସିଡବ୍ଲୁସି ଅଧକ୍ଷ ରାକେଶ କୁମାର ନାୟକ, ଡି ସି ପି ଓ ଶୈଳନ୍ଦୁ ମହାପାତ୍ର, ଡି ଆଇ ପି ଆର ଓ ମନୋଜ ବେହେରା, ସଭ୍ୟ ସି ଡବ୍ଲୁସି ସତ୍ୟ ନାରାୟଣ ମହାପାତ୍ର, ପି ଓ ରାଜଲକ୍ଷ୍ମୀ ଦାସ, ପ୍ରଦୀପ୍ତ ତ୍ରିପାଠୀ, ରୁପେଶ କୁମାର ହୋତା ହିତାଧିକାରୀଙ୍କ ଅଭିଭାବକ ତଥା ଡି ସି ପି ଓ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ ।

## ଗଣେଶ ମନ୍ଦିର ଚୋରି ମାମଲାରେ ଜଣେ ଗିରଫ

ଜୟପୁର,୩୧/୦୫ (ନି.ପ୍ର): ଜୟପୁର ସହରର ପ୍ରସାଦରାଓପେଟାରେ ଥିବା ଗଣେଶ ମନ୍ଦିରରୁ ଚୋରି ମାମଲାରେ ଜଣକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା କଟକର ରବିନ୍ଦ୍ର କୁମାର ମନ୍ତ୍ରୀ (୨୭) । ପୋଲିସ ସୂଚନା ଅନୁଯାୟୀ ଜୟପୁର ସହରର ପ୍ରସାଦରାଓ ପେଟାରେ ଥିବା ଗଣେଶ ମନ୍ଦିରରେ ଗତ ୨୮ ତାରିଖ ରାତିରେ ଚୋରି ହୋଇଥିଲା । ଏନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଆଜି ସକାଳୁ ଜୟପୁର ସରକାରୀ ବସଷ୍ଟାଣ୍ଡରେ ଅଭିଯୁକ୍ତ ଲୁଚି ଥିବା ବେଳେ ଅଭିଯୁକ୍ତ ରବିନ୍ଦ୍ର କୁମାର ମନ୍ତ୍ରୀକୁ ଗିରଫ କରିଛି । ଅଭିଯୁକ୍ତ ରବିନ୍ଦ୍ର ଠାରୁ ଚୋରି ହୋଇଥିବା ମୂର୍ତ୍ତି, ତମ୍ବା ଥାଳି, ତମ୍ବା ମୂର୍ତ୍ତି , ଭଙ୍ଗା ଦାନ ହୁଣ୍ଡି, ୩ ହଜାର ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ ସୂଚନା ଦେଇଛନ୍ତି ।

# ନୂଆପଡା ଜିଲ୍ଲା ଆଂଚଳିକ ଆୟୁର୍ବେଦ ପରିଷଦର ନୂତନ କର୍ମକର୍ତ୍ତା ଚୟନ

ନୂଆପଡ଼ା,୩୧/୦୫ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଜୁନାନୀ ଗ୍ରାମ ସ୍ଥିତ ସନ୍ତୋଷୀ ମନ୍ଦିର ପରିସରରେ ନୂଆପଡା ଜିଲ୍ଲା ଆଂଚଳିକ ଆୟୁର୍ବେଦ ପରିଷଦର ଏକ ବୈଠକ ସୂର୍ଯ୍ୟକାନ୍ତ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନୂଆପଡା ଜିଲ୍ଲାର ବିଭିନ୍ନ ଗ୍ରାମରୁ ପ୍ରାୟ ୫୦ ଜଣ ପାରମ୍ପରିକ ବୈଦ୍ୟ ଓ ଶାସ୍ତ୍ରୀୟ ବୈଦ୍ୟ ଯୋଗଦାନ କରିଥିଲେ । ଆୟୁରବେଦର ଜନକ ପୂଜ୍ୟ ଧନନ୍ତରିଙ୍କ ପୂଜାର୍ଚ୍ଚନା ପରେ ଏହି ସଂଗଠନର ଭୁତପୂର୍ବ ସଭାପତି ସ୍ୱର୍ଗିୟ ପ୍ରଭାକର ବାରିକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗିୟ ବାରିକଙ୍କ ଅନ୍ତେ ଅଚଳ ପଡିଥିବା ଏହି ସଂଗଠନକୁ ତ୍ୱରାନିତ୍ୱ କରିବା ସହ ସଂଗଠନକୁ କିପରି ମଜବୁତ କରାଯିବ ସେ ଉପରେ ଆଲୋଚନା ହୋଇଥିଲା । ପରେ ନୂତନ କମିଟୀ ଚୟନ କରାଯାଇଥିଲା ।

ସଭାପତି ଭାବରେ ସୁର୍ଯ୍ୟକାନ୍ତ ରାଉତ, ଉପ ସଭାପତି ଭାବରେ ବ୍ୟୋମକେଶ ବାରିକ, ସାଧାରଣ ସମ୍ପାଦକ ଲଇବାନ ବାଗ, ସହ ସମ୍ପାଦକ ଡୋଲାନନ୍ଦ ମାଝି, କୋଷାଧକ୍ଷ ଚନ୍ଦନ ବାରିକ, ସାଙ୍ଗଠାନିକ ସମ୍ପାଦକ ଓଙ୍କାର ମାଝି, ଉପଦେଷ୍ଟା ମଣ୍ଡଳରେ ଆଇନଜିବୀ ସତ୍ୟବାନ ଭୋଇ, ବୈଦ ଜଗସନ ମାଝୀ, ଚୈତନ୍ୟ ନାଗ ଓ ରାଜମନ ମାଝୀ ତଥା ପ୍ରତ୍ୟେକ ବ୍ଲକର ଗୋଟିଏ ଲେଖାଏଁ ଯୋଗେଶ୍ୱର ବାଗ, କେଶବ ପ୍ରସାଦ ବାଗ, କୁନୁ ହଂସ ଓ ସୁଦାମ ବଉକଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବରେ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ଶେଷରେ ଲକ୍ଷ୍ମଣ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ରକ୍ତଦାନ କଲେ ଯୁବ କୁଲୁତା ସମାଜର ଦୁଇ ସଦସ୍ୟ

ବଲାଙ୍ଗିର,୩୧/୦୫ (ନି.ପ୍ର): ଆଗଲପୁର ବ୍ଲକ ଖୁଟୁଲିମୁଣ୍ଡା ଗ୍ରାମର ଅଞ୍ଜଳି ପ୍ରଧାନ (୨୪) ଗତ ୫ ଦିନ ହେଲା ବଲାଙ୍ଗିର ଭୀମ ଭୋଇ ମେଡିକାଲ ହସ୍ ?ପିଟାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ଶରୀରରେ ରକ୍ତ ପରିମାଣ ୪.୫ ଥିବାରୁ ଡାକ୍ତର ତାଙ୍କୁ ରକ୍ତ ଦେବା ପାଇଁ ପରମର୍ଶ ଦେଇଥିଲେ । ଅଞ୍ଜଳି ପ୍ରଧାନଙ୍କ ବାପା ୪ ଦିନ ହେଲା ରକ୍ତ ପାଇଁ ରକ୍ତ ଭଣ୍ଡାର ତଥା ଅନେକ ଲୋକଙ୍କୁ ରକ୍ତ ପାଇଁ ସହଯୋଗ ମାଗିଥିଲେ ମଧ ରକ୍ତ ପାଇ ନ ପାରି ନିରୁତ୍ସାହ ହୋଇ ପଡିଥିଲେ । ଶେଷରେ ଆଜି ପଞ୍ଚମ ଦିନରେ ଜିଲ୍ଲା ଯୁବ କୁଲୁତା ସମାଜ ପାଖକୁ ଏହି ଖବରଟି ପହଂଚିଲା । ଖବର ପାଇବା ମାତ୍ରେ ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇ ଙ୍କ ନେତୃତ୍ୱରେ ଇନ୍ଦିରାନଗରର ରମେଶ ଭୋଇ ଓ ଆଗଲପୁର ବ୍ଲକର ବିରେନ୍ଦ୍ର ପ୍ରଧାନ ଆସି ରକ୍ତଦାନ କରିଥିଲେ । ପ୍ରକାଶ ଥାଉକି ବଲାଙ୍ଗିର ବ୍ଲଡ ବ୍ୟାଙ୍କରେ ବି ପୋଜିଟିଭ୍ ରକ୍ତ ଗଚ୍ଛିତ ନ ଥିବା ବ୍ଲଡ ବ୍ୟାଙ୍କ କର୍ମଚାରୀ ଗଣ କହିଥିଲେ ଯଦ୍ୱାରା ଏହି ରକ୍ତ ର ଆବଶ୍ୟକତା ହେଉଥିବା ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ।

# ତମାଖୁ ରୋକିବାକୁ କଡ଼ାକଡ଼ି ହେଉନି 'କୋଟ୍‌ପା' ଆଇନ

ବ୍ରହ୍ମପୁର ,୩୧/୦୫ (ନି.ପ୍ର): ବ୍ରହ୍ମପୁର ସହର ଓ ସହର ଉପକଣ୍ଠ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି । ଚୋରା ଫ୍ୟାକ୍ଟ୍ରି ବସାଇ ନକଲି ମଦ, ଗୁଟ୍‌ଖା ପ୍ରସ୍ତୁତ କରି ଲୋକଙ୍କୁ ବିଷ ଦିଆଯାଉଛି । ବ୍ରହ୍ମପୁର ପୁଲିସ ବିଗତ ଦିନରେ ଏଭଳି ବହୁ ଖୁଟ୍‌ଖା କାରଖାନା ଓ ନକଲି ମଦ ଫ୍ୟାକ୍ଟ୍ରି ଠାବ କରିଛି । ଏହାକୁ ବନ୍ଦ କରିବା ପାଇଁ ଜିଲ୍ଲାସ୍ତରରେ ଏକ ଟାସ୍କଫୋର୍ସ ରହିଛି । ଏହି ଟିମ୍ ଦ୍ୱାରା ବିଭିନ୍ନ ସମୟରେ ଚଢ଼ଉ କରି ଗୁଟ୍‌ଖା ଜବତ କରାଯାଉଛି । ଏଥିରୁ ଜରିମାନା ଆଦାୟ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ସାରା ରାଜ୍ୟରେ ପ୍ରଥମ ସ୍ଥାନରେ । ଯେଉଁଥି ପାଇଁ ମଙ୍ଗଳବାର ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ବିଶ୍ୱ ତମାଖୁ ବର୍ଜନ ଦିବସ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପୁରସ୍କୃତ କରାଯିବ । ଏତେ ସବୁ ସଫଳତା ସତ୍ୱେ ସହର ଓ ଜିଲ୍ଲାରେ ଗୁଟ୍‌ଖା ପ୍ରସ୍ତୁତି, ବିକ୍ରି ବନ୍ଦ ହେଉ ନାହିଁ କାହିଁକି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ସୃଷ୍ଟି ହୋଇଛି । ସହରର ଅଧିକାଂଶ ପାନ ଦୋକାନ, ତେଜରାତି ଦୋକାନରେ ବିଭିନ୍ନ ପ୍ରକାର ଗୁଟ୍‌ଖା ବିକ୍ରି ହେଉଛି । ଗତ ୨୨ତାରିଖରେ ବଡ଼ବଜାର ଥାନା ପୁଲିସ କାଲୁପାତ୍ର ସାହିରେ ଚଢ଼ଉ କରି ପ୍ରାୟ ୨୫ଲକ୍ଷ ଟଙ୍କାର ଗୁଟ୍‌ଖା, ପ୍ରସ୍ତୁତି ଓ ପ୍ୟାକିଂ ମେସିନ୍ ଓ କଞ୍ଚାମାଲ ଜବତ କରିଥିଲା । ଏ ସଂକ୍ରାନ୍ତରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଥିଲା । ରାଜ୍ୟ ସରକାର ଗୁଟଖା ଓ ସର୍ବସାଧାରଣ ସ୍ଥାନରେ ଧୂମପାନ ନିଷେଧ ପାଇଁ ବିଭିନ୍ନ ପ୍ରକାର ଆଇନ ପ୍ରଣୟନ କରିଛନ୍ତି । ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଜିଲ୍ଲାସ୍ତରରେ ଟାସ୍କଫୋର୍ସ ଗଠନ କରାଯାଇଛି । ହେଲେ ସମସ୍ତ ଆଇନକାନୁନକୁ ଅବମାନନା କରି ତମାଖୁ ସେବନ ଓ ଧୂମପାନ କରିବା ଯେମିତି ଲୋକଙ୍କ ଅଭ୍ୟାସ ପାଲଟିଗଲାଣି । ଲୋକଙ୍କୁ କୌଣସି ଆଇନ କାଟୁ କରୁ ନାହିଁ । ବିଭିନ୍ନ କାରଣ ଯୋଗୁଁ ଲୋକେ ମୁଖକର୍କଟ, ଛାତି ଓ ପେଟରୋଗ ଭଳି ମାରାତ୍ମକ ରୋଗର ଶିକାର ହୋଇଥାନ୍ତି । ସେଥି ମଧ୍ୟରୁ ୩୦ପ୍ରତିଶତ ଲୋକଙ୍କ ମୃତ୍ୟୁ ହେଉଛି । ଏହାଛଡ଼ା ଧୂମପାନ ଯୋଗୁଁ ୪୦ ପ୍ରତିଶତ ଲୋକ ଯକ୍ଷ୍ମା ରୋଗରେ ପୀଡ଼ିତ ହେଉଥିବା ଜଣେ ଡାକ୍ତର କରିଛନ୍ତି । ତମାଖୁ କାରବାର ଉପରେ ରୋକ୍ ଲଗାଇବା ପାଇଁ ୨୦୦୩ରେ 'କୋଟ୍‌ପା' ଆଇନ (ସିଗାରେଟ୍‌ସ୍ ଆଣ୍ଡ୍ ଅଦର ଟବାକୋ ପ୍ରଡକ୍ଟସ୍ ଆକ୍ଟ) ଲାଗୁ କରା ଯାଇଥିଲା ।

ଏହି ଆଇନଦ୍ୱାରା ତମାଖୁ ପ୍ରସ୍ତୁତ କର୍ତ୍ତା, ବିକ୍ରେତା ଓ ଷ୍ଟକିଷ୍ଟଙ୍କ ନାମରେ ମାମଲା ରୁଜୁ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ । ଏହି ଆଇନକୁ ରାଜ୍ୟ ସରକାର କଡ଼ାକଡ଼ି ଭାବେ ଲାଗୁ ପାଇଁ ନିର୍ଦ୍ଦେଶନାମା ଜାରି କରିବା ପରେ ଜିଲ୍ଲାସ୍ତରରେ ଏକ ଟାସ୍କଫୋର୍ସ ଗଠନ କରାଯାଇଛି । ଟାସ୍କଫୋର୍ସରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମୁଖ୍ୟ ରହିଥିବା ବେଳେ ସଦସ୍ୟ ଭାବେ ଫୁଡ୍ ଇନ୍‌ସ୍ପେକ୍ଟର, ଡ୍ରଗ ଇନ୍‌ସ୍ପେକ୍ଟର ଓ ମାଜିଷ୍ଟ୍ରେଟ୍ ରହିବେ । ସବ୍‌ଇନ୍‌ସ୍ପେକ୍ଟରଙ୍କର ଜଣେ ପୁଲିସ ଅଧିକାରୀ କାର୍ଯ୍ୟାନୁଷ୍ଠାନ ବେଳେ ଟିମ୍‌କୁ ସହଯୋଗ କରିବେ । ଗଞ୍ଜାମ ଜିଲ୍ଲାରେ ଏହି ଟାସ୍କଫୋର୍ସ ରହିଛି । ତଥାପି ପାନ ଦୋକାନ ଠାରୁ ଆରମ୍ଭ କରି ତେଜରାତି ଦୋକାନରେ ବିଭିନ୍ନ କମ୍ପାନିର ପେନ୍ଥା ପେନ୍ଥା ଗୁଟ୍‌ଖା ମାଳ ଟଙ୍ଗା ହୋଇ ବେଧଡ଼କ ବିକ୍ରି କରାଯାଉଛି । ସେହିପରି ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୧୦୦ ମିଟର ଦୂରତା ମଧ୍ୟରେ ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି କରିପାରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଥିବା ବେଳେ ଏହାକୁ ଗୁରୁତ୍ୱ ଦିଆଯାଉନି । ବ୍ରହ୍ମପୁର ସହର ସମେତ ଜିଲ୍ଲାର ପ୍ରାୟ ବିଭିନ୍ନ ସ୍କୁଲ ଓ କଲେଜ ନିକଟରେ ତମାଖୁ ଦ୍ରବ୍ୟ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି । ଏ ସମ୍ପର୍କରେ ଏଡିଏମ୍‌ଓ(ପିଏଚ୍) ଡା. ଆର. ଜଗଦୀଶ ପଟ୍ଟନାୟକ କହନ୍ତି, ଗଞ୍ଜାମ ଜିଲ୍ଲାରେ ଗଠନ ହୋଇଥିବା ଟାସ୍କଫୋର୍ସ ବିଭିନ୍ନ ସମୟରେ ଚଢ଼ଉ କରୁଛି । ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ ୧ଲକ୍ଷ ୮୯ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଧାର୍ଯ୍ୟ ଟାର୍ଗେଟରୁ ଅଧିକ ଚଢ଼ଉ କରି ସାରା ରାଜ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଥମ ହୋଇଛି । ଏଣୁ ଗଞ୍ଜାମ ଜିଲ୍ଲାକୁ ମଙ୍ଗଳବାର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ସେ କହିଛନ୍ତି ।

## ଆରୋଗ୍ୟ ଭାରତୀ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୩୧/୦୫ (ନି.ପ୍ର): ବ୍ରହ୍ମପୁର, ହରିହର ନଗର ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ଆଜି ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆରୋଗ୍ୟ ଭାରତୀ ଅଧକ୍ଷ ଡା.ନକୁଳ ସାହୁ ରୋଗୀଙ୍କ ରକ୍ତଚାପ, ମଧୁମେହ, ଗଣ୍ଠିବାତ, ଅମ୍ଳପିତ ଓ ସ୍ତ୍ରୀ ରୋଗ ଆଦିର ପରୀକ୍ଷା କରି ଚିକିତ୍ସା, ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ଶିବିର ପରିଚାଳନାରେ ସହଯୋଗ କରିଥିଲେ ଗୌରୀ ପ୍ରସାଦ ପରିଛା, ଗଣେଶ ପ୍ରସାଦ ପରିଛା ଓ ମନ୍ଦିର କମିଟିର ସଭ୍ୟ ସଭ୍ୟା । ପ୍ରତି ସୋମବାର ସକାଳେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଉଛି । ସମସ୍ତେ ଏହାର ସୁଯୋଗ ନେବାକୁ ମନ୍ଦିର କମିଟି ଅନୁରୋଧ କରିଛନ୍ତି ।

# ଫିରିଙ୍ଗିଆରେ କୁଇ ଜାତିର ବାର୍ଷିକ ସମ୍ମିଳନୀ

କନ୍ଧମାଳ,୩୧/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ କୁଇ ସମାଜ ସେବା ସମିତି ଫିରିଙ୍ଗିଆ ଶାଖା ଆନୁକୂଲ୍ୟରେ କୁଇ ଜାତି ର ବାର୍ଷୀକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଫିରିଙ୍ଗିଆ କୁଇ ସମାଜ ସେବା ସମିତି ର ସଭାପତି ମୁକୁନ୍ଦ କହଁର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଦୁଇଦିନିଆଁ କାର୍ଯ୍ୟକ୍ରମ ରେ କୁଇ ଜାତି ସମନ୍ୱୟ ସମିତି ଜିଲ୍ଲା ସଭାପତି ଲମ୍ବୋଦର କହଁର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ଫୁଲବାଣୀ କେନ୍ଦ୍ର କୁଇ ସମାଜ ସଭାପତି ସୁଦର୍ଶନ କହଁର ,କୁଇ ଭାଷା ସାହିତ୍ୟ ସମିତି ର ରାଜ୍ୟ ସଭାପତି ଦିନବନ୍ଧୁ କହଁର, କୁଇ ସମାଜ କେନ୍ଦ୍ର ମହିଳା ସଭାନେତ୍ରୀ ଗିତାଞ୍ଜଳୀ କହଁର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ବେଳେ ଘୁ.ଉଦୟଗିରି ର ବରିଷ୍ଠ ଆଇନ ଜିବୀ ପ୍ରଦିପ କହଁର ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଜିଲ୍ଲା ଆଦିବସି ମହାସଙ୍ଘ ସଭାପତି ଯୁଗେଶ୍ୱର ମାଝି ,ପୁର୍ବତନ କେନ୍ଦ୍ର ସଭାପତି ତିର୍ଥ ଜାନି, କେନ୍ଦ୍ର ସାଧାରଣ ସମ୍ପାଦକ ଅବନି କୁମାର କହଁର , ଖଜୁରିପଡା ବ୍ଲକ ର ପୁର୍ବତନ ବ୍ଲକ ଅଧକ୍ଷ ବିରେନ୍ଦ୍ର କହଁର , ଫିରିଙ୍ଗିଆ ପୂର୍ବତନ ସରପଂଚ ତଥା କୁଇ ଜୁବନେତା ବିଶ୍ୱରଞ୍ଜନ କହଁର , ଫିରିଙ୍ଗିଆ ସମିତି ସଭ୍ୟା ମୌସୁମି ପ୍ରଧାନ ଙ୍କ ସହ ଫିରିଙ୍ଗିଆ ସାଖା ଅଧିନରେ ଥିବା ୧୫ ଗୋଟି ଉପସଖା ର ସଭାପତି ଙ୍କ ସହ ୧୫ ଟି ପଂଚାୟତ ର ସରପଂଚ ମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ରେ ଫିରିଙ୍ଗିଆ ସାଖାର ସମ୍ପାଦକ ଏସିଆ କହଁର ସମାଜ ର ବାର୍ଷିକ ବିବରଣି ପାଠକରିଥିବା ବେଳେ କୁଇସାମାଜ ଯୁବ ସଂଗଠକ ବୁଦ୍ଧଦେବ କହଁର , କୁଇ ସମାଜ ଯୁବନେତା ରଘୁପତି କହଁର , ଫିରିଙ୍ଗିଆ ସରପଂଚ ଜଳନ୍ଧର କହଁର , ଗୋଲକବିହାରି କହଁର ଙ୍କ ସହ ସମାଜ ର ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ନବନିର୍ମିତ ଆଦିବାସୀ ସଂଗ୍ରାହାଳୟ, ଆଦିବାସୀ ସଂସ୍କୃତି ଭବନ ଓ ତାଲିମ କେନ୍ଦ୍ର ର ଉଦଘାଟନ କରାଯାଇଥିଲା। ଅନୁଷ୍ଠିତ ବୈଠକରେ ଆଦିବାସୀ ମାନଙ୍କ ସମସ୍ୟା ଓ ତାର ସମାଧାନ ବିଷୟରେ ଆଲୋଚନା ହୋଇଥିଲା। ଅନ୍ୟପଟେ ଏହି ଅବସରରେ ନବନିର୍ବାଚିତ ଆଦସିବାସୀ ସରପଂଚ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# ଜିଲ୍ଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନାଙ୍କ ଆଶ୍ରମ ସ୍କୁଲ ପରିଦର୍ଶନ

ନୂଆପଡ଼ା,୩୧/୦୫ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ୬ ନଂମ୍ବର ଜିଲ୍ଲାପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା ନିଜ ଯୋନ ପରିସର ମଧରେ ଥିବା ଆଶ୍ରମ ସ୍କୁଲର ସ୍ଥିତି ଅନୁଧ୍ୟା କରିବା ପାଇଁ ଯାଇଥିଲେ । ଚନ୍ଦୁଟମାଲ ଏବଂ ବଡ଼ମୂଳା ଗ୍ରାମ ସ୍ଥିତ ଦୁଇ ଗୋଟି ଆଶ୍ରମ ସ୍କୁଲ ପରିଦର୍ଶନ କରିଛନ୍ତି । ଉଭୟ ସ୍କୁଲରେ ଛାତ୍ରଛାତ୍ରୀ ଅନୁପାତ ରେ ଶିକ୍ଷକ ନଥିବା ବେଳେ ବିଶେଷ କରି ବିଜ୍ଞାନ ଶିକ୍ଷକ ନ ଥିବା ଛାତ୍ର ଛାତ୍ରୀଙ୍କ ଶିକ୍ଷା ବ୍ୟବସ୍ଥା ଦୁର୍ଭାଗ୍ୟ ଜଳ ଅଟେ । ବର୍ତ୍ତମାନ ସପ୍ତମ ରୁ ଦଶମ ପର୍ଯ୍ୟନ୍ତ ବିଜ୍ଞାନ ବିଷୟରେ ଦୁର୍ବଳ ହେଲେ ଆଗାମୀ ଭବିଷ୍ୟତ ତାଙ୍କର ଅନ୍ଧକାର ହୋଇଯିବ । ସେହିପରି ବଡ଼ମୂଳା ଆଶ୍ରମ ସ୍କୁଲଓ ଆବାସିକ ବିଦ୍ୟାଳୟ ରେ ପାନୀୟ ଜଳର ସମସ୍ୟା ରହିଅଛି । ଏହି ବିଷୟ ଆସନ୍ତା ଜିଲ୍ଲା ପରିଷଦ ବୈଠକରେ ଗୁରୁତ୍ୱ ଦେଇ ତାର ସମାଧାନ ନେଇ ପ୍ରଶାସନ କୁ ଦୃଷ୍ଟି ଆକର୍ଷଣ କରିବେ ବୋଲି ଜିଲ୍ଲାପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା ପ୍ରକାଶ କରିଛନ୍ତି । ନିଜ ଅଞ୍ଚଳର ସମସ୍ୟା ସମାଧାନ ପାଇଁ ନିଜ ନାଁ ରେ ନିଜେ ନାଉରୀ ସାଜି ପ୍ରଶାସନ ଏବଂ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରିବେ ବୋଲି ସୁନା ପ୍ରକାଶ କରିଛନ୍ତି ।

## ଜାମାଇକାରେ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ତେଣୁ ଗୋରା ଲୋକେ ତାଙ୍କୁ ଶତ୍ରୁ ମନେକରି ଜେଲକୁ ପଠାଇ ଦେଇଥିଲେ । ୧୯୨୭ରେ ଆମେରିକାରୁ ଜାମାଇକାକୁ ତାଙ୍କୁ ପ୍ରତ୍ୟର୍ପଣ କରାଯାଇଥିଲା । ୧୯୩୫ରେ ସେ ଲଣ୍ଡନ ଚ୍ଲିଯାଇଥିଲେ ଏବଂ ୧୦ ଜୁନ୍ ୧୯୪୦ରେ ତାଙ୍କର ଦେହାନ୍ତ ହୋଇଥିଲା । କଳାଲୋକଙ୍କ ସ୍ୱାର୍ଥରେ ଗାର୍ଭେଙ୍କ ସଂଗ୍ରାମ ପରବର୍ତ୍ତୀ ସମୟରେ ଅନେକ ଆନ୍ଦୋଳନକୁ ପ୍ରେରଣା ଯୋଗାଇଥିଲା । ତାଙ୍କ ମତକୁ ଗାର୍ଭେବାଦ ଭାବେ ବେଶ୍ ସମ୍ମାନ କରାଯାଇଥାଏ । ୧୯୧୯ରେ ସେ ବ୍ଲାକ ଷ୍ଟାର ନାମରେ ଏକ ବାଣିଜ୍ୟିକ ସଂସ୍ଥା ଆରମ୍ଭ କରିଥିଲେ ଯାହା ଆମେରିକା,ଆଫ୍ରିକା ଏବଂ କ୍ୟାରିବିଆନ ଦେଶଗୁଡିକରେ କଳାଲୋକଙ୍କ ଗମନାଗମନ ପାଇଁ ଜାହାଜ ଚଳାଚଳ କରିଥିଲା । ଗାର୍ଭେ ପେଶାରେ ଥିଲେ ସାମ୍ବାଦିକ । ନିଉୟର୍କ ସହରର ୧୩୩ ୱେଷ୍ଟ / ୧୨୯ ଷ୍ଟ୍ରୀଟର ବାସିନ୍ଦା ଗାର୍ଭେ ନାଗରିକତା ପାଇବାକୁ ୧ ସେପ୍ଟେମ୍ବର ୧୯୨୧ରେ ଆବେଦନକରି ହତାଶ ହେବା ପରେ ଇଂଲଣ୍ଡ ଯିବାକୁ ବାଧ ହୋଇଥିଲେ । କାରଣ ସିରିଲ ବ୍ରିଗସ୍‌ଙ୍କ ପରି କ୍ୟାରିବିଆନ କଳାନେତାମାନେ ତାଙ୍କ ନେତୃତ୍ୱକୁ ଆମେରିକାରେ ବିରୋଧ କରିବାକୁ ଲାଗିଲେ । ତେଣୁ ୧୫ ଫେବୃଆରୀ ୧୯୨୨ରେ ତାଙ୍କ ବିରୋଧରେ ଅନେକ ଅଭିଯୋଗ ଅଣାଯାଇଥିଲା । ୫ଫେବୃଆରୀ ୧୯୨୫ରେ ତାଙ୍କୁ ଜେଲଦଣ୍ଡ ପାଇଁ ଆଟଲାଣ୍ଟାକୁ ପଠାଯାଇଥିଲା । ପରେ ୧୮ ନଭେମ୍ବର ୧୯୨୭ରେ ତାଙ୍କୁ ଜାମାଇକାକୁ ପଠାଇଦେବା ଲାଗି ନିର୍ଦ୍ଦେଶ ହୋଇଥିଲା । ସେ ଆଉ ଆମେରିକା ନଫେରି ବ୍ରିଟେନକୁ ଚ୍ଲିଯାଇଥିଲେ । ରାଷ୍ଟ୍ରପତି କୋବିନ୍ଦ କିଙ୍ଗସଟନଠାରେ ଜାମାଇକା କ୍ରିକେଟ ଆସୋସିଏନକୁ ୧୦୦ କ୍ରିକେଟ କିଟ୍ ଯୁବ ଖେଳାଳିଙ୍କୁ ଦେବାଲାଗି କ୍ରିକେଟ ବୋର୍ଡର ସଭାପତି ୱିଲଫୋର୍ଡ ବିଲି ହେଭେନଙ୍କୁ ହସ୍ତାନ୍ତର କରିଥିଲେ । ଏହାଛଡା ଭାରତର ରାଷ୍ଟ୍ରପତି କିଙ୍ଗସଟନର ଏକ ହୋଟେଲରେ ସେଠାକାର ବିରୋଧୀଦଳ ନେତା ମାର୍କ ଗୋଲଜିଙ୍ଗ ଏବଂ ବେଦୈଶିକ ବ୍ୟାପାର ଓ ବାଣିଜ୍ୟ ପ୍ରବକ୍ତା ଲିସା ହାନ୍ନାଙ୍କୁ ମଧ ସାକ୍ଷାତ କରିଥିଲେ । ଜାମାଇକା ସରକାର ଆଗାମୀ ଦିନରେ ଭାରତରୁ ସାର, ଗହମ ଆମଦାନୀ କରିବାକୁ ଚ୍ହୁଁଥିବା ବିଷୟ ସେଠାକାର ବାଣିଜ୍ୟମନ୍ତ୍ରୀ ଅବିନ ହିଲ ପ୍ରକାଶ କରିଥିଲେ । ପୂର୍ବରୁ ଜାମାଇକା ଏହି ସବୁ ସାମଗ୍ରୀ ୟୁକ୍ରେନଠାରୁ କ୍ରୟ କରୁଥିଲା । ରାଷ୍ଟ୍ରପତି କୋବିନ୍ଦଙ୍କ ଏହି ଗସ୍ତ ବେଶ୍ ସଫଳ ହୋଇଥିବା କୁହାଯାଉଛି ।

## ‘ମୋନା’ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ

ବାଲେଶ୍ୱର,୩୧/୦୫ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ, ମୋନା ପକ୍ଷରୁ ‘ବିଶ୍ୱ ତମାଖୁ ବର୍ଜନ ଦିବସ’ ନେଳିଆବାଗ ସ୍ଥିତ ସଂଗଠନର କାର୍ଯ୍ୟାଳୟରେ ମଙ୍ଗଳବାର ପାଳିତ ହୋଇଯାଇଛି । ଆଇନଜୀବୀ ପ୍ରଭାକର ସାହୁ ଏଥିରେ ସଭାପତିତ୍ୱ କରିଥିଲେ । ସାଧାରଣ ସମ୍ପାଦିକା ମମତା ମହାପାତ୍ର ତମାଖୁ ବ୍ୟବହାର ଜନିତ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରି ଏହାର ନିଷିଦ୍ଧ ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ତମାଖୁ ସେବନ କାରଣରୁ ବିଶ୍ୱରେ ପ୍ରିତିବର୍ଷ ୮୦ଲକ୍ଷ ଲୋକ ମୃତ୍ୟୁ ବରଣ କରୁଥିବା ବେଳେ ଏହାର ଭୟାବହତା ଦୃଷ୍ଟିରୁ ତମାଖୁ ବର୍ଜନ କରି ଏକ ନିରୋଗ ଓ ସୁସ୍ଥ ଜୀବନ ଯାପନ ପାଇଁ ଏହି କାର୍ଯ୍ୟକ୍ରମରେ ସମସ୍ତେ ମତ ପ୍ରକାଶ କରିଥିଲେ । ଡ. କେଶବ ଚରଣ ପଣ୍ଡା, ପ୍ରସନ୍ନ କୁମାର ପାଢ଼ୀ, ନିରଞ୍ଜନ ପରିଡ଼ା, ସୁବ୍ରତ କର, ସମରେନ୍ଦ୍ର ଦାସ, ଭାରତୀ ପଣ୍ଡା, ସରସ୍ୱତୀ ପଣ୍ଡା, କଲ୍ୟାଣୀ ନନ୍ଦ, ଗୀତାଞ୍ଜଳି ସିଂହ, ତ୍ରିଦିବ କୁମାର ନାୟକ, ରବି କୁମାର ପାଣିଗ୍ରାହୀ, ଡ. କ୍ଷିତୀଶ୍ୱର ଦାଶ, ଲକ୍ଷ୍ମୀପ୍ରିୟା ଜେନା, ସୀତାରାମ ପ୍ରଧାନ, କମଳାକାନ୍ତ ଦାଶ, କ୍ରୀଷ୍ଣା ସାହା, ଶାନ୍ତିଲତା ପଣ୍ଡା, ବେଣୁଧର ସାହୁ, ଭୂପତି ଦାସ, ଗୌରଗୋପାଳ ଦେ, ଶୁଭଙ୍କର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବେହେରା ଓ ବସନ୍ତ ପ୍ରଧାନ ପ୍ରମୁଖ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ‘ମୋନା’ର କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ସିଦ୍ଧୁ ମୁସେୱାଲାଙ୍କ ହତ୍ୟାକାଣ୍ଡରେ ....

ଗିରଫ ହୋଇଥିଲେ । ଏବେ ମୁସେୱାଲାଙ୍କ ହତ୍ୟାକାଣ୍ଡ ସହ ତାଙ୍କର ଲିଙ୍କ ଥିବା ପୁଲିସ୍ ଜାଣିବାକୁ ପାଇଛି । ତେଣୁ ତାଙ୍କୁ ଗିରଫ କରାଯାଇଛି । ସୋମବାର ସନ୍ଧ୍ୟାରେ ପଞ୍ଜାବ ପୁଲିସ୍ ଡେରାଡୁନରୁ ଉତ୍ତରାଖଣ୍ଡ ପୁଲିସ୍ ଓ ଏସଟିଏଫ ସହାୟତରେ ୬ ଜଣ ସନ୍ଦିଗ୍ଧଙ୍କୁ ଠାବ କରିଥିଲା । ଏମାନଙ୍କ ମଧ୍ୟରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ସହ ଲିଙ୍କ ରଖିଥିବା ଜଣେ ଯୁବକ ଥିବା ପୁଲିସ୍ ସନ୍ଦେହ କରିଥିଲା । ଏଥିସହ ମୁସେୱାଲାଙ୍କ ନିର୍ମମ ହତ୍ୟା ପଛରେ ବି ତା’ର ହାତ ଥିବା ପୁଲିସ୍ ଆଶଙ୍କା କରି ତଦନ୍ତ ଆରମ୍ଭ କରିଥିଲା । ଆଜି ଦ୍ୱିନ ତମାମ ଜେରା ପରେ ଶେଷରେ ପୁଲିସ ମନପ୍ରୀତ ସିଂହଙ୍କୁ ଗିରଫ କରିଛି । କାନାଡାରେ ରହୁଥିବା ଗୋଲ୍ଡୀ ବ୍ରାର ପ୍ରଥମେ ମୁସେୱାଲାଙ୍କ ହତ୍ୟା ପଛରେ ତା’ର ହାତ ଥିବା କଥା ସ୍ୱୀକାର କରିଥିଲା । ଏହାପରେ ହିଁ ପୁଲିସ୍ ତିହାର ଜେଲରେ ଥିବା ବିଷ୍ଣୋଇଙ୍କୁ ସନ୍ଦେହ ଘେରକୁ ଆଣିଥିଲା । ବ୍ରାର ହେଉଛି ବିଷ୍ଣୋଇର ଅତ୍ୟନ୍ତ ଘନିଷ୍ଠ । ତେଣୁ ତିହାର ଜେଲରୁ ହିଁ ମୁସେୱାଲାଙ୍କୁ ମାରିବା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିବା ପୁଲିସ୍ ସନ୍ଦେହ କରୁଛି । ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟାରେ ମୁସେୱାଲା ଗାଡ଼ିରେ ଯାଉଥିବା ବେଳେ ତାଙ୍କ ଉପରେ ଆଖି ବୁଜା ଗୁଳି ମାଡ଼ ହୋଇଥିଲା । ମାତ୍ର ୨ ମିନିଟରୁ କମ ସମୟ ମଧ୍ୟରେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ୩୦ରୁ ଅଧିକ ରାଉଣ୍ଡ ଗୁଳି ମାଡ଼ କରିଥିଲେ । ଘଟଣା ପରେ ମୁସେୱାଲାଙ୍କୁ ହସ୍ପିଟାଲ ନିଆ ଯାଇଥିଲେ ମଧ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ।

### ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ....

ବିଭାଗ ନମ୍ବର ପ୍ଲେଟ ଆର୍ଟିଷ୍ଟ ପରିବାରର ସୁରକ୍ଷା ପ୍ରତି ଦୃଷ୍ଟି ନଦିଅନ୍ତି ତେବେ ୨୦ ହଜାରରୁ ଉର୍ଦ୍ଧ୍ୱ ନମ୍ବର ପ୍ଲେଟ ଆର୍ଟିଷ୍ଟମାନେ ସେମାନଙ୍କର ଜୀବନ ଜୀବିକା ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଆସୋସିଏସନ ପକ୍ଷରୁ ଉପଦେଷ୍ଟା ନାରାୟଣ ଚନ୍ଦ୍ର ଓଝା ଓ ରଞ୍ଜନ ମିଶ୍ର, ସଭାପତି ରଣଜିତ ସିଂହ, ଉପ ସଭାପତି ଗଙ୍ଗାଧର ଡ଼ାକୁଆ, ସମ୍ପାଦକ ଶିବଶଙ୍କର ଡ଼ାକୁଆ, ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଆଦିତ୍ୟ ଲେଙ୍କା ଚିରଞ୍ଜନ ଦାସ, ପ୍ରକାଶ କୁମାର ମହାରଣା, ସତ୍ୟରଞ୍ଜନ ମହାନ୍ତି, ସନାତନ ମହାରଣା ପ୍ରମୁଖ ଚେତାବନୀ ଦେଇଛନ୍ତି ।

### ମାହାଙ୍ଗାରୁ ପ୍ରଧାନମନ୍ତ୍ରୀଙ୍କ ‘ଗରିବ କଲ୍ୟାଣ ସମ୍ମେଳନ’ରେ....

ଶପଥର ପ୍ରତିଫଳନ । ପ୍ରଧାନମନ୍ତ୍ରୀ ହିମାଚଳ ପ୍ରଦେଶ ସିମଲାରେ ‘ଗରିବ କଲ୍ୟାଣ ସମ୍ମେଳନ’ରେ କହିଛନ୍ତି, “ସରକାର ଏବେ ଦେଶର ସେବକ,ଜନତା ଜନାର୍ଦ୍ଦନଙ୍କ ସେବକ । ଆଜି ସରକାରୀ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ଗରିବଙ୍କ ସହ ଯୋଡ଼ାଯାଇଛି” । ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଦେଶର ଗରିବ ଓ ସମାଜ ଅନ୍ତିମ ଶ୍ରେଣୀର ବ୍ୟକ୍ତିଙ୍କ ଭାବନାକୁ ଜାଗ୍ରତ କରିଛି । ଜୀବନର ସୁଗମତା ପ୍ରତ୍ୟେକ ନାଗରିକଙ୍କ ଅଧିକାର, ଯାହା ମୋଦି ସରକାରଙ୍କ ପ୍ରାଥମିକତାରେ ରହିଛି । ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୮ ବର୍ଷର ସେବା,ସୁଶାସନ ଓ ଗରିବ କଲ୍ୟାଣର ସାକ୍ଷୀ ହେବା ଅବସରରେ ତାଙ୍କ ଦୀର୍ଘାୟୁ କାମନା କରିବା ଓ ବିଶ୍ୱ ଦରବାରରେ ଭାରତର ମାନ ମର୍ଯ୍ୟାଦାକୁ ଶିଖରକୁ ନେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି ।

### ବ୍ରଜରାଜନଗର ଉପ ନିର୍ବାଚନ....

୩ଟି ଲେଖାଏଁ ବାଲଟ ୟୁନିଟ ଓ କଣ୍ଟ୍ରୋଲ ୟୁନିଟ ପରିବର୍ତନ କରାଯାଇଛି । କୌଣସି ସ୍ଥାନରେ ହିଂସା ହୋଇନାହିଁ । ଗତଥର ଏଠାରେ୬୮ ପ୍ରତିଶତ ମତଦାନ ହୋଇଥିଲା । ଏଥର ଭୋଟିଂ ହାର ଗତଥରର ହାରକୁ ଟପିବ ବୋଲି କହିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ । ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ମୋଟ ୨୭୯ ବୁଥରେ ୨ ଲକ୍ଷ ୧୪ ହଜାର ୮୭୮ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିଛନ୍ତି । ୨୭୯ ବୁଥ ମଧ୍ୟରୁ ୬୦ଟି ବୁଥ ସମ୍ବେଦନଶୀଳ ବୁଥ ଭାବେ ଚିହ୍ନଟ କରାଯାଇ ଥିଲା ବେଳେ ୫ଟି ପିଙ୍କ୍ ବୁଥ ଓ ୩୦ଟି ଆଦର୍ଶ ବୁଥ କରାଯାଇଛି । ବ୍ରଜରାଜନଗର ଉପନିର୍ବାଚନରେ ୧୨୮୮ ଜଣ ପୋଲିଂ ଅଫିସର ନିଯୁକ୍ତ ହୋଇଥିବା ବେଳେ, ଆଇନ ଶୃଙ୍ଖଳା ପାଇଁ ୧୦୦୦ ପୋଲିସ କର୍ମଚାରୀ ମୁତୟନ ହୋଇଥିଲେ । ସେହିଭଳି ସମ୍ବେଦନଶୀଳ ବୁଥରେ ୩ କମ୍ପାନୀ ସେଂଟ୍ରାଲ ଆର୍ମ ଫୋର୍ସ ମୁତୟନ ହୋଇଛନ୍ତି । ୫୦ ପ୍ରତିଶତ ବୁଥରେ ୱେବକାଷ୍ଟିଂ କରାଯାଉଛି । ବରିଷ୍ଠ ଭୋଟର ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସବୁ ବୁଥରେ ରାମ୍ପ, ହ୍ୱିଲଚେୟାର ସହ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି ।

### କାଳବୈଶାଖୀ ପାଇଁ ୨୩ ଜିଲ୍ଲାକୁ ....

ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଅପରପକ୍ଷରେ ଭୁବନେଶ୍ୱର ଓ ଏହାର ଆଖପାଖ ଅଂଚଳର ଆକାଶ ଆଂଶିକ ମେଘୁଆ ରହିବା ସହ କିଛି ସ୍ଥାନରେ ବଜ୍ରପାତ ସହ ହାଲୁକା ବର୍ଷା ହୋଇପାରେ । ଆସନ୍ତା ୪ରୁ ୫ ଦିନ ମଧ୍ୟରେ ଓଡ଼ିଶା ଜିଲ୍ଲାଗୁଡ଼ିକର ଅନେକ ସ୍ଥାନରେ ସର୍ବାଧିକ ତାପମାତ୍ରା ରେ କୌଣସି ବଡ଼ ଧରଣର ପରିବର୍ତନ ହେବାର ସମ୍ଭାବନା ନାହିଁ ।

## ବିଜୁଳି, ଘଡଘଡି ସ୍ପର୍ଶରେ ଉଜ୍ଜ୍ୱଳ ଆଲୋକ ଜଳିଗଲା

ବସ୍ତା, ୩୧/୦୫ (ନି.ପ୍ର):ଆଜି ଅପରାହ୍ନରେ କାଳ ବୈଶାଖିରେ ପବନ ସାଙ୍ଗକୁ ବର୍ଷା ସହିତ ଘଡଘଡି ମାରିବା ଫଳରେ ମଥାନୀ ପଞ୍ଚାୟତ ସାନଖୁଡି ଜଳକା ପ୍ରଜେକ୍ଟ ବଜାରରେ ଲଗାଯାଇଥିବା ସାଂସଦ ଅନୁଦାନରୁ ଉଜ୍ଜ୍ୱଳ ଆଲୋକ ପୋଷ୍ଟ ଉପରେ ବିଜୁଳି ସ୍ପର୍ଶ ହେବାରୁ ଲାଇଟ ପୁଷ୍ଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ତେବେ ପାଖରେଥିବା ୨ଜଣ ଶୁଭେନ୍ଦୁ ଦାସ ନିତ୍ୟାନନ୍ଦ ପାତ୍ର ଅଳ୍ପକେ ବର୍ତ୍ତି ଯାଇଥିଲେ ।

## ସଂଜ୍ଞାହୀନ ଅବସ୍ଥାରେ ଯୁବକ ଉଦ୍ଧାର



ବସ୍ତା, ୩୧/୦୫ (ନି.ପ୍ର): ଆଜି ଦିନ ଗୋଟାଏ ସମୟରେ ଜୈନିକ ଯୁବକସାଇକେଲରେ ଯାଉଥିବା ସମୟରେ ସଜ୍ଞାହିନ ହୋଇ ରାସ୍ତାରେ ମୂର୍ଚ୍ଛିତ ଅବସ୍ଥାରେ ପଡିରହିଥିବା ଦେଖିବାକୁମିଳିଛି ।ସୂଚନାରୁ ପ୍ରକାଶ ବସ୍ତା ଥାନା ଇଡିଦା ପଞ୍ଚାୟତ ସେହି ଗ୍ରାମର ପେଟରା ରଣା ବସ୍ତାରୁ ସାଇକେଲ ପଛରେ କୋଇଲା ବୋଝେଇକରି ଘରକୁ ଫେରୁ ଥିବା ଅବସ୍ଥାରେ ମଥାନୀ ପଞ୍ଚାୟତ ଲକ୍ଷ୍ମଣାପଡା ଗ୍ରାମ ରାସ୍ତାରେ ଯାଉଥିବା ବେଳେ ହଠାତ ସାଇକେଲରୁ ଗଳିପଡି କ୍ଙ୍କ୍ରିଟ ରେ ପଡି ମୁହଁ ଓମଥାରେ ଆଘାତ ହେବା ଫଳରେ ଘଟଣା ସ୍ଥଳରେ ଗୁରୁତର ହୋଇଚେତାଶୂନ୍ୟ ଅବସ୍ଥାରେ ପଡି ରହିଥିଲେ ।ପାଖରେ ଥିବା ଲୋକେ ୧୦୮ ଖବର ଦେବାପରେ ଆମ୍ବୁଲେନ୍ସ ଆସି ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ ।

## ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ : ତମାଖୁ ଆମ ପରିବେଶ ପ୍ରତି ବିପଜ୍ଜନକ

ଭୁବନେଶ୍ୱର, ୩୧/୦୫ (ନି.ପ୍ର): ଆଜିର ସମୟରେ ଏକ ସୁସ୍ଥ ଓ ନିରାମୟ ଜୀବନ ଆମ ସମସ୍ତଙ୍କର କାମ୍ୟ । ପ୍ରକୃତି ସହିତ ଜଡ଼ିତ ହୋଇ ବଂଚିଲେ ମଣିଷ ସୁସ୍ଥ ରହି ପାରିବ ଓ ଜୀବନକୁ ଆନନ୍ଦରେ ଉପଭୋଗ କରିପାରିବ, ତେବେ ଆଜିର ପ୍ରଦୂଷଣଯୁକ୍ତ ଜୀବନ, ବଦଭ୍ୟାସ ମୁଖ୍ୟତଃ ତମାଖୁ ସେବନ ଆମ ପାଇଁ ସ୍ୱାସ୍ଥ୍ୟହାନିର କାରଣ ପାଲଟିବା ସହିତ ନାନା ଦୁଶ୍ଚିନ୍ତାର ଉଦ୍ରେକ କରୁଛି । ତମାଖୁ ସେବନର ଭୟାବହତା ସଂପର୍କରେ ଆମେମାନେ ସମସ୍ତେ ଅଳ୍ପବହୁତେ ପରିଚିତ । ତଥାପି ଆମେ ଏହାକୁ ସଂପୂର୍ଣ୍ଣ ଭାବରେ ପରିତ୍ୟାଗ କରି ପାରୁନାହୁଁ । ପ୍ରତିବର୍ଷ ତମାଖୁ ସେବନ ଦ୍ୱାରା ଆମ ଦେଶରେ ତଥା ରାଜ୍ୟରେ ବହୁ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି । ଏଥିରୁ ରକ୍ଷା ପାଇବା ପାଇଁ ସାମୂହିକ ଜନସଚେତନତା ଆବଶ୍ୟକ । ଆମକୁ ଏ ଦିଗରେ ଆହୁରି ଅନେକ ଆଗକୁ ଯିବାକୁ ଅଛି, ତାହାଲେ ଯାଇଁ ଏକ ତମାଖୁ ମୁକ୍ତ ସମାଜ ସମ୍ଭବ ହୋଇ ପାରିବ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକିଶୋର ଶର୍ମା ପ୍ରକାଶ କରିଛନ୍ତି । ଏହି ଅବସରରେ ସମ୍ମାନିତ ଭାବେ ଯୋଗଦେଇ ରାଜ୍ୟ ପୋଲିସ ନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ କହିଲେ ଯେ ଜିଲ୍ଲା ସ୍ତରରେ ପୋଲିସ ବିଭାଗ ଏବଂ ଅବକାରୀ ବିଭାଗ ଦ୍ୱାରା ମିଳିତ ଭାବରେ ଚଢ଼ାଉକୁ ସବୁସ୍ତରରେ ସହଯୋଗ କରାଯାଉଛି । ତମାଖୁ ବ୍ୟବହାର ବିରୁଦ୍ଧରେ ସମ୍ମୁଖ(ଫ୍ରଣ୍ଟଲାଇନ) କର୍ମଚାରୀ ଯଥା ଆଶା, ଏଏନ୍‌ଏମ୍ ପ୍ରଭୃତିଙ୍କ ମାଧ୍ୟମରେ ଜନସଚେତନତା ବିସ୍ତାର କରାଯାଉଛି । ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ମଧ୍ୟ ସେମାନଙ୍କ କ୍ୟାମ୍ପସକୁ ତମାଖୁ ମୁକ୍ତ କରନ୍ତୁ ଏବଂ ଏହାକୁ ଏହାକୁ କଠୋର ଭାବେ ଅନୁପାଳନ କରନ୍ତୁ । ତମାଖୁ ନିବୃତି ପରାମର୍ଶଦାତା ଏବଂ ଡାକ୍ତର, କାର୍ଯ୍ୟକ୍ରମ ଅଧିକାରୀମାନେ, ତମାଖୁ ଛାଡିବା ଏବଂ ଯୁବକ ଏବଂ ବୟସ୍କଙ୍କ ମଧ୍ୟରେ ତମାଖୁ ବ୍ୟବହାରକୁ ନିରୁତ୍ସାହିତ କରିବା ପାଇଁ କଠିନ ପରିଶ୍ରମ କରୁଛନ୍ତି । ବିଦ୍ୟାଳୟ ଏବଂ କଲେଜରେ ଏନ୍‌ଏସ୍‌ଏସ୍ ସଦସ୍ୟ, ଏନସିସି କ୍ୟାଡେଟ୍, ରେଡ୍ କ୍ରସ ସୋସାଇଟିର ଯୋଗଦାନ ଏହି ତମାଖୁମୁକ୍ତ ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ କରିଛି । ସମଗ୍ର ରାଜ୍ୟରେ ପ୍ରାୟ ବତିଶ ଗୋଟି ତମାଖୁ ନିବୃତି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀମତୀ ଯାମିନୀ ଷଡଙ୍ଗୀ କହିଲେ ଯେ ସାମ୍ପ୍ରତିକ ଅନୁସନ୍ଧାନ ଏବଂ ସର୍ବେକ୍ଷଣରେ ମଧ କୁହାଯାଇଛି ଯେ ପ୍ରାୟ ଶତକଡ଼ା ୪୨ ଭାଗ ବୟସ୍କ ବ୍ୟକ୍ତି ଯେକୌଣସି ତମାଖୁ ବ୍ୟବହାର କରୁଛନ୍ତି । ପ୍ରାୟ ଶତକଡ଼ା ୪୦ ଭାଗ ବ୍ୟକ୍ତି ଓଡ଼ିଶାରେ ଧୂମହୀନ ତମାଖୁ ବ୍ୟବହାର କରନ୍ତି । ଏପରିକି ମହିଳା ତମାଖୁ ବ୍ୟବହାରକାରୀଙ୍କ ସଂଖ୍ୟା ମଧ ଧୀରେ ଧୀରେ ବୃଦ୍ଧି ପାଉଛି । ସ୍ୱଳ୍ପ ବୟସରୁ ତମାଖୁ ବ୍ୟବହାର ରୋକିବାକୁ ସ୍କୁଲ ପିଲାମାନଙ୍କ ଉପରେ ଧ୍ୟାନ ରଖିବା ଜରୁରୀ । ବିଦ୍ୟାଳୟଗୁଡ଼ିକୁ ତମାଖୁ ମୁକ୍ତ କରିବା ଦ୍ୱାରା ନିଶ୍ଚିତ ଭାବରେ ତମାଖୁ ବ୍ୟବହାର କମାଇବାରେ ସଫଳ ହୋଇପାରିବା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡା. ଅଜିତ କୁମାର ମହାନ୍ତି, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଯୋଗଦେଇ ତମାଖୁ ସେବନର ଭୟାବହତା ଓ ଏହାର ପ୍ରତିକାର ସଂପର୍କରେ ଆଲୋଚନା କରିଥିଲେ ।

## ଗୋଟିଏ ଦିନରେ ୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୩୧/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୪୪୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୧୯୧ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୦ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୨ ଜଣ ସଂଗରୋଧରୁ ଓ ୧ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରୁ ୧, କେନ୍ଦ୍ରାପଡା ଜିଲ୍ଲାରୁ ୧ ତଥା ଖୋର୍ଧା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଷ୍ଟେଟ ପୁଲରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଅବଶିଷ୍ଟ ୨୭ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ

ଭଦ୍ରକ, ୩୧/୦୫ (ନି.ପ୍ର): ମଇ ୩୧ ତାରିଖରେ ପାଳନ କରାଯାଉଥିବା ବିଶ୍ୱ ତମାଖୁ ବର୍ଜନ ଦିବସକୁ ଆଜି ଜିଲ୍ଲା ସ୍ତରରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସମ୍ମିଳନୀ କକ୍ଷରେ ପାଳନ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଡି.ପି.ଏଚ୍.ଓ. ଡା ଭାରତୀ ରାଉତ, ଏ.ଡି.ପି.ଏଚ୍.ଓ. ସୁମିତ୍ରା ଦେ, ଏପିଡେମିଲୋଜିଷ୍ଟ ଡା. କାଶୀନାଥ ପଣ୍ଡା, ପୋଲିସ୍ ଇନିସ୍‌ପେକ୍ଟର ମୋନାଲିସା କର, ଡି.ପି.ଏମ୍. ସରିତା ମହାପାତ୍ର, ଡି.ଏମ୍.ଆର.ସି.ଏଚ୍. ଜିତେନ୍ଦ୍ର ବିଶ୍ୱାଳ, ଅଣ ସଂକ୍ରାମକ ରୋଗ ସହକାରୀ ପରିଚାଳକ ଦୀପକ କୁମାର ରାଉତ ଏନ୍.ଏସ୍.ଏସ୍.ର ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ ବୈର ଗଞ୍ଜନ ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଏହି ଦିବସ ପାଳନ ଅବସରରେ ତମାଖୁର ବ୍ୟାବହାରିକ ପରିଣାମ ଉପରେ ଗୁରୁତ୍ୱାରୋପ, ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଜନିତ ସଚେତନତା, ତମାଖୁ ସେବନରେ ବିଭିନ୍ନ କ୍ଷତିକାରକ ଦିଗ ଉପରେ ଆଲୋଚନା କରାଯାଇଥିଲା । ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ଭଦ୍ରକ କଲେଜରେ ହୋଇଥିବା ଚିତ୍ରାଙ୍କନ, ସ୍ଲୋଗାନ୍, ବକ୍ତୃତା ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ‘ଅମେଗା ହାର୍ଟ ରିଦିମ କ୍ଲିନିକ’ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲେଶ୍ୱର,୩୧/୦୫ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ଘରୋଇ ଚିକିତ୍ସା ସଂସ୍ଥା ‘ଅମେଗା ହାର୍ଟ ରିଦିମ କ୍ଲିନିକ’ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ତଥା ଚିକିତ୍ସା ଶିବିର ସ୍ଥାନୀୟ କପିଳମୁନି ବୃଦ୍ଧାଶ୍ରମ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । କ୍ଲିନିକର ମୁଖ୍ୟ ଡାକ୍ତର ମିଳନ କୁମାର ଘଡ଼େଇ ଆଶ୍ରମ ଅନ୍ତେବାସୀଙ୍କର ହାର୍ଟବିଟ୍, ଏପବିଏସ, ଏସଇ, ଇସିଜି ପ୍ରଭୃତି ଏକାଧିକ ପରୀକ୍ଷା କରି ଔଷଧ ପ୍ରଦାନ ସହ ଦୈନନ୍ଦିନ ଜୀବନଚର୍ଯ୍ୟା ସମ୍ପର୍କରେ ପରାମର୍ଶ ଦେଇଥିଲେ । ଦିଲୀପ ବେହେରା, ସପନ କୁମାର ଘଡ଼େଇ, ସୁଧାଂଶୁ ଶେଖର ବେହେରା, ରଶ୍ମିତା ପ୍ରଧାନ, କଳ୍ପନା ମଲିକ, ଋତୁପର୍ଣ୍ଣା ପାତ୍ର, ସୂରଜ କୁମାର ସାହୁ, ମନୋଭିରାମ ବେହେରା ପ୍ରମୁଖ କ୍ଲିନିକ ଷ୍ଟାଫ ଏଥିରେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଆଶ୍ରମରେ ରହୁଥିବା ୧୫ ଜଣ ଅନ୍ତେବାସୀଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ନିୟମିତ ବ୍ୟବଧାନରେ ଏହିଭଳି କ୍ୟାମ୍ପ ଆୟୋଜନ କରାଯିବ ବୋଲି ଡାକ୍ତର ଘଡ଼େଇ ସୂଚନା ଦେଇଛନ୍ତି । ଜୀବନର ଉପାନ୍ତ ବୟସରେ ପରିବାରଠାରୁ ଦୂରରେ ରହୁଥିବା ଏହି ବର୍ଷୀୟାନ ବ୍ୟକ୍ତିଙ୍କୁ ଉଚିତ ସେବା ପ୍ରଦାନର ଆଭିମୁଖ୍ୟ ନେଇ ଅମେଗା ହାର୍ଟ ରିଦିମ କ୍ଲିନିକ ଏହି କ୍ୟାମ୍ପ ଆୟୋଜନ କରିଥିବା ସେ ସୂଚନା ଦେଇଛନ୍ତି । କ୍ଲିନିକର ଏହି ମହାନତା କାର୍ଯ୍ୟକୁ ନେଇ ଆନ୍ତେବାସୀମାନେ ବେଶ ସନ୍ତୋଷ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଡାକ୍ତର ଘଡ଼େଇ ଓ ତାଙ୍କ ଟିମର ଏତାଦୃଶ ସେବାମୂଳକ କାର୍ଯ୍ୟକୁ ଆଶ୍ରମ ପ୍ରତିଷ୍ଠାତା ଓ ପରିଚାଳନା ମୁଖ୍ୟ ଭୂୟସୀ ପ୍ରଶଂସା କରିବା ସହ ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି ।

## ବାରବାଟୀ ଟି-୨୦ ପାଇଁ ଆଜି ଠାରୁ ଅନଲାଇନ୍ ଟିକେଟ୍ ବିକ୍ରି

ଭୁବନେଶ୍ୱର, ୩୧/୦୫ (ନି.ପ୍ର): ବାରବାଟୀ ଟି-୨୦ ପାଇଁ ଆସନ୍ତାକାଲି ସକାଳ ୧୧ଟାଠାରୁ ଅନଲାଇନ୍ ଟିକେଟ୍ ବିକ୍ରି ଆରମ୍ଭ ହେବ । ଅନ୍ ଲାଇନରେ ୫ ହଜାର ଟିକେଟ ବିକ୍ରି କରାଯିବାର ବ୍ୟବସ୍ଥା ହୋଇଛି । ଗ୍ୟାଲେରୀ ନମ୍ବର ୨, ୪, ୭, ସ୍ପେଶାଲ ଏନକ୍ଲୋଜର, ନ୍ୟୁ ପାଭେଲିୟନ ଏବଂ ଏସି ବକ୍ସ ପାଇଁ ଟିକେଟ ବିକ୍ରି କରାଯିବ । ପେଟିଏମ୍ ଇନ୍‌ସାଇଡର୍ ଆପ୍, ପେଟିଏମ୍ ଆପ୍ ରେ ବୁକିଂ କରିହେବ । ଜଣେ ଦର୍ଶକ ଦୁଇଟି ଟିକେଟ ନେଇପାରିବେ । http://insider.in ୱେବସାଇଟ୍ ରେ ମଧ ଉପଲବ୍ଧ ହେବ ଟିକେଟ୍ । ଟିକେଟ ବୁକିଂ ବେଳେ ଦର୍ଶକଙ୍କୁ ନିଜର ପରିଚୟ ପତ୍ର ଦେବାକୁ ପଡିବ । ଅନଲାଇନ୍ ଟିକେଟ କରିଥିବା ବ୍ୟକ୍ତି ୯ ତାରିଖରୁ ୧୧ ତାରିଖ ମଧ୍ୟରେ ଦିନ ୧୦ଟାରୁ ୬ ଟା ମଧ୍ୟରେ ସେମାନଙ୍କ ଟିକେଟ ହାର୍ଡକପି ସଂଗ୍ରହ କରିବେ । ସେହିପରି ଜୁନ୍ ୯ ଓ ୧୦ ତାରିଖରେ ଅଫଲାଇନ୍ ରେ ଟିକେଟ୍ କିଣିପାରିବେ ଦର୍ଶକ । ବାରବାଟୀରେ ଆସନ୍ତା ଜୁନ୍ ୧୨ ତାରିଖରେ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍ ଖେଳାଯିବ । ମ୍ୟାଚ୍ ପାଇଁ ଓସିଏ ପକ୍ଷରୁ ଜୋରସୋରରେ ପ୍ରସ୍ତୁତି ଚାଲିଛି । ଷ୍ଟାଡିୟମକୁ ନୂଆ ରୂପରେ ସଜାଯାଉଛି ।

## ଏମକେସି ହାଇସ୍କୁଲରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ



ବାରିପଦା, ୩୧/୦୫ (ନି.ପ୍ର): ଏମକେସି ହାଇସ୍କୁଲରେ ବିଦ୍ୟାଳୟର ଇକୋ କ୍ଲବ ତରଫରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ “ତମାଖୁ ବ୍ୟବହାରର କୁପରିମାଣ” ସମ୍ପର୍କିତ ବିଷୟବସ୍ତୁ ଉପରେ ଏକ ବକ୍ତୃତା ପ୍ରତିଯୋଗିତା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦଚନ୍ଦ୍ର ରାଉତଙ୍କ ପୌରହିତାରେ ଆନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇକୋ କ୍ଲବ ଶିକ୍ଷକ ଅମିତାଭ ମିଶ୍ର ସଂଯୋଜନା କରିଥିଲେ । ତମାଖୁ ବ୍ୟବହାର ଦ୍ୱାରା ସମାଜରେ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କିଭଳି ପ୍ରଭାବିତ ହେଉଛି ଏବଂ ବିଶେଷ କରି ସ୍ୱାସ୍ଥ୍ୟ କ୍ଷେତ୍ରରେ ଆକ୍ରାନ୍ତ ବ୍ୟକ୍ତିବିଶେଷ କିଭଳି ମାରାତ୍ମକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା । ଶିକ୍ଷକ ପ୍ରଦୀପ କୁମାର ଦଣ୍ଡପାଟ, ଅମୃତ କୁମ୍ଭକାର, ରାଜୀବ ଲୋଚନ ଜେନା, ମନୋଜ କୁମାର ପରିଡା, ଚିତ୍ତ ରଂଜନ ଗିରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଛାତ୍ରୀ ରିତୁପର୍ଣ୍ଣା ସାହୁ, ଅନନ୍ୟା ଦାସ, ସାଇ ଶିବାଜୀ ମହାଲିକ, ଛାତ୍ର ଶୁଭଙ୍କର ବେହେରା, ସୂରଜ କୁମାର ମହାପାତ୍ର, ମାନସ କୁମାର ଜେନାଙ୍କୁ ପୁରସ୍କୃତ କରାଯାଇଥିଲା ।

## ‘ଗରିବ କଲ୍ୟାଣ ସମ୍ମିଳନୀ’ ଆଭାସି କାର୍ଯ୍ୟକ୍ରମ ଜିଲ୍ଲା ସ୍ତରରେ ପ୍ରଦର୍ଶନ



ଭଦ୍ରକ, ୩୧/୦୫ (ନି.ପ୍ର): କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରାଳୟ ଆନୁକୂଲ୍ୟରେ ହିମାଚଳ ପ୍ରଦେଶର ସିମଲା ଠାରେ ଆୟୋଜିତ ଗରିବ କଲ୍ୟାଣ ସମ୍ମିଳନୀ କାର୍ଯ୍ୟକ୍ରମକୁ ସରକାରୀ ନିର୍ଦ୍ଦେଶ ମତେ ଆଭାସି ଜରିଆରେ ପ୍ରଦର୍ଶନ ନେଇ ଜିଲ୍ଲା ସ୍ତରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡି.ଆର୍.ଡି.ଏ. ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଂସଦ, ଭଦ୍ରକ ଲୋକସଭା ମଞ୍ଜୁଲତା ମଣ୍ଡଳ, ଧାମନଗର ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ୍, ଜିଲ୍ଲା ପରିଷଦର ସଭାପତି ଟୁନିବାଳା ବିଶ୍ୱାଳ, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଏ.ପି.ଡି. କୁଶଳ ଚନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ । ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ଜନକଲ୍ୟାଣକାରୀ ଯୋଜନାର ହିତାଧିକାରୀ ମାନଙ୍କ ସହ ଆଭାସି ଜରିଆରେ ଭାବବିନିମୟର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୮ ବର୍ଷ ଧରି ସରକାରଙ୍କ ସେବାର ସୁଶାସନ ଓ ଗରିବ କଲ୍ୟାଣ କଥା କହିଥିଲେ । ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ଡିଜିଟାଲ ମାଧ୍ୟମରେ ପ୍ରଧାନ ମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ୧୦ କୋଟିରୁ ଅଧିକ କୃଷକଙ୍କ ଖାତାରେ ୧୧ତମ କିସ୍ତିରେ ୨୧ ହଜାର କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରିଥିଲେ । ବକ୍ତବ୍ୟ ପ୍ରସଙ୍ଗରେ ଦେଶର ଗରିବଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା, ଉଜ୍ଜ୍ୱଳା ଯୋଜନା, ଜଳଜୀବ ମିଶନ୍, ମାତୃ ବନ୍ଦନା ଯୋଜନା, ମୁଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା, ଅମୃତ ଯୋଜନା, ପୋଷଣ ଅଭିଯାନ, ୱାନ୍ ନେସନ୍ ୱାନ୍ ରାସନ୍ କାର୍ଡ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆଦିର କଲ୍ୟାଣକାରୀ ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଦେଶର ପ୍ରତ୍ୟେକ ଗରିବ ଏହିସବୁ ସୁଯୋଗର ଲାଭ ଉଠାଇବାକୁ ସେ ଆହ୍ୱାନ ଦେଇଥିଲେ । ଭଦ୍ରକ ମ୍ୟୁନିସିପାଲିଟିର ଅଧକ୍ଷା ଗୁଲମକି ଦଲୱାଜି, ଭଦ୍ରକ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ, ବିଭିନ୍ନ ଯୋଜନାର ହିତାଧିକାରୀ, ଜିଲ୍ଲା ସ୍ତରୀୟ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ ଅନ୍ୟ କେତୋଟି ପୌରାଞ୍ଚଳ ଓ ପଞ୍ଚାୟତ ସମିତିର ଅଧକ୍ଷ ଏହି ଜିଲ୍ଲା ସ୍ତରୀୟ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, BHADRAK.**
ee_rwbdk2@yahoo.co.in
*“e” Procurement Notice for Road Works*
*Identification Online Tender 01/RWD/BDK-II / 2022-23 Dtd.18.05.2022*

1. Name of the Work :- Road Work as per Annexure
2. Total Number of Works :- 34 Nos
3. Approximate Estimated Cost :- 7.08 to 44.25 lakhs
4. Class of Contractor :- As Per Annexure
5. Period of Completion :- As Per Annexure
6. Other details : - The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Bhadrak | 01 | 08.06.2022 at 3.00 P.M. | 17.06.2022 up to 4.00 P.M | 16.06.2022 up to 3.00 P.M | 18.06.2022 at 11.00 AM |

7. Further details can be seen from the e-procurement portal “https://www.tendersorissa.gov.in”
8. Any other changes / Corrigendum may be seen only in website www.tendersorissa.gov.in

OIPR : 25090/11/0001/2223

Superintending Engineer
R.W. Division-II,Bhadrak

